R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୧
ତିଥି : ଦଶମୀ
୨୬ ଏପ୍ରିଲ ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 201
26 April 2026, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ହରମୁଜ୍ ପ୍ରଣାଳୀ ସାଜିଛି ବାଧକ

# ଆମେରିକା-ଇରାନ ଆଲୋଚନା ବିଫଳ



**▸▸ ଇରାନ ପ୍ରତିନିଧି ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ**

**▸▸ ଆମେରିକା ପ୍ରତିନିଧିଙ୍କ ଇରାନ ଗସ୍ତକୁ ବାତିଲ କଲେ ଟ୍ରମ୍ପ**

ନୂଆଦିଲ୍ଲୀ,୨୫।୪: ଇରାନର ବୈଦେଶିକ ମନ୍ତ୍ରୀ ଆବାଶ ଅର୍ଗିଚ ପ୍ରତିନିଧି ଦଳ ସହ ଇସ୍ଲାମାବାଦରେ ପହଞ୍ଚିଛନ୍ତି । ହେଲେ ଆମେରିକା-ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ନେଇ କୌଣସି ଯୋଜନା ନଥିବା ସୂଚନା ମିଳିଛି । ବରଂ ପାକିସ୍ତାନ ସହ ଆଲୋଚନା ହେବ ବୋଲି କୁହାଯାଉଛି । ପାକିସ୍ତାନ ପକ୍ଷରୁ ମଧ୍ୟସ୍ଥତା କରାଯାଇ ଇରାନ ଓ ଆମେରିକା ମଧ୍ୟରେ ଏକ ବୁଝାମଣା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ମାତ୍ର ଏହା ଏବେ ଠପ୍ ହୋଇଯାଇଛି ।

ପାକ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଇରାନର ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ସହବାଜ ସରିଫଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଆଲୋଚନା ପରେ ପାକର ଉପପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଓ ସେନା ମୁଖ୍ୟ ଅସିମ ମୁନିର ଉପସ୍ଥିତ ଥିଲେ । ଇତି ଅବସରରେ ଇରାନର ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ସହ କୌଣସି ପ୍ରତ୍ୟକ୍ଷ ଆଲୋଚନା ହେବ ନାହିଁ । କେବଳ ପାକିସ୍ତାନକୁ ଇରାନର ଚିନ୍ତା ଓ ସ୍ଥିତି ସମ୍ପର୍କରେ ଅବଗତ କରାଯିବ । ଇରାନର ପ୍ରତିନିଧିମାନେ ପାକିସ୍ତାନର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିବେ ଓ ପାକର ମଧ୍ୟସ୍ଥତା ପ୍ରଚେଷ୍ଟାକୁ ସମର୍ଥନ କରିବେ । ତେବେ ଆମେରିକା ଯେଉଁ ଭଳି ଭାବରେ ଯୁଦ୍ଧ ଲଦି ଦେଉଛି ତାହାକୁ ନେଇ ଇରାନ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ତେବେ ଅନିଶ୍ଚିତତା ମଧ୍ୟରେ ପାକର ଅଧିକାରୀମାନେ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରଚେଷ୍ଟା ଚାଲିଛି । ଇସ୍ଲାମାବାଦ ଏକ୍ଷେତ୍ରରେ କାର୍ଯ୍ୟ କରୁଛି । ଉଭୟ ଦେଶକୁ ବୁଝାମଣା ଲାଗି ଗୋଟିଏ ଟେବୁଲରେ ଆଣିବା ପାଇଁ ଯୋଜନା କରାଯାଉଛି । ଉପରାଷ୍ଟ୍ରପତି ଜେଡି ଭାନ୍ସ ୱାଶିଂଟନରେ ( ୯ ପୃଷ୍ଠାରେ)

### ବିଶ୍ୱ ପାଣିପାଗ ମଡେଲର ଆକଳନ

# ଓଡ଼ିଶାରେ ସ୍ୱାଭାବିକ ମୌସୁମୀ ବର୍ଷା

## ଦ୍ୱିତୀୟାର୍ଦ୍ଧରେ ଅଧିକ ଶକ୍ତିଶାଳୀ ହେବ ମୌସୁମୀ



ଭୁବନେଶ୍ୱର, ୨୫।୪ (ସବ୍ୟୁ) : ବିଶ୍ୱସ୍ତରୀୟ ପାଣିପାଗ ମଡେଲଗୁଡ଼ିକର ଆକଳନ ଅନୁଯାୟୀ ଏଥର ମୌସୁମୀରେ ସ୍ୱାଭାବିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ପୂର୍ବରୁ ଯେଉଁ ଅନୁମାନ ହେଉଥିଲା ତାହାସହ ଏହା ମେଳ ଖାଉଛି । ଏଲ୍‌ନିନୋ ଓ ଆଇଓଡିର ସ୍ଥିତିକୁ ନେଇ ଏହି ଆକଳନ ହେଉଛି ।

ବୈଜ୍ଞାନିକ କାରଣ ହେଉଛି ଯେ ସବ୍ ସରଫେସ୍ କୁଲିଂ ଯୋଗୁ ସମୁଦ୍ର ଗଭୀରରେ ଥିବା ଥଣ୍ଡା ଜଳର ସ୍ରୋତ ଦ୍ରୁତ ଗତିରେ ଉପର ଭାଗକୁ ଆସୁଥିବାରୁ ଏଲ୍‌ନିନୋ ପ୍ରସମିତ ହୋଇ ଲାନିନା ପାଇଁ ପଥ ପରିଷ୍କାର କରୁଛି । ଭାରତ ମହାସାଗରରେ ବର୍ତ୍ତମାନ ସ୍ଥିତି ସ୍ଥିର ରହିଛି । ଅଗଷ୍ଟ, ସେପ୍ଟେମ୍ବର ବେଳକୁ ଏହା ସକରାତ୍ମକ ହେବାର ସଙ୍କେତ ମିଳୁଛି । ଯାହା ଓଡ଼ିଶାରେ ମୌସୁମୀର ଦ୍ୱିତୀୟାର୍ଦ୍ଧକୁ ଅଧିକ ଶକ୍ତିଶାଳୀ କରିବ । ସମଗ୍ର ଦେଶ ପାଇଁ ମୌସୁମୀ ବର୍ଷାର ହାରାହାରି ଦୀର୍ଘମିଆଦି ପରିମାଣ ୧୦୪% ରହିବାକୁ ଥିବାବେଳେ ଓଡ଼ିଶା ପାଇଁ ସ୍ୱାଭାବିକ ରହିବାର ସମ୍ଭାବନା ରହିଛି । ଜୁନ୍‌ରେ ସମଗ୍ର ଦେଶରେ ୯୬% ବର୍ଷା ହେବାର ସମ୍ଭାବନା ଥିବାବେଳେ ଓଡ଼ିଶାରେ ( ୯ ପୃଷ୍ଠାରେ)

### ରାଘବ ଚଡ୍ଡାଙ୍କ ଲୋକପ୍ରିୟତା ହ୍ରାସ

# ୨୪ ଘଣ୍ଟାରେ ୧୦ ଲକ୍ଷ ଫଲୋୟର କଟିଲେ



ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଆପ୍ ଛାଡି ବିଜେପିରେ ଯୋଗ ଦେଇଥିବା ସାଂସଦ ରାଘବ ଛଡା ଜେନ ଜେଡର ରୋସର ଶିକାର ହୋଇଛନ୍ତି । ଶ୍ରୀ ଚଡାଙ୍କ ଲୋକପ୍ରିୟତା ଯୁବକମାନଙ୍କ ମଧ୍ୟରେ ଅଧିକ ଥିଲା । ମାତ୍ର ବିଜେପିରେ ଯୋଗଦେବାର ଗୋଟିଏ ଦିନ ପରେ ଇନଷ୍ଟାଗ୍ରାମରେ ସେ ତାଙ୍କର ୧୦ ଲକ୍ଷ ଫଲୋଅରଙ୍କୁ ହରାଇଛନ୍ତି । ତାଙ୍କର ଲୋକପ୍ରିୟତା କମିଛି । ( ୯ ପୃଷ୍ଠାରେ)

### ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ କାର୍ଯ୍ୟକ୍ରମ

# ନୂତନ ପ୍ରାଣୀ ଚିକିତ୍ସାଳୟ, ଲ୍ୟାବ୍ ଲାଗି ୧୭୭ କୋଟିର ଏମ୍ଓୟୁ



ଭୁବନେଶ୍ୱର, ୨୫।୪ (ସବ୍ୟୁ) : ବିଶ୍ୱ ପ୍ରାଣିଚିକିତ୍ସା ଦିବସ ଅବସରରେ ଆଜି ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣିଚିକିତ୍ସାଳୟର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି । ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ପିଏସ୍‌ୟୁ ସହ ଏମ୍ଓୟୁ ମଧ୍ୟ ସ୍ୱାକ୍ଷର ହୋଇଛି । ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ । ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' ଚିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ମତ୍ସ୍ୟଜୀବୀଙ୍କ ( ୯ ପୃଷ୍ଠାରେ)

## ଦଳ ଛାଡ଼ିଥିବା ଆପ୍ ସାଂସଦଙ୍କ ସଦସ୍ୟତା ରଦ୍ଦ ଲାଗି ଆବେଦନ

ନୂଆଦିଲ୍ଲୀ, ୨୫।୪ : ଆପ୍‌ରୁ ଇସ୍ତଫା ଦେଇଥିବା ରାଜ୍ୟସଭାର ୭ ସାଂସଦଙ୍କ ସଦସ୍ୟତା ପଦ ବାତିଲ କରିବା ପାଇଁ ଦଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ରାଜ୍ୟସଭା ସାଂସଦ ଓ ଆପ ନେତା ସଞ୍ଜୟ ସିଂ ଏହି ମର୍ମରେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ, ଏହି ୭ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରାଯାଉଛି । ଦଳ ବଦଳ ନିରୋଧ ଆଇନ ଅନୁଯାୟୀ ରାଜ୍ୟସଭା ଓ ଲୋକସଭାରେ କୌଣସି ପ୍ରକାର ବିଭାଜନ ହୋଇପାରିବ ନାହିଁ । ଏଥିପାଇଁ କୌଣସି ବୈଧାନିକ ( ୯ ପୃଷ୍ଠାରେ)

### ରେଳଧାରଣାରୁ ମହିଳାଙ୍କ ଶବ ଜବତ

# ୫ ବର୍ଷରେ ୨୭୨ ମୃତ୍ୟୁ ରହସ୍ୟ ଖୋଲିନି

ଭୁବନେଶ୍ୱର, ୨୫।୪ (ସବ୍ୟୁ) : ରେଳଧାରଣାରୁ ଜଣେ ମହିଳାଙ୍କ ଶବ ସନ୍ଦେହଜନକ ଅବସ୍ଥାରେ ଶନିବାର ଉଦ୍ଧାର କରିଛି ଜିଆର ପୋଲିସ । ଏହିପରି ୫ ବର୍ଷରେ ରେଳଧାରଣାରୁ ଜିଆର ପୋଲିସ ୨୭୨ ଜଣ ମୃତକଙ୍କ ଶବ ଉଦ୍ଧାର କରିଥିଲେ ମଧ୍ୟ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ । ହତ୍ୟାକାରୀ ନିଜକୁ ସୁରକ୍ଷା ଦେବା ପାଇଁ ଶବକୁ ରେଳଧାରଣାରେ ଫୋପାଡି ଦେଉଥିବା ଅଭିଯୋଗ ହେଉଛି । ୨୭୨ ମଧ୍ୟରୁ ଅନେକଙ୍କ ପରିଚୟ ମିଳିପାରିନଥିବାରୁ ସରକାର ସେହି ସବୁ ଶବକୁ ଦାହ କରିଛନ୍ତି ।

ଦୁର୍ଗେଶୀ ସାମଲ(୩୨)ଙ୍କ ଘର ନୟାଗଡ ଖଣ୍ଡପଡା ଅଞ୍ଚଳରେ । ବିବାହ ପରେ ସ୍ୱାମୀ ସହ ବିବାଦ ହେବାରେ ସେ ସ୍ୱାମୀଙ୍କୁ ଛାଡି ଏକୁଟିଆ ରହୁଥିଲେ । ଏପରିକି ସ୍ୱାମୀଙ୍କୁ ଛାଡପତ୍ର ନୋଟିସ୍ ପଠାଇଛନ୍ତି । କେଉଁ ପରିସ୍ଥିତିରେ କିପରି ଭାବେ ଶୁକ୍ରବାର ରାତିରେ ତାଙ୍କ ଶବ ରେଳଧାରଣାକୁ ଆସିଲା ତାହା ସ୍ପଷ୍ଟ ହୋଇନାହିଁ । ତାଙ୍କ ମା'ଙ୍କ କହିବାନୁଯାୟୀ ମୋ ଝିଅକୁ କେହି ଦୁର୍ବୃତ୍ତ ହତ୍ୟା କରି ନିଜକୁ ସୁରକ୍ଷା ଦେବା ପାଇଁ ରେଳଧାରଣାରେ ପକାଇ ଦେଇଛି । ଭିଏସଏସ୍ ନଗରରୁ ବାଣିବିହାର ମଧ୍ୟରେ ଥିବା ରେଳ ଧାରଣାରେ ଦୁର୍ଗେଶୀଙ୍କ ଶବ ପଡିଥିବା ଖବର ପାଇ ଭୁବନେଶ୍ୱର ଜିଆର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପଞ୍ଚନାମା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଲା ପୋଲିସ । ମହିଳାଙ୍କ ମା' କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଜିଆର ଇନ୍ସପେକ୍ଟର ଅଶୋକ ଗୋଛାୟତ କହିଛନ୍ତି ।

ଜିଆର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ଇନ୍ସପେକ୍ଟରଙ୍କ କହିବାନୁଯାୟୀ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲେ ମଧ୍ୟ ତଦନ୍ତକୁ ଭିନ୍ନ ଢଙ୍ଗରେ କରାଯାଉଛି । ମୃତ ମହିଳା ସ୍ୱାମୀ ପାଖରେ ରହୁନଥିବାରୁ ସେ ଭିଏସଏସ୍ ନଗରରେ କାହା ସହିତ କିପରି ରହୁଥିଲେ ତଦନ୍ତ ଆଗକୁ ବଢିଲେ ସ୍ପଷ୍ଟ ହେବ । ସେ ଏକୁଟିଆ ରହୁଥିବା ନେଇ ସ୍ପଷ୍ଟ କରିନାହିଁ ପୋଲିସ । ବାସ୍ତବରେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ରେଳଧାରଣାରେ ଫୋପାଡି ଦେଇଛି ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ଜଣାପଡିବ ବୋଲି ( ୯ ପୃଷ୍ଠାରେ)

# ଜରୁରୀ ମାମଲା ବ୍ୟତୀତ ଅନ୍ୟ ନିବନ୍ଧନ ପଞ୍ଜୀକରଣ ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୪ (ସବ୍ୟୁ) : ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ନିବନ୍ଧନ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏ ସଂକ୍ରାନ୍ତରେ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନଙ୍କୁ କଡା ନିର୍ଦ୍ଦେଶ ଜାରି କରିଛନ୍ତି ।

ଦଲିଲ୍ ନିବନ୍ଧନ କିମ୍ବା ଜମା ପାଇଁ ବହୁ ସଂଖ୍ୟକ ମାମଲାରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ ନଜରକୁ ଆସିଛି । ଏହା ଭାରତୀୟ ନିବନ୍ଧନ ଆଇନ, ୧୯୦୮ ଏବଂ ଓଡିଶା ନିବନ୍ଧନ ନିୟମ, ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମୁଚିତ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ।

ଆଇନ୍ ଅନୁଯାୟୀ, ଘରେ ଯାଇ ନିବନ୍ଧନ କେବଳ ବିଶେଷ ସ୍ଥିତିରେ ମାତ୍ର ଅନୁମୋଦନ କରାଯାଇପାରିବ । ଯଦି କୌଣସି ବ୍ୟକ୍ତି ଶାରୀରିକ ଅସୁସ୍ଥତା, ( ୯ ପୃଷ୍ଠାରେ)




# ସ୍ୱତନ୍ତ୍ର ଅଧିବେଶନ ନେଇ ଶାସକ-ବିରୋଧୀ ବାକ୍‌ଯୁଦ୍ଧ



**➩ ମହିଳାଙ୍କ ଲାଗି କୁମ୍ଭୀର କାନ୍ଦଣା କାନ୍ଦୁଥିଲା ବିଜେଡି : ଗୋକୁଳାନନ୍ଦ**

**➩ ଡ୍ରାମା କରିବାକୁ ଡକାଯାଇଛି : ଅରୁଣ**

ଭୁବନେଶ୍ୱର, ୨୫।୪ (ସବ୍ୟୁ) : ଆସନ୍ତା ୩୦ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି । ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରାଯିବ । ତେବେ ସ୍ୱତନ୍ତ୍ର ଅଧିବେଶନ ପ୍ରସଙ୍ଗକୁ ନେଇ ଏବେ ବିରୋଧୀ ଓ ଶାସକ ମୁହାଁମୁହିଁ ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି । ଅଧିବେଶନ ପୂର୍ବରୁ ଏଭଳି ବାକ୍ ଯୁଦ୍ଧ ଅଧିବେଶନକୁ ବେଶ୍ ସରଗରମ କରିବ ବୋଲି ଆଲୋଚନା ହେଉଛି ।

ସଂସଦରେ ସମ୍ବିଧାନ ସଂଶୋଧନ ବିଲ୍ ଯାହା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣାଯାଇଥିଲା ତାହା କାଟ୍ ଖାଇଲା । ଏହି ବିଲ୍ ସହ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌କୁ ଶାସକ ଦଳ ପକ୍ଷରୁ ଯୋଡ଼ା ଯାଇଥିଲା । ତେବେ ଏହା କାଟ୍ ଖାଇବା ପରେ ବିଜେପି ପକ୍ଷରୁ ଦେଶବ୍ୟାପୀ ଏହାର ପ୍ରତିବାଦ କରାଯାଇ ବିରୋଧୀ ଦଳଗୁଡ଼ିକୁ କାଠଗଡାରେ ଠିଆ କରାଯାଉଛି । ବିରୋଧୀ ଦଳଗୁଡ଼ିକ ମହିଳା ବିରୋଧୀ ବୋଲି ଚିତ୍ରଣ କରାଯାଇ ମହିଳା ଆକ୍ରୋଶ ସମାବେଶ ହେଉଛି । ଏବେ ବିଧାନସଭାରେ ଏହି ପ୍ରସଙ୍ଗ ଆଣି ବିରୋଧୀଙ୍କୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ ହେଉଛି । ଚର୍ଚ୍ଚା ଅନୁଯାୟୀ ମହିଳା ସଂରକ୍ଷଣ ବିଲ୍ ସପକ୍ଷରେ ପ୍ରସ୍ତାବ ପାରିତ କରିବା ପାଇଁ ଶାସକ ଦଳ ଅଣ୍ଟା ଭିଡ଼ିଛି । ତେବେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ କୌଣସି କାରଣ ନଥାଇ କେନ୍ଦ୍ର ସରକାର ସଂସଦ ଅଧିବେଶନ ଡାକିଥିଲେ । ଏହା ପୂର୍ବରୁ ୪୮ ଘଣ୍ଟାରେ ବିଧାନସଭା ଅଧିବେଶନ ଡାକିବାକୁ ବିରୋଧୀ ଦଳ ନେତା ଦାବି କରିଥିଲେ । ବିଲ୍ ଆସିବା ପୂର୍ବରୁ ବିଜେପି ପ୍ରଚାର କଲା । ଏବେ ସ୍ୱତନ୍ତ୍ର ଅଧିବେଶନ ଡାକି ଡ୍ରାମା କରୁଛନ୍ତି । ୩୦ ତାରିଖରେ ଦେଖାଦେଖି ହେବ ବୋଲି ସେ କହିଛନ୍ତି । ଅପରପକ୍ଷରେ ଅରୁଣଙ୍କୁ ଜବାବ ଦେଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣକୁ ବିରୋଧ କରାଗଲା । ସେ ବିଷୟରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି । ମହିଳାଙ୍କୁ ଯେଉଁ ଦେଶ ଓ ରାଜ୍ୟ ଅଗ୍ରାଧିକାର ଦେଇଛି ସେ ଦେଶ ସେତେ ଆଗୁଆ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ବିରୋଧୀମାନେ ବିରୋଧ କଲେ ତାହା ନିନ୍ଦନୀୟ । ବିଜେଡି ତାଙ୍କ ସମୟରେ ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲା । ଗାଁକୁ କାମ, ମା'କୁ ସମ୍ମାନ କହୁଥିଲେ । କିନ୍ତୁ ମହିଳା ନିର୍ଯାତନା ଦିଆଯାଉଥିଲା । ଏବେ ସେମାନେ ଯାହା କରିପାରିନାହାନ୍ତି ବିଜେପି ତାହା କରୁଛି ବୋଲି ସେମାନେ ( ୯ ପୃଷ୍ଠାରେ)

## ଇତିହାସ

୧୬୫୪ - ଇହୁଦିଙ୍କୁ ବ୍ରାଜିଲରୁ ବାହାର କରାଯାଇଥିଲା ।
୧୮୪୧ - ବମ୍ବେ ଗ୍ୟାଜେଟ୍ ପତ୍ରିକା ପ୍ରଥମଥର ପାଇଁ ରେଶମ କପଡାରେ ପ୍ରକାଶିତ ।
୧୯୦୩ - ଦକ୍ଷିଣ ଆଫ୍ରିକାରେ ମହାତ୍ମାଗାନ୍ଧିଙ୍କର ଓକିଲାତି ଆରମ୍ଭ ।
୧୯୨୦ - ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ନିଧନ ।
୧୯୨୬ - ଜର୍ମାନୀ ଏବଂ ଋଷ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
୧୯୬୨ - ଚନ୍ଦ୍ରପୃଷ୍ଠରେ ଆମେରିକାର ପ୍ରଥମ ମହାକାଶଯାନ ।
୧୯୭୫- ଭାରତର ୨୨ ତମ ରାଜ୍ୟ ଭାବେ ସିକ୍କିମ୍‌କୁ ମାନ୍ୟତା ।
୧୯୯୦ - ଲଗାତାର ୪୬୩ ସେକେଣ୍ଡ ଡିସ୍କୋ ଡ୍ୟାନ୍ସ କରି ବିଆର୍‌ପି ମେନନ୍‌ଙ୍କର ବିଶ୍ୱ ରେକର୍ଡ ।



## ବଢ଼ିବ ହଜମ ଶକ୍ତି

ଅସନ୍ତୁଳିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ ଏବଂ ମାନସିକ ଚାପ ସିଧାସଳଖ ଭାବେ ଆମର ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଯାହାଫଳରେ ଏସିଡିଟି, କୋଷ୍ଠକାଠିନ୍ୟ ଏବଂ ବଦହଜମି ଭଳି ସମସ୍ୟା ଦେଖାଦେଇଥାଏ । ଏକ ସର୍ଭେ ଅନୁସାରେ ଭାରତର ପ୍ରାୟ ୨୨ ପ୍ରତିଶତ ବୟସ୍କ ଲୋକ କୋଷ୍ଠକାଠିନ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାକୁ ସୁଧାରିବା ପାଇଁ ଖାଦ୍ୟପେୟରେ ଫାଇବରଯୁକ୍ତ ଫଳ, ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ସାମିଲ କରିବା ଜରୁରୀ । କାରଣ ଏହା ଆମ ଅନ୍ତନଳୀରେ ଥିବା ଉପକାରୀ ବ୍ୟାକ୍ଟେରିଆ ବା ଗୁଡ୍ ମାଇକ୍ରୋବ୍ସ ସଂଖ୍ୟା ବୃଦ୍ଧି କରିବା ସହ ପୋଷକ ତତ୍ତ୍ୱର ଅବଶୋଷଣରେ ସାହାଯ୍ୟ କରିଥାଏ । ବିଶେଷଜ୍ଞଙ୍କ ମତରେ, ହଜମ ପ୍ରକ୍ରିୟାକୁ ବଜାୟ ରଖିବା ପାଇଁ ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଏବଂ ଖାଦ୍ୟକୁ ଅତି ଧୀରେ ଧୀରେ ଚୋବାଇ ଖାଇବା ଏକ ବୈଜ୍ଞାନିକ ଉପାୟ । ଏହାଫଳରେ ଶରୀରରେ ଆବଶ୍ୟକୀୟ ଏନଜାଇମ୍ ଏବଂ ଗ୍ୟାଷ୍ଟ୍ରିକ୍ ଜୁସ୍ ସଠିକ୍ ପରିମାଣରେ ନିର୍ଗତ ହୋଇଥାଏ । ଅନ୍ୟପଟେ, ପ୍ରୋସେସଡ୍ ଫୁଡ୍, ଅଧିକ ମିଠା ଓ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ଖାଇବା ଏବଂ ଶୋଇବା ପୂର୍ବରୁ ଭାରି ଭୋଜନ କରିବା ଭଳି ଭୁଲ୍ ଅଭ୍ୟାସରୁ ନିବୃତ୍ତ ରହିବାର ଅଛି । ଏହା ଅନ୍ତନଳୀର ସୁରକ୍ଷା ସ୍ତରକୁ ଦୁର୍ବଳ କରିଥାଏ । ତେଣୁ ଏକ ସୁସ୍ଥ ଶରୀର, ଶକ୍ତିଶାଳୀ ରୋଗ ପ୍ରତିରୋଧକ ଶକ୍ତି ଏବଂ ମାନସିକ ସୁସ୍ଥତା ପାଇଁ ସୁଷମ ଖାଦ୍ୟ ଓ ସକ୍ରିୟ ଜୀବନଶୈଳୀ ଆପଣାଇ ହଜମ ଶକ୍ତିକୁ ସୁଦୃଢ଼ କରିବା ନିହାତି ଆବଶ୍ୟକ ।

## ସୋସିଆଲ କୋଟ୍ସ



ମୋତେ କ୍ରିକେଟରଙ୍କ ବାୟୋପିକ୍‌ରେ କୌଣସି ଇଣ୍ଟରେଷ୍ଟ୍ ନାହିଁ । ଧୋନିଙ୍କ ବାୟୋପିକ ମଧ୍ୟ ଖୁବ ଶୀଘ୍ର ତିଆରି ହୋଇଛି । ସେ ଖେଳରେ ଆକ୍ଟିଭ ଥିବାସମୟରେ, ତାଙ୍କ ବାୟୋପିକ୍ ପ୍ରସ୍ତୁତ ହେବାର ନଥିଲା ।

**-ବିଶାଲ ଭରଦ୍ୱାଜ, ଫିଲ୍ମ ମେକର**



ମା' ସବୁବେଳେ ଭାବନ୍ତି ରାଧିକା ବିନୟ ମୋତେ ସ୍କ୍ରିନ୍‌ରେ ସବୁଠାରୁ ଭଲ ପ୍ରୋଜେକ୍ଟ କରିପାରନ୍ତି । ଯେତେବେଳେ ମା'ୟାରିଆଁର ସେଟ୍‌କୁ ଆସିଥିଲେ ମୋ ଲୁକ୍‌ର ଖୁବ ପ୍ରଶଂସା କରିଥିଲେ ।

**-ଦିବ୍ୟା ଖୋସଲା, ଅଭିନେତ୍ରୀ**



ପ୍ରାଇଜ୍ ମନି କେବେ ବି ସଙ୍ଗେସଙ୍ଗେ ମିଳି ନଥାଏ । ବିଗ୍ ବସ୍‌ର ପେମେଣ୍ଟ ମେଥଡ ଅଲଗା । ମୋ ସିଜିନ ସରିବାର ୬ମାସ ପରେ ମୋତେ ପ୍ରାଇଜ ମନି ମିଳିଥିଲା । ସେହିଭଳି ସମୁଦାୟ ଅର୍ଥର ୩୦ ପ୍ରତିଶତ ଟ୍ୟାକ୍ସରେ ମଧ୍ୟ କଟିଥାଏ ।

**-ଦିବ୍ୟା ଅଗ୍ରୱାଲ, ଅଭିନେତ୍ରୀ**



## ପସନ୍ଦ ଆସିବ କେମେଷ୍ଟ୍ରୀ

ବଲିଉଡର ଭାଇଜାନ୍ ସଲମାନ ଖାନ ଏବଂ ସାଉଥ୍ ସୁପରଷ୍ଟାର ନୟନତାରାଙ୍କ ବହୁ ପ୍ରତିକ୍ଷିତ ନୂଆ ଚଳଚ୍ଚିତ୍ରର ଶୁଟିଂ ମୁମ୍ବାଇରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ଖବରଟି ସୋସିଆଲ ମିଡିଆରେ ପୋଷ୍ଟ ହେବାପରେ ସମସ୍ତେ ଦୁଇ ଷ୍ଟାରଙ୍କ କେମେଷ୍ଟ୍ରୀ ନେଇ ଚର୍ଚ୍ଚା ଆରମ୍ଭ କରିଛନ୍ତି । ଦର୍ଶକଙ୍କୁ ଏହି ଯୋଡି ପସନ୍ଦ ଆସିବ ବୋଲି ମତ ପ୍ରକାଶ ପାଇବାରେ ଲାଗିଛି । ପ୍ରଥମ ଥର ପାଇଁ ଏହି ଦୁଇ ବଡ଼ ତାରକା ଏକାଠି ସ୍କ୍ରିନ ଶେୟାର କରୁଥିବା ବେଳେ ଏହି ଆକ୍ସନ-ଥ୍ରୀଲର ଚଳଚ୍ଚିତ୍ରର ବର୍ତ୍ତମାନସୁଦ୍ଧା 'SVC63' ନାମ ଦିଆଯାଇଛି । ସାଉଥ ପ୍ରଖ୍ୟାତ ନିର୍ଦ୍ଦେଶକ ବାମଶୀ ପେଡିପାଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ମେଗା ବଜେଟ୍ ଫିଲ୍ମଟି ହାଇ-ଲେଭଲ୍ ଆକ୍ସନ ଏବଂ ଇମୋସନାଲ କାହାଣୀର ସମନ୍ୱୟ ହେବ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଏହି ଚଳଚ୍ଚିତ୍ରରେ ସଲମାନ ଖାନଙ୍କୁ ଏକ ସମ୍ପୂର୍ଣ୍ଣ ନୂଆ ଏବଂ ହଟକେ ଅନ୍ଦାଜରେ ଦେଖିବାକୁ ମିଳିବ ।





## ଓଡ଼ିଆ ରୁଚି



## ପନିର ବେସର

**ସାମଗ୍ରୀ:** ପନିର ୨୫୦ ଗ୍ରାମ, ବଡ଼ ଆଳୁ, ବାଇଗଣ, ୨ ଚାମଚ ସୋରିଷ, ୧ ଚାମଚ ଜିରା, ୬-୭ କୋଲା ରସୁଣ ଏବଂ ୨ଟି ଶୁଖିଲା ଲଙ୍କାକୁ ବାଟି ଦିଅନ୍ତୁ । ଆମ୍ବୁଲ, ସୋରିଷ ତେଲ, ପଞ୍ଚ ଫୁଟଣ, କଟା ପିଆଜ ଏବଂ କଞ୍ଚା ଲଙ୍କା । ହଳଦୀ, ଲୁଣ ଏବଂ କଟା ଧନିଆ ପତ୍ର ।

**ପ୍ରସ୍ତୁତି:** ପ୍ରଥମେ କଡ଼ାଇରେ ଅଳ୍ପ ତେଲ ଗରମ କରି ପନିର ଖଣ୍ଡଗୁଡ଼ିକୁ ହାଲୁକା ଭାଜି କାଢ଼ି ରଖନ୍ତୁ । ସେହିପରି କଟା ଆଳୁକୁ ମଧ୍ୟ ଅଳ୍ପ ଲୁଣ ଓ ହଳଦୀ ଦେଇ ଭାଜି ଦିଅନ୍ତୁ । କଡ଼ାଇରେ ପୁଣି ସୋରିଷ ତେଲ ଗରମ କରି ସେଥିରେ ପଞ୍ଚ ଫୁଟଣ ଓ ଶୁଖିଲା ଲଙ୍କା ପକାନ୍ତୁ । ଏହାପରେ କଟା ପିଆଜ ପକାଇ ନାଲି ହେବା ଯାଏ ଭାଜନ୍ତୁ । ଏବେ ସେଥିରେ ବାଟି ରଖିଥିବା ସୋରିଷ ବେସର ମସଲା ଏବଂ ହଳଦୀ ପକାନ୍ତୁ । ବେଶୀ କଷିଲେ ପିତା ଲାଗିବ । ମସଲାରେ ଭଜା ଆଳୁ, ବାଇଗଣ ଏବଂ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ଏହା ସହିତ ଧୁଆ ହୋଇଥିବା ଆମ୍ବୁଲକୁ ପକାଇ ଘୋଡ଼ାଇ ଦିଅନ୍ତୁ । ଆଳୁ ଅଧା ସିଝିଗଲେ ସେଥିରେ ଭଜା ପନିର ଖଣ୍ଡଗୁଡ଼ିକୁ ମିଶାନ୍ତୁ । ତରକାରୀ ଫୁଟି ବହଳିଆ ହୋଇ ଆସିଲେ ଏବଂ ଆମ୍ବୁଲର ଖଟା ଅଂଶ ଝୋଳ ସହ ମିଶିଗଲେ ଉପରେ କଟା ଧନିଆ ପତ୍ର ପକାଇ ଓହ୍ଲାଇ ଦିଅନ୍ତୁ ପ୍ରସ୍ତୁତ ହୋଇଯିବ ପନିର ବେସର ।

## ସପନରେ ଶୁଭୁଛି କି ଶବ୍ଦ



ଶୋଇବା ସମୟରେ କିମ୍ବା ନିଦ୍ରାବସ୍ଥାକୁ ଯିବା ପୂର୍ବରୁ ହଠାତ୍ କୌଣସି ବୋମା ବିସ୍ଫୋରଣ କିମ୍ବା ବିଜୁଳି ମାରିବା ଭଳି ଭୟଙ୍କର ଶବ୍ଦ ଶୁଣାଯିବାକୁ ଡାକ୍ତରୀ ଭାଷାରେ 'ଏକ୍ସପ୍ଲୋଡିଂ ହେଡ୍ ସିଣ୍ଡ୍ରୋମ' କୁହାଯାଏ । ଯାହା ପ୍ରକୃତରେ କୌଣସି ବାହ୍ୟ ଶବ୍ଦ ନୁହେଁ ବରଂ ମସ୍ତିଷ୍କର ଏକ ସାମୟିକ ଭ୍ରମ ମାତ୍ରବୋଲି ବିଶେଷଜ୍ଞ ବର୍ଣ୍ଣନା କରିଥାଆନ୍ତି । ବିଶେଷଜ୍ଞଙ୍କ ଅନୁସାରେ, ଶୋଇବା ଏବଂ ଜାଗ୍ରତ ଅବସ୍ଥା ମଧ୍ୟରେ ମସ୍ତିଷ୍କର ନିୟନ୍ତ୍ରଣ ବ୍ୟବସ୍ଥାରେ ସାମାନ୍ୟ ଅସନ୍ତୁଳନ ଦେଖାଦେଲେ ବ୍ରେନ୍ ଏଭଳି ସିଗନାଲ୍ ତିଆରି କରେ, ଯାହା ଫଳରେ ତୀବ୍ର ଶବ୍ଦର ଅନୁଭବ ହୋଇଥାଏ । ଏହା କୌଣସି ଗୁରୁତର ରୋଗ ବା ବ୍ରେନ୍ ଟ୍ୟୁମରର ସଙ୍କେତ ନୁହେଁ ଏବଂ ଏଥିରେ ଶରୀରର କୌଣସି ଆନ୍ତରିକ କ୍ଷତି ହୋଇନଥାଏ । ମାତ୍ର ଅତ୍ୟଧିକ ଚାପ , ଥକ୍କାପଣ ଏବଂ ଅନିଦ୍ରା କାରଣରୁ ଏହି ସମସ୍ୟା ବଢ଼ିପାରେ । ଯଦିଓ ଏଥିପାଇଁ କୌଣସି ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ପଡ଼େ ନାହିଁ, ତଥାପି ନିୟମିତ ୭ ରୁ ୮ ଘଣ୍ଟା ନିଦ୍ରା, ଶୋଇବା ପୂର୍ବରୁ ସ୍କ୍ରିନ୍ ଠାରୁ ଦୂରେଇ ରହିବା ଏବଂ ଗଭୀର ଶ୍ୱାସକ୍ରିୟା ବା ଧ୍ୟାନ କରିବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ । କିନ୍ତୁ ଯଦି ଏହି ସମସ୍ୟା ବାରମ୍ବାର ହେଉଥାଏ କିମ୍ବା ଏହା ସହିତ ମୁଣ୍ଡବିନ୍ଧା ଓ ଶରୀରରେ ଦୁର୍ବଳତା ଦେଖାଦିଏ, ତେବେ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ।

**ବୈଶାଖ ଶୁକ୍ଳ ଦଶମୀ**
**୨୬.୪.୨୦୨୬, ରବିବାର**



**ପଣ୍ଡିତ: ସତ୍ୟଶିବ ନନ୍ଦ**
**(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)**
**ମୋ:୮୯୧୭୨୮୪୩୩୮**

**ମେଷ:** ଶରୀର ଅସୁସ୍ଥ, ନୂତନ କର୍ମ ଆରମ୍ଭ, ପାରିବାରିକ ସ୍ନେହ, ବନ୍ଧୁଲାଭ, ବ୍ୟବସାୟରେ ମଧ୍ୟମ ଫଳ, ସୁସମାଚାର, ଚୁକ୍ତି ସମ୍ପାଦନ, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଯାତ୍ରାରେ ସତର୍କ, ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳାଚେକ୍, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

**ବୃଷ:** ଆର୍ଥିକ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁଲାଭ, ଦୂରଯାତ୍ରା, ଉଚ୍ଚ କାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ତୀର୍ଥାଟନ, ହଠାତ୍ ଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ବାହ୍ୟଶତ୍ରୁ ପରାଜିତ, ସନ୍ତାନଖୁସି, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

**ମିଥୁନ:** ଅର୍ଥଲାଭ, ଶୁଭଖବର, ଭୂସମ୍ପତ୍ତି ଲାଭ, ମାନସିକ ଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାମଲା ସମାଧାନ, ଗୃହଶତ୍ରୁ ଲାଗି କଷ୍ଟ, କର୍ମକ୍ଷେତ୍ରେ ପ୍ରଶଂସା, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶରୀର ସୁସ୍ଥ, ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟରେ ସହଯୋଗ, ଶୁଭଖବର, ଲୋକସମ୍ପର୍କ, ବିବାଦ ସମାଧାନ, ଉଚ୍ଚକାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ସନ୍ତାନ ସମସ୍ୟା, ଜମି ଗଣ୍ଡଗୋଳ, ବ୍ୟକ୍ତି ସହାୟତା, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**ସିଂହ:** ଯାତ୍ରାରେ କଷ୍ଟ, ଶରୀର ଅସୁସ୍ଥ, ଯୋଜନା ସଫଳ, ଗାଡ଼ି ଚାଳନାରେ ସାବଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ, ଦାମ୍ପତ୍ୟ ଖୁସି, ମଘା, ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କ ବୃଦ୍ଧି, ଶୁଭକାର୍ଯ୍ୟରେ ଅଗ୍ରଗତି, ନୂତନ ଚୁକ୍ତି, ଅର୍ଥଲାଭ, ଦେବକାର୍ଯ୍ୟରେ ଆନନ୍ଦ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ବନ୍ଧୁ ସହଯୋଗ, ଧର୍ମକାର୍ଯ୍ୟରେ ଆଗ୍ରହ, ଯୋଜନା ସଫଳ, ଶରୀର ସୁସ୍ଥ, ସନ୍ତାନ ଖୁସି, ଦୂରଯାତ୍ରା, ବ୍ୟବସାୟରେ ଉନ୍ନତି, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ପ୍ରତିକାର- ଗୋସେବା ।

**ବିଛା:** ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟା, କିଛି କାର୍ଯ୍ୟରେ ବିବାଦ, ନୂତନ କାର୍ଯ୍ୟାରମ୍ଭ, ଅର୍ଥଲାଭ, ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୭, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଆଶା ପୂର୍ଣ୍ଣ, ଦାମ୍ପତ୍ୟ ଖୁସି, ବନ୍ଧୁ ସହଯୋଗ, ଅର୍ଥକଷ୍ଟ, ସନ୍ତାନଲାଭ, ଦୂରଯାତ୍ରାରେ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ପ୍ରଶଂସା, ଅର୍ଥଲାଭ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, ଗୁରୁଜନଙ୍କ ପ୍ରଶଂସା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବିଦ୍ୟାରେ ସଫଳତା, ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**କୁମ୍ଭ:** ଧର୍ମକାର୍ଯ୍ୟରେ ଯୋଗ, ମାନସିକ ଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତି ଲାଭ, ନୂତନ କାର୍ଯ୍ୟାରମ୍ଭ, ସମ୍ମାନ ବୃଦ୍ଧି, ଅଶା ସଫଳ, ଅର୍ଥ ସମସ୍ୟା ସମାଧାନ, ସନ୍ତାନ ଖୁସି, ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୧, ଆରାଧନା- ଭଗବାନ ଶଙ୍କର ।

**ମୀନ:** ଆର୍ଥିକ ଖୁସି, ସମସ୍ୟା ସମାଧାନ, ବନ୍ଧୁଲାଭ, ଭ୍ରାତୃ କଳହ, ବ୍ୟବସାୟିକ ଚୁକ୍ତି ସମ୍ପାଦନ, ଶରୀର ସୁସ୍ଥ, ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ ।





ଭୁବନେଶ୍ୱର ବାଣିବିହାର ଛକ ନିକଟସ୍ଥ ଶନି ମନ୍ଦିରରେ ଯଜ୍ଞ ପୂର୍ଣ୍ଣାହୁତି

## ଦେଢ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କାର ସହ ଦେଢ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱର୍ ଗଞ୍ଜେଇ ଜବତ କରିଛି କ୍ରାଇମବ୍ରାଞ୍ଚ ଏସଟିଏଫ୍ । ଚାଲାଣକାରୀ ଲିପୁ ନାୟକ (୨୮) କାରରେ ଗଞ୍ଜେଇ ନେଇ ଯାଉଥିବା ଗୁଇନ୍ଦା ସୂତ୍ରରୁ ଖବର ପାଇଁ ଏସଟିଏଫ୍ ଚଢାଉ କରିଥିଲା । ଏସଟିଏଫ୍ ଟିମ ହନ୍ଦୋଳ ଥାନା ଅନ୍ତର୍ଗତ ମା' ବନଦୂର୍ଗା ମନ୍ଦିର ପାଖରେ ଚଢାଉ କରି ଲିପୁକୁ ଗିରଫ କରିଥିଲା । ଲିପୁ ଏକ୍ସୟୁଭି କାରରେ ଗଞ୍ଜେଇ ଚାଲାଣ କରେ ବୋଲି ଏସଟିଏଫ୍ ପୂର୍ବରୁ ମଧ ସୂଚନା ପାଇଥିଲା । ଯାଞ୍ଚ ବେଳେ କାରରୁ ୧୫୪ କେଜି ୩୮୦ ଗ୍ରାମ ଗଞ୍ଜେଇ ମିଳିଥିଲା । ଚୋରା ଗଞ୍ଜେଇ ଚାଲାଣ କରାଯାଉଥିବା ସ୍ପଷ୍ଟ ହେବା ପରେ ଲିପୁକୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି । ଗଞ୍ଜେଇ ଚାଲାଣ ପଛରେ ଯେଉଁ ନିଶା ମାଫିଆ ଅଛନ୍ତି ସେ ସମ୍ପର୍କରେ ଏସ୍‌ଟିଏଫ ସୂଚନା ପାଇଥିଲେ ମଧ ତାକୁ ଗିରଫ କରିବାରେ ସମର୍ଥ ହୋଇନାହିଁ । ତଦନ୍ତକାରୀ ଅଫିସରଙ୍କ କହିବାନୁଯାୟୀ ତଦନ୍ତ ଜାରି ରହିଛି । ଖୁବ୍ ଶୀଘ୍ର ଗଞ୍ଜେଇ ଚାଲାଣକାରୀ ମାଫିଆକୁ ଗିରଫ କରାଯିବ ।

# ବ୍ରାଉନସୁଗର ଜବତ: ଦୁଇ ଗିରଫ

ଖୋର୍ଦ୍ଧା, (ସବ୍ୟୁ) ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ସିଆଳିଆ ଖେଳ ପଡ଼ିଆ ନିକଟରୁ ପୁଲିସ୍ ୨୩.୦୭ ଗ୍ରାମ ବ୍ରାଉନ୍‌ସୁଗର ସମେତ ଦୁଇଟି ବାଇକ୍ ଓ ଦୁଇଟି ଫୋନ କୁ ଜବତ କରିଛି । ଏହି ଘଟଣାରେ ବଣିଆଟାଙ୍ଗିର ସୁଦୀପ୍ତ ସାମନ୍ତରାୟ ଓରଫ ଦୀପୁ(୩୫) ଓ ଚନ୍ଦକା ଥାନା କୁଚିମହୁଲ ର ଅଭିଜିତ ପାତ୍ର ଓରଫ୍ ଆକାଶ (୨୦) ପ୍ରମୁଖ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତକାଲି ମଧାହ୍ନ ରେ ସିଆଳିଆ ପଡ଼ିଆ ନିକଟରେ ବ୍ରାଉନସୁଗର ବିକ୍ରି କରିବାକୁ କିଛି ଯୁବକ ଯୋଜନା କରୁଛନ୍ତି । ତାକୁ ଧରିବା ଲାଗି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଏସ୍‌ଆଇ ଚନ୍ଦନ ଦାସଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢଉ କରାଯାଇଥିଲା । ଚଢଉବେଳେ ତିନିଜଣ ବ୍ୟକ୍ତି ବାଇକ୍ ସହ ଉପସ୍ଥିତ ଥିଲେ ।ମାତ୍ର ପୁଲିସ୍ କୁ ଦେଖି ଜଣେ ଯୁବକ କୌଶଳକ୍ରମେ ଫେରାର




ହୋଇଯାଇଥିଲା ।ଅନ୍ୟ ଦୁଇଜଣଙ୍କୁ ପୁଲିସ ଧରିଥିଲା । ଦୀପୁ ଠାରୁ ପୁଲିସ ୨୩.୦୭ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଥିଲା । ସେହିପରି ଅଭିଯୁକ୍ତ ଆକାଶଠାରୁ ଏକ ସ୍ମାର୍ଟଫୋନ୍ ଜବତ କରାଯାଇଥିଲା । ଉଭୟଙ୍କଠାରୁ ସେମାନଙ୍କର ୨ଟି ବାଇକ୍ ମଧ ଜବତ କରାଯାଇଛି । ଫେରାର ଅଭିଯୁକ୍ତଙ୍କୁ ଖୁବଶ ୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି । ଏହି ଚଢଉରେ ଏସ୍‌ଆଇ ଦାସଙ୍କ ସମେତ ଏଏସ୍‌ଆଇ ସୁବାସ ନାୟକ, ଲକ୍ଷ୍ମୀ ସାହୁ, କନେଷ୍ଟବଳ ଅବଦୁଲ ମସି ଖାନ୍, ଦେବରାଜ ସାହୁ, ସୁଶାନ୍ତ ସୁନ୍ଦରାୟ, ଚନ୍ଦନ ପାଟ୍ଟଶାଣୀ, ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ ।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପୁରୀ ରଥଯାତ୍ରା-୨୦୨୬ ସମୀକ୍ଷା ବୈଠକ

# ଯାତ୍ରାର ଯଥେଷ୍ଟ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ପୁରୀ ରଥଯାତ୍ରା-୨୦୨୬ ପ୍ରସ୍ତୁତି ସଂପର୍କିତ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକଗୁଡ଼ିକରେ ନିଆଯାଇଥିବା ନିଷ୍ପତ୍ତିର କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ ପ୍ରସ୍ତୁତି ଓ କାର୍ଯ୍ୟ ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ, ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଆରକ୍ଷୀ



ନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ, ପୁରୀ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପୁରୀ ପ୍ରତୀକ ସିଂ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ରଥଯାତ୍ରାରେ ରଥଟଣା କିପରି ଶୃଙ୍ଖଳିତ ଭାବେ ହୋଇପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରଥ କର୍ଡନ ଭିତରକୁ ପାସ୍ ଧାରୀଙ୍କ ପ୍ରବେଶ ଅଧିକ ରହୁଥିବାରୁ ରଥ ଟଣାରେ ଅସୁବିଧା ଉପୁଜୁଛି । ଏଥିପାଇଁ ଏଥର କର୍ଡନ ପାସ୍ ସଂଖ୍ୟା ବହୁ ସଂଖ୍ୟାରେ କମାଇବା ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ରଥ ନିର୍ମାଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢୀ ସୂଚନା ଦେଇଥିଲେ । ଅପ୍ରେଲ ୨୦ ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଅନୁକୂଳ ଆରମ୍ଭ ହୋଇଛି । ରଥ ନିର୍ମାଣ ଅଗ୍ରଗତି ତଦାରଖ କରିବା ପାଇଁ ଏକ ବୈଷୟିକ କମିଟି ରହିଛି । ଏହି କାର୍ଯ୍ୟ ନିୟମିତ ଅନୁଧ୍ୟାନ କରାଯିବା ନେଇ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ରଥଯାତ୍ରା ପୂର୍ବରୁ ବଡଦାଣ୍ଡରେ ୫୦ ଟି ହାଇମାଷ୍ଟ ଲାଇଟ୍ ଲାଗିବ, ଫଳରେ ଏହା ବଡ଼ଦାଣ୍ଡକୁ ଅଧିକ ଆଲୋକିତ କରିବ ।

ଅଧିକ ବର୍ଷା ହେଲେ ପୁରୀ ସହରରୁ ଜଳ ନିଷ୍କାସନ ବ୍ୟବସ୍ଥା ନେଇ ଯୋଜନା ସଂପର୍କରେ ଉପସ୍ଥାପନ କରାଯାଇଥିଲା । ୨୩ ଟି ସ୍ଥାନ ଚିହ୍ନଟ ହୋଇଛି, ଯେଉଁଠାରୁ ଉଚ୍ଚ କ୍ଷମତା ବିଶିଷ୍ଟ ପମ୍ପ ସେଟ୍ ଦ୍ୱାରା ଜଳ ନିଷ୍କାସନ ହୋଇପାରିବ । ରଥଟଣାକୁ ସୁଗମ କରିବା ପାଇଁ ବଡଦାଣ୍ଡରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି ଓ ମଇ ମାସ ସୁଦ୍ଧା ଶେଷ ହେବ । ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ୨୧ ଟି ପାର୍କିଂ ସ୍ଥଳ ଚିହ୍ନଟ ହୋଇଛି । ମାଟିଆପଡା ଠାରେ ପୁରୀ-କୋଣାର୍କ ରୋଡ୍ ଓଭର ବ୍ରିଜ୍ କାମ ଶେଷ ପର୍ଯ୍ୟାୟରେ ପହଁଚିଛି ଓ ଆବଶ୍ୟକ ଜରୁରୀ କାର୍ଯ୍ୟ ଶେଷ ପରେ ରଥଯାତ୍ରା ପୂର୍ବରୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବା ନେଇ ବୈଠକରେ ସୂଚନା ଦିଆଯାଇଥିଲା । ଏହା ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ଯାତାୟତରେ ସୁବିଧା ହେବ । ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପରିଚାଳନା, ବିଭିନ୍ନ ସ୍ଥାନରେ ସର୍ଭେଲାନ୍ସ ପାଇଁ ସ୍ଥାୟୀ ଓ ଅସ୍ଥାୟୀ ସିସିଟିଭି ଓ ଜରୁରୀକାଳୀନ ବ୍ୟବସ୍ଥା, ପୁରୀ ସହର ଭିତର ଓ ସଂଲଗ୍ନ ରାସ୍ତା ମରାମତି, ସ୍ୱାସ୍ଥ୍ୟ, ପରିମଳ, ନିୟନ୍ତ୍ରଣ କକ୍ଷ ପରିଚାଳନା, ଯଥେଷ୍ଟ ସଂଖ୍ୟକ ପୁଲିସ୍ ମୁତୟନ, ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ଆଦି ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

### ଦେବଗଡ଼ରେ ୨୮୦ କୋଟି ଟଙ୍କାର ୧୨୪ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

# ମାତୃଶକ୍ତିର ସମର୍ଥନ ସତ୍ତ୍ୱେ ବିକାଶ ପଥରେ ବାଧା ସୃଷ୍ଟି କରୁଛନ୍ତି ବିରୋଧୀ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଶନିବାର ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ



କରିଛନ୍ତି । ଏହା ସହିତ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି । ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି । ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମିପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ ଉପଲବ୍ଧି । ଦେବଗଡ଼ ଜିଲ୍ଲାର ପ୍ରଗତି ଓ ନାଗରିକମାନଙ୍କ କଲ୍ୟାଣ ପାଇଁ ସାମୂହିକ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ଉନ୍ନୟନ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସ୍ଥାନୀୟ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଷ୍କର୍ମ ପୀଡ଼ିତା ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ବ୍ରହ୍ମଗିରି ସାତପଡ଼ା ଅଞ୍ଚଳରେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣାରେ ରାଜନୀତି ଜୋର୍ ଧରିଛି । ପୁରୀ ଏସପି ପ୍ରତୀକ ସିଂହଙ୍କୁ ଭେଟି ଆଲୋଚନା କରିଛି କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ବିଜେଡି ପରେ ପୁରୀ ଏସପିଙ୍କୁ ଭେଟିଛି କଂଗ୍ରେସ ପ୍ରତିନିଧି ମଣ୍ଡଳୀ । ୨୧ ଜଣିଆ କଂଗ୍ରେସ ପ୍ରତିନିଧିମଣ୍ଡଳୀ ପୁରୀ ଏସପିଙ୍କୁ ଭେଟିବା ପରେ ପୀଡ଼ିତାଙ୍କ ଗାଁକୁ ଯାଇଛନ୍ତି । ଅଭିଯୁକ୍ତ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛି ଦଳ । ସେହିପରି ନିୟମ ଅନୁଯାୟୀ ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମଧ ଦଳ ଦାବୀ କରିଛି । ବ୍ରହ୍ମଗିରି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହୋଇ ଥିବା ବେଳେ ପ୍ରଥମେ ବାଲିହରଚଣ୍ଡୀ ପୀଠରେ ଗଣ ଦୁଷ୍କର୍ମ ହୋଇ ଥିଲା । ଆଉ ଏବେ ୬ ବର୍ଷର ନାବାଳିକାକୁ



ଦୁଷ୍କର୍ମ ହୋଇଛି । ବ୍ରହ୍ମଗିରିରେ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯିବା ସହ ଭବିଷ୍ୟତରେ ଯେଭଳି ଏହିପରି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଉଭୟ ଜିଲ୍ଲା ପୋଲିସ ପ୍ରଶାସନ ସତର୍କ ରହିବାକୁ ଦଳ ଦାବୀ କରିଛି । ଆଜିର ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର, ଜିଲ୍ଲା ସଭାପତି ରାଜେଶ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ଉତ୍ତମ ଆଚାର୍ଯ୍ୟ, ଲାତେନ୍ଦୁ ଦାସ, ସୁଜିତ୍ ମହାପାତ୍ର, ରାଜ୍ୟ ମହିଳା ନେତ୍ରୀ ଶିଳ୍ପିଶ୍ରୀ ହରିଚନ୍ଦନଙ୍କ ସମେତ ବହୁତ୍ ନେତୃବୃନ୍ଦ ଯୋଗ ଦେଇ ଥିଲେ ।

# ଭାରତୀୟ ନ୍ୟାୟ ସଂହିତା ଦିବସ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଭାରତୀୟ ନ୍ୟାୟ ସଂହିତା ରେ ନୂଆ ନୂଆ ଆଇନ ଏବଂ ଦଫା ସଂଯୋଗ କରାଯାଉଛି । ଏହି




ସଂହିତା ସମ୍ପର୍କ ରେ ଜନ ସାଧାରଣ ଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୁଲିସ ବିଭାଗ ତରଫ ରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପରିପେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଙ୍କ ପରାମର୍ଶ ରେ ଆଦର୍ଶ ଥାନା ଖୋର୍ଦ୍ଧା ଏବଂ ସିଗ୍‌ମା ପବ୍ଲିକ ସ୍କୁଲ ର ମିଳିତ ସହଯୋଗ ରେ ସ୍କୁଲ ରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ମାନଙ୍କୁ ନେଇ ଭାରତୀୟ ନ୍ୟାୟ ସଂହିତା ଦିବସ ସମ୍ପର୍କ ରେ ଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍‌ଆଇ ସସ୍ମିତା ବେହେରା , ଏଏସ୍‌ଆଇ ସୁଶାନ୍ତ ମଲ୍ଲିକ, କୁଳମଣି ହେମ୍ବ୍ରମ ପ୍ରମୁଖ ଯୋଗଦେଇ ନୂତନ ନ୍ୟାୟ ସଂହିତା ସମ୍ପର୍କ ରେ ପ୍ରତିପାଦନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା । ଶିକ୍ଷୟତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିରଂଚି ନାରାୟଣ ପଣ୍ଡା, ବସନ୍ତ କୁମାର ଖୁଁଟିଆ, ଦୀପ୍ତିରଞ୍ଜନ ରଣା ପ୍ରମୁଖ ପରିଚାଳନା କରିଥିଲେ । ବକ୍ତୃତା ରେ ବିଷ୍ଣୁ ପ୍ରସାଦ ସେଠୀ ଏବଂ ପ୍ରବନ୍ଧ ରେ ତୃପ୍ତିମୟୀ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ସ୍କୁଲ ର ଉପାଧକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

### ପିଛା ଛାଡୁନି ଦୁର୍ନୀତି ଅଭିଯୋଗ

# ଗୃହ ହିତାଧିକାରୀ ଚୟନରେ ଦୁର୍ନୀତି ପରେ ଡେସ୍କବେଞ୍ଚ, ଆଲୋକି କରଣରେ ବି ଦୁର୍ନିତୀ !

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ବ୍ଲକ୍ ଅନ୍ତର୍ଗତ ପରପଦା ଗ୍ରାମ ପଞ୍ଚାୟତରେ ଅନ୍ତୋଦୟ ଗୃହ ନିର୍ମାଣ ପାଇଁ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରାଯାଇଥିବା ଅଭିଯୋଗ ହେବା ପରେ ଏବେ ପୁଣି ଦୁଇ ଗ୍ରାମରେ ଥିବା ଦୁଇଟି ସ୍କୁଲ ପାଇଁ ଡେସ୍କ, ବେଞ୍ଚ, ଗ୍ରାମ ଆଲୋକିକରଣ ଓ ଆକ୍ୱାଗାର୍ଡ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି! ଅଭିଯୋଗ ଅନୁସାରେ ନିଆଳି ଓ ବରପଦା ସ୍କୁଲ ପାଇଁ ୨୦୨୫/୨୬ ଆର୍ଥିକ ବର୍ଷରେ ପଞ୍ଚମ ଅର୍ଥ କମିଶନ ଅର୍ଥରୁ ବିଦ୍ୟାଳୟର ଡେସ୍କ ଓ ବେଞ୍ଚ କିଣା ପାଇଁ ୫ଲକ୍ଷ ୯୧ ହଜାର ୮୫୫ଟଙ୍କା ଖର୍ଚ୍ଚ କରାଯାଇଅଛି । ମାତ୍ର ଦୁଇ ବର୍ଷ ତଳେ ଉକ୍ତ ଦୁଇ ବିଦ୍ୟାଳୟକୁ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଡେସ୍କବେଞ୍ଚ କିଣା ଯାଇଥିଲା । ଶ୍ରେଣୀଗୃହ ଅଭାବରୁ ଡେସ୍କ ବେଞ୍ଚ ଗୁଡ଼ିକୁ ଷ୍ଟୋର ରୁମରେ ରଖା ଯାଇଥିଲା । ମାତ୍ର ଏବେ ସେହି ପୁରୁଣା ଜିନିଷକୁ ଆଉଥରେ କିଣା ଯାଇଥିବା ଦର୍ଶାଇ ଅର୍ଥ ହଡପ ଅଭିଯୋଗ ହୋଇଛି । ସେହିପରି ଗ୍ରାମରେ ଆଲୋକୀ କରଣ କରିବା ପାଇଁ ପଞ୍ଚମ ଅର୍ଥ କମିଶନ ଅର୍ଥରୁ ୪ ଲକ୍ଷ ୯୨ ହଜାର ୫୬୭ଟଙ୍କା ବିନିଯୋଗ ହୋଇଥିବା ଦର୍ଶା ଯାଇଛି ! ମାତ୍ର ଏହି ଦୁଇ ଗ୍ରାମରେ କୌଣସି ସ୍ଥାନରେ ଗୋଟିଏ ବି ଲାଇଟ ଲାଗାନଯାଇ ଅର୍ଥ ହଡ଼ପ କରାଯାଇଅଛି! ସେହିପରି ନିଆଳି ବରପଦା ଦୁଇଟି ସ୍କୁଲ ସମେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପାନୀୟ ଜଳ ଯୋଗାଣ ପାଇଁ ଆକ୍ୱଆ ଗାର୍ଡ କିଣିବା ପାଇଁ ପଞ୍ଚମ ଅର୍ଥ କମିଶନ ପାଣ୍ଠିରୁ ୩ଲକ୍ଷ ୪ହଜାର ୪୭୨ଟଙ୍କା ଖର୍ଚ୍ଚ କରାଯାଇଅଛି! ହେଲେ ଯେଉଁ ସବୁ ସାମଗ୍ରୀ କ୍ରୟ ହୋଇଛି ତାହାର ମୁଲ୍ୟ ବଜାର ଦରଠାରୁ ବହୁ ଅଧିକ ଦର୍ଶାଇ ଅର୍ଥ ହଡପ କରାଯାଇଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି! ମୋଟ ଉପରେ ଉକ୍ତ ଗ୍ରାମପଞ୍ଚାୟତ ପାଇଁ ପଞ୍ଚମ ଅର୍ଥ କମିଶନ ପାଣ୍ଠିରୁ ୧୩ଲକ୍ଷ ୮୮ହଜାର ୮୪୩ଟଙ୍କା ଖର୍ଚ୍ଚ କରାଯାଇ ଥିବା ଦର୍ଶାଯାଇଥିଲେ ମଧ ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରି ଅନିୟମିତତାରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ଅଧିକାରୀ (ପି ଇ ଓ) ସିଧାସଳଖ ସଂପୃକ୍ତ ଥିବା ଗ୍ରାମବାସୀ ବଡଚଣା ବିଧାୟକ ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି! ଗତ କିଛିଦିନ ତଳେ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀ ଚୟନରେ ଏହି ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେବାପରେ ତାହାର ତଦନ୍ତ ହେଉଛି । ସେହି ଘଟଣା ଲୋକଙ୍କ ମନରୁ ଲିଭିନଥିବା ବେଳେ ପୁଣି ଏଠାରେ ଏପରି ଦୁର୍ନୀତି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

# ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଛୁରାମାଡ଼

ପୁରୀ, (ସବ୍ୟୁ) : ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଛୁରାମାଡ଼ । ପୁରୀ ରାମଚଣ୍ଡୀ ବାଲିଉପର ଯୁବକକୁ କରାଯାଇଛି ଛୁରାମାଡ । ଛୁରାମାଡ଼ ରେ ଗୁରୁତର ଆହତ ହୋଇଛନ୍ତି ଚଗଲା ନାୟକ (୩୦) । ଗୁରୁତର ହୋଇଥିବା ଚଗଲାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଚଗଲାର ବାମ ହାତ ଗୋଡ଼ ରେ ଲାଗିଛି ଗଭୀର ଆଘାତ । ସୂଚନା ମୁତାବକ ଶନିବାର ସନ୍ଧ୍ୟାସମୟରେ ଚଗଲା ଘର ସମ୍ମୁଖରେ ଛିଡା ହୋଇଥିବା ସମୟରେ ୨ ଜଣ ଦୁର୍ବୃତ୍ତ ହଠାତ ଆସି ଆକ୍ରମଣ କରିଥିଲେ । କିଛି ଭୁଝିବା ପୂର୍ବରୁ ଦୁର୍ବୃତ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଏ ନେଇ କୁମ୍ଭାରପଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ୧୫୦ ଲିଟର ଦେଶୀ ମଦ ସହ ୨ ମଦବେପାରୀ ଗିରଫ

ନୀଳଗିରି, (ସବ୍ୟୁ) : ନୀଳଗିରି ଅବକାରୀ ବିଭାଗର ଇନ୍ସପେକଟର ମନୋଜ କୁମାର ସାହୁ ଙ୍କ ତତ୍ୱାବଧାନରେ ନୀଳଗିରି ର ଦୁଇଟି ପୃଥକ୍ ପୃଥକ୍ ସ୍ଥାନରୁ ଦେଶୀ ମଦ ସମେତ ଦୁଇ ବେପାରୀକୁ ଗିରଫ କରିଛି । ସୁଚନା ଅନୁଯାୟୀ ଶନିବାର ନୀଳଗିରି ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଥାନା ଅଧୀନ ରାଜନଗର ଓ ଓଲଡଙ୍ଗ ଛକ ନିକଟରୁ ଦୁଇ ମଦ ବେପାରୀଙ୍କୁ ଧରିବାରେ ସକ୍ଷମ ହୋଇଛି । ତେବେ ଓଲଡଙ୍ଗ ଛକ ନିକଟରୁ ଗୋପୀନାଥପୁର ଅଞ୍ଚଳର ଜଗନ୍ନାଥ ବାରିକ୍‌ଙ୍କ ଠାରୁ ଏକ ସ୍କୁଟି ସମେତ ୮୦ଲିଟର ଦେଶୀ ମଦ ଏବଂ ରାଜନଗର ଛକ ନିକଟରୁ ଛତ୍ରପୁର ଅଞ୍ଚଳର ତୁଷାରକାନ୍ତ ବିଶ୍ୱାଳ ଙ୍କ ଠାରୁ ବାଇକ୍ ସମେତ ୭୦ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ । ତେବେ ଉଭୟ ବେପାରୀ ଙ୍କୁ ଗିରଫ କରି କେସ ନମ୍ବର ୨୩/୨୬ ଏବଂ ୨୪/୨୬ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ତେବେ ଏହି ଚଢ଼ାଉରେ ଅବକାରୀ ଇନ୍ସପେକଟର ମନୋଜ କୁମାର ସାହୁ, କେଶବ ଦାସ, ତପନ କୁମାର ମଲ୍ଲିକ ଓ ସନ୍ତୋଷ କୁମାର ବେହେରା ପ୍ରମୁଖ ସାମିଲ ଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଶ୍ରମିକ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ



ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଥମ ବ୍ରାଞ୍ଚ କାଉନସିଲ ମିଟିଙ୍ଗ ଅନୁଷ୍ଠିତ ହୋଇଯାଇଛି । ସଭାପତି ହାଜି ମହମଦ ମୁସ୍ତାକ ଅଲ୍ଲୀଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଆୟ ବ୍ୟୟର ହିସାବ ସହିତ ସର୍ବସନ୍ମତି କ୍ରମେ ସନ୍ତୋଷ କୁମାର ସିଂ କୁ ଟିଆରଡି ବିଭାଗର କ୍ୱାଟର କମିଟି ସଭ୍ୟ ପାଇଁ ମନୋନୀତ କରାଯାଇଥିଲା । କର୍ମଚାରୀଙ୍କ ମୌଳିକ ଅସୁବିଧା ସମ୍ପର୍କରେ ଦୀର୍ଘଦିନରୁ ମଣ୍ଡଳ ସହକାରୀ ଯନ୍ତ୍ରୀ ରବି ଶଙ୍କର ପୋଦାର , ସେଟେଲମେଣ୍ଟ ଓ ଡ଼ି କେ ସ୍ୱାଇଁ, ଟ୍ରାକଙ୍କୁ ଇନଫର୍ମାଲ ମିଟିଙ୍ଗ ପାଇଁ ଦିଆଯାଇଥିବା ଦାବି ଗୁଡିକ ଆଜି ପର୍ଯ୍ୟନ୍ତ ପୂରଣ ହୋଇନଥିବାରୁ କର୍ମଚାରୀଙ୍କ ମଧରେ ଅସନ୍ତୋଷ ଡେଜିଥିଲା କ୍ଷ ସେଥିପାଇଁ ଶାଖା ସମ୍ପାଦକ ଏଲ ଡି ମହାନ୍ତି ଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ଉଭୟ ମଣ୍ଡଳ ସହକାରୀ ଯନ୍ତ୍ରୀଙ୍କୁ ଭେଟି ଅସନ୍ତୋଷ ଜାହିର କରିବା ସହିତ ବିଳମ୍ବ ପାଇଁ ପ୍ରଶ୍ନ କରିଥିଲେ କ୍ଷ ସହକାରୀ ଯନ୍ତ୍ରୀ ଶ୍ରୀ ପୋଦାର କାର୍ଯ୍ୟ ସମୀକ୍ଷା ନିମନ୍ତେ କନିଷ୍ଠ ଯନ୍ତ୍ରୀ ଦୀପ୍ତି କାନ୍ତ ନାୟକ, ନୟନ କିଶୋର ଗିରି ଓ ଶ୍ରୀୟା ମହାନ୍ତିଙ୍କୁ ଡାକି ବିସ୍ତୃତ ଆଲୋଚନା ସହିତ ତତ୍କାଳ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧରେ ଉପସଭାପତି ଜି ରାମମୋହନ ରାଓ , ସହ ସମ୍ପାଦକ ସୁନୀଲ ପରିଡା , ରାକେଶ ଘଡେଇ , ଯୁବ ସଂଯୋଜକ ସନ୍ତୋଷ ଖଟେଇ , ରଜତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ଜିଲ୍ଲାର ୩୫୧୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ

ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାରିପଦା ସଦର ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହର ଶୁଭାରମ୍ଭ କରିଥିଲେ । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଯୋଗଦେଇଥିଲେ । ସେହିପରି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ବାରିପଦା ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଉତ୍ସବରେ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣ କରାଯାଇଥିଲା ।

ରାଜ୍ୟସ୍ତରୀୟ ସମାରୋହର ସମାପନ ପରେ ଜିଲ୍ଲାର ଅନ୍ତ୍ୟୋଦୟ ଗୃହ ଯୋଜନାର ୧୦ଜଣ ହିତାଧିକାରୀଙ୍କୁ ନୂତନ



କାର୍ଯ୍ୟାଦେଶ ବଣ୍ଟନ ଓ ଗ୍ରାମୀଣ ଗୃହ ଯୋଜନାରେ ୫ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ସମାରୋହ ସ୍ଥଳରେ ଦିଆଯାଇଥିଲା । ଏହାସହ ଜିଲ୍ଲାସ୍ତରରେ ସ୍ୱଚ୍ଛ ଭାରତ ମିଶନରେ ଆଦର୍ଶ, ସ୍ୱଚ୍ଛ ଓ ପରିମଳ ଗ୍ରାମ ଭାବେ ବିଶୋଇ ବ୍ଲକ୍‌ର ବୁଦେଇଯୋଡା ଗ୍ରାମର ସରପଞ୍ଚ, ୩ଜଣ ସ୍ୱଚ୍ଛତା ପରିମଳ କର୍ମୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ତିରିଂ ପଞ୍ଚାୟତ ସମିତି, ପି.ଏମ୍. ଜନମନରେ ସର୍ବାଧିକ ଗୃହ ସମାପ୍ତ କରିବାରେ ଯଶିପୁର ପଞ୍ଚାୟତ ସମିତି ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦୁଇ ସର୍ବୋଚ୍ଚ ପଞ୍ଚାୟତ ସମିତି ଭାବରେ ରାସଗୋବିନ୍ଦପୁର ଓ ବାରିପଦାର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦ୍‌ବ୍ୟତୀତ, ମୟୂରଭଞ୍ଜ ଜିଲ୍ଲାରେ ୩୫୧୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇଛି । ସେହିପରି ଜିଲ୍ଲାସ୍ତରରେ ସମଗ୍ର ଜିଲ୍ଲାରେ ୩୨୨୯ଜଣ ହିତାଧିକାରୀଙ୍କୁ ୧ମ କିସ୍ତି ରାଶି ପ୍ରଦାନ କରାଯାଇଛି । ଆଜିର ସମାରୋହରେ ବିଭିନ୍ନ ବ୍ଲକ ତଥା ପଞ୍ଚାୟତର ପଞ୍ଚାୟତରାଜ ସଦସ୍ୟ ସମେତ ଜନସାଧାରଣଙ୍କର ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ସମାଗମ ହୋଇଥିଲା ।

### ଫ୍ଲଟ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

# ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ): ଫ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାରେ ୯ ଜଣଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରି ଜେଲ ପଠେଇଥିଲେ। ୫ ଜଣଙ୍କୁ ଶନିବାର ରିମାଣ୍ଡରେ ନେଇଛି ଗୋପାଳପୁର ପୋଲିସ । ଅଭିଯୁକ୍ତମାନେ ହେଲେ କାଲୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ । ଥାନାରେ ସେମାନଙ୍କୁ ରଖାଯାଇ ଘଟଣାର ବିଭିନ୍ନ ଦିଗରୁ ପଚରାଉଚରା କରାଯାଉଛି ।

ଗତ ୧୫ ତାରିଖ ସନ୍ଧ୍ୟାରେ ସୁଧୀର ପାତ୍ର ଭଲିବଲ ଖେଳି ଘରକୁ ଫେରୁଥିବା ବେଳେ ରାସ୍ତାରୁ ତାଙ୍କୁ ଅପହରଣ କରାଯାଇଥିଲା । ପରେ ତାଙ୍କୁ ବୁଗୁଡା ନିକଟରେ ଥିବା ରାମପାଦ ମନ୍ଦିରରେ ରଖି ପିଟି ପିଟି ହତ୍ୟା କରିଥିଲେ । ପରେ ଧରାପଡିଯିବା ଭୟରେ ଏକ କାର ଡିକିରେ ମୃତଦେହ ରଖି ସୋରଡା ଥାନା



ଅନ୍ତର୍ଗତ ଗାଜଲବାଢି ନିକଟ ରସିପଙ୍କାଳ କେନାଲ କଡରେ ପକାଇ ଦାରିଙ୍ଗିବାଡି ହୋଇ ବାଲିଗୁଡା ଚାଲି ଯାଇଥିଲେ । ଏନେଇ ପୋଲିସ ରିମାଣ୍ଡରେ ଆଣିଥିବା ଅଭିଯୁକ୍ତ ମାନଙ୍କୁ ନେଇ ରବିବାର ଘଟଣାର କ୍ରାଇମ ସିଂ ରିକ୍ରିଏସନ କରିବ ବୋଲି ଜଣାପଡିଛି ।

ଆସନ୍ତା ୨୮ ରେ ଉକ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବା ପାଇଁ ନିର୍ଦ୍ଦେଶ ରହିଛି । ପ୍ରକାଶ ଥାଉ କି ଗତ ୨୩ ତାରିଖ ଗୁରୁବାର ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାର ମୁଖ୍ୟ ଷଡଯନ୍ତ୍ରକାରୀ ତଥା ମୃତ ସୁଧୀରଙ୍କ ନିଜ ଝିଆରୀ ନିବେଦିତା ପାତ୍ର(୨୩) ଓ ପୁତୁରା ତୁଷାର ପାତ୍ର(୧୯) ସମେତ ନିବେଦିତାଙ୍କ ପୁରୁଷବନ୍ଧୁ କାଲୁଚରଣଙ୍କୁ ମିଶାଇ ପୋଲିସ ମୋଟ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ଏମଏସସିବି ବିଶ୍ୱବିଦ୍ୟାଳୟରେ ସବୁଜ କ୍ୟାମ୍ପସ ଏବଂ ଉଦ୍ୟୋଗିକତା ଅଧିବେଶନ




ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଠାରେ ପିଏମ-ଉଷା ପ୍ରାୟୋଜିତ ଏକଦିବସୀୟ "ଏମଏସସିବିୟୁ କନେକଟ" ଅଧିବେଶନ ଆୟୋଜନ କରିଛି । ସକାଳ ୧୧:୦୦ ଘଟିକାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା, "ସ୍ୱପ୍ନ ଦେଖନ୍ତୁ, ନିର୍ମାଣ କରନ୍ତୁ, ଅନୁପ୍ରାଣିତ କରନ୍ତୁ: ସବୁଜ କ୍ୟାମ୍ପସରୁ ଉଦ୍ୟୋଗିକ ଯାତ୍ରା ପର୍ଯ୍ୟନ୍ତ । ଏହି ଅଧିବେଶନରେ ବିଶିଷ୍ଟ ବକ୍ତାମାନେ ଉପସ୍ଥିତ ଥିଲେ, ଯେଉଁମାନେ ଶୈକ୍ଷିକ ପରିବେଶ ଏବଂ ବାସ୍ତବ ଦୁନିଆର ବୈଜ୍ଞାନିକ ଉଦ୍ୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିଥିଲେ । କାର୍ଯ୍ୟକ୍ରମର ଆବାହିକା ଡଃ କୁକୁ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏମଏସସିବି ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏକ ସବୁଜ କ୍ୟାମ୍ପସର ବିକାଶ, ସ୍ଥାୟୀତ୍ୱ ଏବଂ ମହତ୍ତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଭାଷଣ ପ୍ରଦାନ କରିଥିଲେ । ଏହାପରେ, ବିଶିଷ୍ଟ ରସାୟନ ବିଜ୍ଞାନୀ ତଥା ଡକଫର ଶେଷ କିଷାନ ଫାର୍ମାର ପ୍ରତିଷ୍ଠାତା ଏବଂ ସିଇଓ ଡଃ ଶେଷ କିଷାନ "ଏକ ଦୂରଦୃଷ୍ଟିର ନିର୍ମାଣ: ଲାବୋରେଟୋରୀରୁ ବଜାର ପର୍ଯ୍ୟନ୍ତ ବିଷୟ ଉପରେ ତାଙ୍କର ବ୍ୟାବହାରିକ ଏବଂ ପ୍ରେରଣାଦାୟକ ବକ୍ତବ୍ୟ ଦ୍ୱାରା ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କର ଉପସ୍ଥାପନା ଶ୍ରୋତାମାନଙ୍କୁ ଏକ ବାସ୍ତବ ଉଦାହରଣ ପ୍ରଦାନ କରିଥିଲା ଯେ, କିପରି ଶୈକ୍ଷିକ ଭିତ୍ତିଭୂମି ଏବଂ ବୈଜ୍ଞାନିକ ଗବେଷଣାକୁ ସଫଳତାର ସହିତ ପ୍ରଭାବଶାଳୀ, ବାସ୍ତବିକ ବ୍ୟାବସାୟିକ ସମାଧାନରେ ପରିଣତ କରାଯାଇପାରିବ । ବକ୍ତବ୍ୟ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମଏସସିବି ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ଗବେଷକମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରିଥିବାରୁ ବିଶ୍ୱବିଦ୍ୟାଳୟର ପିଏମ-ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଯୁବକକୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକକୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ଲୋଚାପଡ଼ା ପୁରୋହିତ ନଗରର ମୁରଲୀ ମହାରଣା (୩୪) । ସୂଚନାଯୋଗ୍ୟ ଯେ, ଗତ ୨୪ ରାତି ପ୍ରାୟ ୧୦ଟା ବେଳେ ତ୍ରିବେଣୀ ନଗର ନିବାସୀ ରାଜା ମହାରଣାଙ୍କୁ ଗାଳି ଗୁଲଜ କରିବା ସହ ଗାଡ଼ି ଚାବି ସାହାଯ୍ୟରେ ମୁଣ୍ଡକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ସେ ଆହତ ହୋଇଥିଲେ । ଏପରି କି ରାଜାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଘଟଣାର ସମ୍ପୃକ୍ତ ଅଭିଯୁକ୍ତ ମୁରଲୀଙ୍କୁ ଗିରଫ କରିଛି ।

# ବିଏସଏନଏଲ୍ ଓଡିଶା ସର୍କଲର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, (ସବ୍ୟୁ): ଆର୍ଥିକ ବର୍ଷ ୨୦୨୫-୨୬ ରେ ବିଏସଏନଏଲ୍ ଓଡିଶା ସର୍କଲ ଜାତୀୟ ସ୍ତରରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ଅର୍ଜନ କରିଛି । ସର୍ବୋତ୍ତମ ପ୍ରଦର୍ଶନକାରୀ ସର୍କଲ ଏବଂ ଏଣ୍ଟରପ୍ରାଇଜ ବିଜିନେସ (ଇବି)ରେ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପାଇଁ ବିଏସଏନଏଲ୍ ପୁରସ୍କୃତ ହୋଇଛି । ଏହି ପୁରସ୍କାର ଗୁଡ଼ିକୁ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ପ୍ରଦାନ କରିଛନ୍ତି ।

ଏହି ଉଲ୍ଲେଖନୀୟ ସଫଳତା ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ସାଧାରଣ ପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରାଙ୍କ ଚମତ୍କାର ନେତୃତ୍ୱରେ ଏକ ଆହ୍ୱାନମୂଳକ ଟେଲିକମ୍ ପରିବେଶରେ ଓଡ଼ିଶା ସର୍କଲର ନିରନ୍ତର ପ୍ରୟାସ ଏବଂ ଉତ୍ସର୍ଗୀକୃତ ପ୍ରଦର୍ଶନକୁ ପ୍ରତିଫଳିତ କରେ । ବିଏସଏନଏଲ୍ ତାହାର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବାବେଳେ ରାଜ୍ୟରେ ଡିଜିଟାଲ ସଂଯୋଗ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛ । କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡାରୁ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ୪ଜି ଷ୍ଟ୍ୟାକ୍ ସେବା ଉଦଘାଟନ କରିଥିଲେ । ଏହା ଦେଶର ଆତ୍ମନିର୍ଭର ଟେଲିକମ୍ ବ୍ୟବସ୍ଥା ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଦୁର୍ଗମ ଅଞ୍ଚଳରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସବୁଠାରୁ ଦୁର୍ଗମ ବନ ଅଞ୍ଚଳ ମଧ୍ୟରୁ ଗୋଟିଏ ସିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପ୍ରମୁଖ ଅଞ୍ଚଳରେ ଥିବା ଗୁଡଗୁଡିଆରେ ତିନୋଟି ସାଚୁରେସନ୍ ମୋବାଇଲ୍ ଟାୱାର ଉଦଘାଟନ କରିଥିଲେ । ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ଏବଂ ଗ୍ରାହକମାନଙ୍କୁ ସୁଲଭ ସେବା ପ୍ରଦାନ କରିବା ପାଇଁ, ବିଏସଏନଏଲ୍ ମଧ୍ୟ ୧ ଟଙ୍କାରେ ସିମ୍ କାର୍ଡ ପ୍ରଦାନ କରୁଛି । ଏହା ଦ୍ୱାରା ଟେଲିକମ୍ ସେବାର ବ୍ୟାପକ ପ୍ରବେଶ ସମ୍ଭବ ହୋଇପାରିବ ।

ଶ୍ରୀ ବେହେରା ବିଏସଏନଏଲ୍ ଓଡ଼ିଶାର ସମସ୍ତ କର୍ମଚାରୀଙ୍କୁ ସାଚୁରେସନ୍ ସାଇଟଗୁଡ଼ିକରେ ମୋବାଇଲ୍ ସଂଯୋଗ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଏଫଟିଟିଏଚ୍ ସଂଯୋଗ ସମେତ ଗ୍ରାହକମାନଙ୍କୁ ଘରେ ଘରେ ସେବା ପହଞ୍ଚାଇବା ନିଶ୍ଚିତ କରିବାକୁ ଆହ୍ୱାନ କରିଛନ୍ତି । ସେ ସମସ୍ତ କର୍ମଚାରୀଙ୍କୁ ଏହି ଗତି ବଜାୟ ରଖିବାକୁ ଏବଂ ଚଳିତ ଆର୍ଥିକ ବର୍ଷ ୨୦୨୬ - ୨୭ ରେ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରୟାସ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ଏହି ସମ୍ମାନ ବିଏସଏନଏଲ୍ ଓଡ଼ିଶାର ସମସ୍ତ କ୍ଷେତ୍ର, ଅଧିକାରୀ ଏବଂ କର୍ମଚାରୀଙ୍କ ସାମୂହିକ ପ୍ରୟାସର ଏକ ପ୍ରମାଣ । ଏହା ସଂଗଠନରେ ଏକ ଅଗ୍ରଣୀ ଏବଂ କାର୍ଯ୍ୟକ୍ଷମ ଗୋଷ୍ଠୀ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରୁଛି ।

## ବୁଗୁଡ଼ା ଦିବ୍ୟ ଜୀବନ ସଂଘର ନୂତନ ପରିଚାଳନା କମିଟି

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ଶ୍ରୀ ସ୍ୱାମୀ ଶିବାନନ୍ଦ ସାଂସ୍କୃତିକ ଓ ଆଧ୍ୟାତ୍ମିକ କେନ୍ଦ୍ର (ଦିବ୍ୟ ଜୀବନ ସଂଘ) ର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ଏଥିରେ ରଘୁନାଥ ସାହୁ-ସଭାପତି, ଲଳିତ ମୋହନ ପଟ୍ଟନାୟକ ଓ ରୀନା ଚୌଧୁରୀ-ଉପସଭାପତି , ସନ୍ତୋଷ କୁମାର ରାଉତ-ସମ୍ପାଦକ , ପ୍ରସନ୍ନ କୁମାର ସ୍ୱାଇଁ ଓ ଗୀତା ରା-ସହସମ୍ପାଦକ , କିଶୋର କୁମାର ପଣ୍ଡା-କୋଷାଧକ୍ଷ, ଭଗବାନ ସ୍ୱାଇଁ ଓ ସୁବାସ ଚନ୍ଦ୍ର ସ୍ୱାଇଁ - ଉପ- କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ଓ ନାରାୟଣ ଗନ୍ତାୟତଙ୍କୁ ଚୟନ କରାଯାଇଛି । ଅନ୍ୟପକ୍ଷରେ ଏହି କମିଟିରେ ଡ.ଅମ୍ବିକା ବିଷୋୟୀ, ଭବାନୀ ଶଙ୍କର ପ୍ରଧାନ, ରୁକ୍ମଣୀ ରଞ୍ଜନ ପ୍ରଧାନ,ସାରଳା ସ୍ୱାଇଁ, ରଶ୍ମିତା ଗୌଡ ପ୍ରମୁଖ ସଦସ୍ୟ/ସଦସ୍ୟା ଭାବେ ରହିଛନ୍ତି ।

## ପାଳିତ ହେଲା ବିଶ୍ୱ ମ୍ୟାଲେରିଆ ଦିବସ

ବ୍ରହ୍ମପୁର, (ସବ୍ୟୁ): ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ କୁକୁଡାଖଣ୍ଡିର ପ୍ରାଣୀ ବିଜ୍ଞାନ ବିଭାଗରେ ବିଶ୍ୱ ମ୍ୟାଲେରିଆ ଦିବସ ଏବଂ ଜାତୀୟ ଡିଏନ୍ଏ ଦିବସ ପାଳିତ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ କରି ପରିବେଶକୁ ସକାରାତ୍ମକ କରାଯାଇଥିଲା । ପ୍ରତିବର୍ଷ ବିଶ୍ୱ ମାଲେରିଆ ଦିବସ ଆମକୁ ଏହି ରୋଗ ବିରୋଧରେ ଲଢ଼ିବା ପାଇଁ ସଚେତନ କରେ । ମାଲେରିଆ ମାତ୍ର ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମୁଦାୟର ସ୍ୱାସ୍ଥ୍ୟ ସହ ଜଡିତ । ତେଣୁ ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ହେଉଛି ମଶାର ବିକାଶକୁ ରୋକିବା ଓ ନିଜ ପରିବେଶକୁ ସଫା ରଖିବା । ଯଦି ଆମେ ସମୟରେ ସତର୍କ ହେବା, ତେବେ ମାଲେରିଆକୁ ନିଶ୍ଚିତ ଭାବରେ ହରାଇ ପାରିବା । ରୋଗକୁ ରଖିବା ପାଇଁ କେଉଁ ଭଳି ସ୍ୱଚ୍ଛତା ପରିବେଶ ଓ ନିଜେ କିପରି ସୁରକ୍ଷା ବଜାଇ ରଖିବା ସେହି ବିଷୟରେ ପ୍ରଥମେ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଡକଫର. କେ. କ୍ରିଷ୍ଣା ରାଜୁ ପାତ୍ର କିଛି ସନ୍ଦେଶ ମୂଳକ ବାର୍ତ୍ତା ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ ।

### ମହାମିଶ୍ରଣ ପର୍ବ

## ବିଜେଡି ଛାଡି ବିଜେପିରେ ଶହଶହ କାର୍ଯ୍ୟକର୍ତ୍ତା

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ଗୋସାଇଁ ନୂଆଗାଁ ୱାର୍ଡ଼ ୨୬ ସ୍ଥିତ ଚଣ୍ଡି ମନ୍ଦିର ଠାରେ ଦୁଇ ଶହେରୁ ଉର୍ଦ୍ଧ ଯୁବକ, ଯୁବତୀ, ମହିଳା, ପୁରୁଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରୀୟ ସଭାପତି ନିତିନ ନବୀନ ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧାୟକ କେ.ଅନିଲ କୁମାର ଓ ଜିଲ୍ଲା ସଭାପତି ଶ୍ରୀ ସାବତଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିରେ ସାମିଲ ହେଲେ । ଏହି ଓ୍ୱାର୍ଡ଼ର ବିଶିଷ୍ଟ ସମାଜସେବୀ ରବିନ୍ଦ୍ର ନାଥ ସାହୁ ଓ ତାଙ୍କ ପୁତ୍ର ଶକ୍ତି ରଞ୍ଜନ ସାହୁ ଏବଂ ପୂର୍ବତନ କାଉନସିଲର ଜୟନ୍ତ କୁମାର ପାତ୍ର ମଧ୍ୟ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲା ସଭାପତି ସରୋଜ ସାବତ , ଜିଲ୍ଲାର ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରାୟ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଲଳିତ ମଙ୍ଗରାଜ, ଗୋସାଣୀ ନୂଆଗାଁ ମଣ୍ଡଳ ସଭାପତି ବର୍ଷା ବିଦ୍ୟୁସ୍ମିତା, ରାଜ୍ୟ କାଉନସିଲ ମେମ୍ବର ମନିତା ଦାଶ, ଜିଲ୍ଲାର ସାଧାରଣ ସମ୍ପାଦିକା ସ୍ମିତାଲି ସ୍ମୃତି ସ୍ୱିପ।, ଗୋସାଣୀ ନୂଆଗାଁ ମଣ୍ଡଳ ସେକ୍ରେଟାରୀ ଶ୍ରୀକାନ୍ତ ସାହୁ, ଶୁଭମ୍ ସାହୁଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିରେ ସାମିଲ ହେଲେ । ଏହି ଅବସରରେ ବିଧାୟକ ନୂତନ ଭାବେ ଦଳରେ ଯୋଗ ଦେଇଥିବା, ମହିଳା, ଜନସାଧାରଣ, ଛାତ୍ର, ଛାତ୍ରୀ, ଅଂଚଳର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ଭାରତୀୟ ଜନତା ପାର୍ଟିର ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ । ଜିଲ୍ଲା ସଭାପତି ଶ୍ରୀ ସାବତ ପ୍ରକାଶ କରିଥିଲେ ଯେ ଆଗକୁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ଦଳ ଆହୁରି ମଜଭୁତ ହୋଇ ପାରିବ ।

## ବିଶ୍ୱ ପୁସ୍ତକ ଦିବସ ପାଳିତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଜିଲ୍ଲାର ପୁସ୍ତକପ୍ରେମୀ, ସାହିତ୍ୟ ଅନୁରାଗୀ ତଥା କବି ଓ ଲେଖକ ଲେଖିକାଙ୍କୁ ନେଇ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ୨୩ ଏପ୍ରିଲ୍ ୨୦୨୬ ସନ୍ଧ୍ୟା ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଦୂର ଶିକ୍ଷାକେନ୍ଦ୍ର ପ୍ରଭାରୀ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡଃ ବିନ୍ଦେଶ୍ୱରୀ କଲିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇ ଦୃଢମତ ରଖିଥିଲେ। ଛାତ୍ରଛାତ୍ରୀଙ୍କ ପ୍ରକୃତ ଜ୍ଞାନ ଆହରଣ ଲାଗି ସବୁଦିନ ଭଳି ଆଜିକା ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକ ପଠନ ଏକାନ୍ତ ଏବଂ ସର୍ବୋପରି ଅପରିହାର୍ଯ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ । ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ମନୋଜ କୁମାର ଦଳବେହେରା ମିଳିତ ଜାତିସଂଘୟୁନେସ୍କୋ ଅନୁମୋଦିତ ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଏହି ମହାନ ଦିବସଟିର ପାରମ୍ପାରିକ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ମହିଳା ସଂରକ୍ଷଣ ଓ ଡିଲିମିଟେସନ ନେଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ବାରିପଦା, (ସବ୍ୟୁ) : ବାରିପଦା କର୍ମଚାରୀ ଭବନରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପିସିସି ନିର୍ଦ୍ଦେଶ କ୍ରମେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ପାଇଁ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ବାସୁଦେପୁର ବିଧାୟକ ଅଶୋକ ଦାସ, ରାଜ୍ୟ ମୁଖପାତ୍ର ରଜନୀ ମହାନ୍ତି ଯୋଗଦେଇ କେନ୍ଦ୍ର ସରକାରର ରାଜନତିକ ଚକ୍ରାନ୍ତକୁ ବିରୋଧ କରି କହିଥିଲେ ଯେ, ମହିଳା ସଂରକ୍ଷଣ ଓ ଡିଲିମିଟେସନକୁ ନେଇ ଭାରତ ବର୍ଷକୁ ଏକଛାତ୍ର ବାଦ ଶାସନ ଆଡ଼କୁ ବିଜେପି ସରକାର ଦେଶକୁ ନେଇଯିବା ପାଇଁ ଚାହୁଁଛି।

ପୂର୍ବରୁ ମହିଳା ସଂରକ୍ଷଣ ବିଲ ଦେଶରେ ପାସ ହୋଇଛି ତାହା ଲାଗୁନକରି ଦେଶବାସୀକୁ ଭୁଲ ରାସ୍ତା ଦେଖାଉଛି ବିଜେପି, କଂଗ୍ରେସ ଦଳ ଲୋକସଭାରେ ବିରୋଧ କରି ବିଲକୁ ପାସ ହେବା ପାଇଁ ଦେଇନାହିଁ, ଏ କଥା ସମସ୍ତ କଂଗ୍ରେସ କର୍ମୀ କଂଗ୍ରେସ ପ୍ରେମୀ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ସହିତ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ବ୍ଲକ ଓ ପଂଚାୟତ ସ୍ତରରେ ଲୋକଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କେନ୍ଦ୍ର ସରକାର ଯେପରି ଭାବେ ସାରା ରାଜ୍ୟରେ ବିରୋଧୀ ଦଳକୁ ବିରୋଧ କରି ଯେପରି ଭାବେ ରାଜ୍ୟରେ ବିକ୍ଷୋଭ ଓ ଗାଳି କରି ଅରାଜକତା ସୃଷ୍ଟି କରୁଛି କଂଗ୍ରେସ ଦଳ ବିଜେପିର କାର୍ଯ୍ୟକଳାପକୁ ଦୃଢ଼ ଭାବେ ବିରୋଧ କରିଅଛି। ଆଗାମୀ ଦିନରେ ସାଧାରଣ ଜନତା ଉଚିତ୍ ଜବାବ ଦେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏସଟି, ଏସି, ମହିଳା, ଯୁବ ଓ ବିସି କଂଗ୍ରେସର ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ରାୟଗଡ଼ା ଜିଲ୍ଲା ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରିଲା ଟିପିଏସ୍‌ଓଡିଏଲ୍

# ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉପକୃତ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରିଛି । ଏହି କ୍ରମରେ ନୂତନ ୩୩କେଭି ଫିଡର ଲାଇନ ପ୍ରତିଷ୍ଠା ହେବା ସହ କାର୍ଯ୍ୟକ୍ଷମ ହୋଇଛି । ରାୟଗଡ଼ା ରେଲେଓ୍ୱ ଗେଟ୍ (ଶିବ ମନ୍ଦିର ସନ୍ନିକଟ) ଠାରୁ ରାନିଗୁଡ଼ା ପ୍ରାଇମେରୀ ସବଷ୍ଟେସନ (ପିଏସ୍ଏସ୍) ପର୍ଯ୍ୟନ୍ତ ଏହି ନୂତନ ଲାଇନ ସଂଯୁକ୍ତ ହୋଇଛି । କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଫଳରେ ଅଞ୍ଚଳର ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରା ହେବା ସହିତ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହେବ । ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଫିଡର ଲାଇନରେ ୬ ସର୍କିଟ କିଲୋମିଟର ଓଭରହେଡ୍ ଲାଇନ୍ ରହିବା ସହ ୧୧୦ମିଟର ଭୂତଳ କେବୁଲ ଲାଇନ ଅନ୍ତର୍ଭୁକ୍ତ ରହିଛି । ରାୟଗଡ଼ା ରେଲେଓ୍ୱ ଗେଟ୍‌ରୁ ଏହି ଲାଇନ୍ ଆରମ୍ଭ ହୋଇଛି ଓ ରାନିଗୁଡ଼ା ପିଏସ୍ଏସ୍ ରେ ସମାପ୍ତ ହୋଇଛି । ଯାହା ସବଷ୍ଟେସନକୁ ୩୩କେଭି ସ୍ଥିର ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପ୍ରଦାନ କରୁଛି । ରାନିଗୁଡ଼ା ପିଏସ୍ଏସରୁ ଦୁଇଟି ଆଉଟଗୋଇଙ୍ଗ୍ ୧୧କେଭି ଫିଡର ଯଥାକ୍ରମେ ଚେକାଗୁଡ଼ା ଏବଂ ରାନିଗୁଡ଼ା ମାଧ୍ୟମରେ ବିଦ୍ୟୁତ ଯୋଗାଣ ହୋଇଥାଏ । ଚେକାଗୁଡ଼ା ଫିଡର ଚେକାଗୁଡ଼ା, ବିଦ୍ୟାନଗର



ଅଞ୍ଚଳ ସମେତ ଟାଉନ୍-୩ ଫିଡରକୁ ମଧ୍ୟ ସମର୍ଥନ ଯୋଗାଇଥାଏ । ସେହିଭଳି ରାନିଗୁଡ଼ା ଫିଡର ରାନିଗୁଡ଼ା ଫାର୍ମ, ଗୌତମ ନଗର, ହାଥୀପତର ରୋଡ୍ ସହିତ ଟାଉନ୍-୪ ଫିଡରକୁ ବିଦ୍ୟୁତ ଯୋଗାଣ କରିଥାଏ । ପୂର୍ବରୁ ଟାଉନ୍-୩ ଏବଂ ଟାଉନ୍-୪ ଫିଡର ରାୟଗଡ଼ା ଟାଉନ୍ ନମ୍ବର-୨ ସେକ୍ସନର ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ ଯୋଗାଉଥିଲା । ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଏହି ଫିଡର ଫଳରେ ସ୍ଥିର ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସମସ୍ତ ଚାରିଟି ଫିଡରରେ ସୁନିଶ୍ଚିତ ହୋଇ ପାରିଛି । କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଫଳରେ ପ୍ରାୟ ୮ ହଜାର ଉପଭୋକ୍ତା ଉପକୃତ ହୋଇଛନ୍ତି । ଏଥିସହିତ ଭୋଲେଟଜରେ ସ୍ଥିରତା ଆସିବା ସହିତ ଫିଡର ଉପରେ ଥିବା ଲୋଡ୍ ହ୍ରାସ ପାଇଛି । ସେହିଭଳି ଅଞ୍ଚଳର ଘରୋଇ ଉପଭୋକ୍ତା, ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଜରୁରୀକାଳୀନ ସେବାକୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି । ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଇବା ପାଇଁ ଆମେ ପ୍ରତିବଦ୍ଧ । ରାୟଗଡ଼ା ଜିଲ୍ଲାର ଏହି ନୂତନ ୩୩ କେଭି ଫିଡର ଲାଇନ ଯୋଗାଣରେ ସ୍ଥିରତା, ଲୋଡ୍ ହ୍ରାସ ସହିତ ସେବାରେ ନିର୍ଭରଶୀଳତା ଆଣିବ ଯାହା ଯୋଗୁଁ ହଜାର ହଜାର ଉପଭୋକ୍ତା ଉପକୃତ ହେବେ । ଟିପିଏସ୍‌ଓଡିଏଲ୍ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ । ଏଥିସହିତ ରାୟଗଡ଼ା ସହର ସହ ଆଖପାଖ ଅଞ୍ଚଳର ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରା କରିବାରେ ସମର୍ଥ ହେବ ।

### ମୟୂରଭଞ୍ଜରୁ ବଡ଼ ଖବର

# ଓଡିଆ ପ୍ରେମିୟର-୩.୦ ହାକାଥନରେ କମାଲ କଲେ ଛାତ୍ରଛାତ୍ରୀ

ବାରିପଦା, (ସବ୍ୟୁ) : ଆଜି ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ବାରିପଦାସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଷ୍ଟାର୍ସ ପ୍ରୋଗ୍ରାମ ଅଧୀନରେ "ଜିଲ୍ଲା ସ୍ତରୀୟ ଓଡିଆ ପ୍ରେମିୟର - ଏ ସ୍ମାର୍ଟ ଓଡିଶା ହାକାଥନ୍ ୩.୦ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ମନୋନୀତ ୨୧ଟି ଅଭିନବ ପ୍ରକଳ୍ପକୁ ନେଇ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ ଆଇଆଇଟି ଭୁବନେଶ୍ୱର ତରଫରୁ ଇଞ୍ଜିନିୟର ସୌମ୍ୟରଞ୍ଜନ ମିଶ୍ର, ବାଜାରସାଇଡ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ପିତାମ୍ବର ସାହୁ ଏବଂ ମୟୂରଭଞ୍ଜ ଚେମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ରୋଟାରିଆନ୍ ନୀରଜ କୁମାର ପାଣ୍ଡା ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ । ଉଦଘାଟନି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍ତର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ, ମୟୂରଭଞ୍ଜର ଡେପୁଟି ସେକ୍ରେଟାରୀ ରାଜେଶ କୁମାର ପ୍ରଧାନ, ମୁଖ୍ୟବକ୍ତା ରୂପେ ମହାରାଜା ଶ୍ରୀରାଚନ୍ଦ୍ରଭଞ୍ଜ ବିଶ୍ୱ ବିଦ୍ୟାଳୟ ବାରିପଦାର ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ଏମ୍. ହେମାବିନ୍ଦୁ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ମହାନ୍ତି ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସଂଯଜନା କରିଥିବା ବେଳେ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ । ଓଏଭି, ଗରୁଡ଼ବସା ଛାତ୍ରୀ ଦିବ୍ୟାଂଶୀ ଦାଶ ଓ ଟିମ୍‌ଙ୍କ ଏଆଇ-ଚାଟ୍‌ବଟ୍ ପ୍ରକଳ୍ପ, ଓ.ଏ.ଭି, ସାନଶୋଳ, ଶାମାଖୁଣ୍ଟାର ତନ୍ମୟ ପୁଥାଲଙ୍କ ଅଟୋ ଗ୍ରିଡ୍ ଏକ୍ସ ପ୍ରକଳ୍ପ ଓ ଓ.ଏ.ଭି, ଚାନ୍ଦୁଆ, କୁଳିଅଣାର ଜୟନ୍ତ କୁମାର ମହାନ୍ତଙ୍କ ଫଲାଁ ଏକ୍ସ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିମାନଙ୍କ ଠାରୁ ମାନ ପତ୍ର ଓ ନଗଦ ପୁରସ୍କାର ରାଶି ୨୦୦୦୦, ୧୫୦୦୦ ଓ ୧୦୦୦୦ ଟଙ୍କା ଗ୍ରହଣ କରିଥିଲେ ।

ଏହାବ୍ୟତୀତ ଓ.ଏ.ଭି, ଗରୁଡ଼ବସାର ଜ୍ୟୋତି କୁମାରୀ ସାହୁର ଓ୍ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ଏବଂ ସି.ପି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୋନାଲି ପାତ୍ରର କାଇ ପିମ୍ପୁଡି ପ୍ରକଳ୍ପ ମଧ୍ୟ ଶ୍ରେଷ୍ଠ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ମନୋନୀତ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ଆଗକୁ ରାଜ୍ୟ ସ୍ତରୀୟ ହାକାଥନରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିନିଧିତ୍ୱ କରିବେ ବୋଲି ଘୋଷଣା କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ପ୍ରଦର୍ଶନୀରେ ଶିକ୍ଷକ ମନୋଜ କୁମାର ପାତ୍ର, ମନୋଜ କୁମାର ପରିଡ଼ା, ଅଜିତ୍ କୁମାର ମହାନ୍ତି, ଭିଷ୍ଣୁଦେବ ମହାନ୍ତ, ବସନ୍ତ କୁମାର ଦତ୍ତ, ଶିକ୍ଷୟତ୍ରୀ ଅତସୀ କୁଣ୍ଡୁ , ମୌସୁମୀ ଦୀକ୍ଷିତ ଓ ଦେବଦର୍ଶୀ ପ୍ରସାଦ କର, କନିଷ୍ଠ ସହାୟକଙ୍କ ସମେତ ଉକ୍ତ ମହାବିଦ୍ୟାଳୟର ସମସ୍ତ ଅଧକ୍ଷ ଓ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଓଡ଼ିଶାର ନୂଆ ଚିନ୍ତାଧାରା - ମୟୂରଭଞ୍ଜର ପିଲାଏ ଦେଖାଇଲେ ଜଲୱା ।

## ପୋଖରୀରେ ବୁଡି ଯୁବକ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଲମ୍ବାବନ୍ଧରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଯୁଯୋମୁରା ଗ୍ରାମର ଆନନ୍ଦ ମିର୍ଦ୍ଧା(୨୪) ବୋଲି ଜଣାପଡିଛି। ଏନେଇ ୧୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ଜବତ କରାଯାଇଛି। ଜବତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଆନନ୍ଦ ଗତ ୨୪ତାରିଖ ମଧ୍ୟାହ୍ନରେ ଏହି ପୋଖରୀକୁ ଗାଧୋଇବାକୁ ଆସି ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ପାଇନଥିଲେ। ତେବେ ପୋଖରୀ ହୁଡାରେ ତାଙ୍କ ଚପଲ ଓ ସାବୁନ ଦେଖିବାକୁ ମିଳିଥିଲା। ଏହା ଜଣାପଡିବା ପରେ ପୋଲିସ ଓ ଅଗ୍ନିଶମ ବାହିନୀ ପୋଖରୀକୁ ଯାଞ୍ଚ କରିଥିଲେ। ମାତ୍ର ତାଙ୍କୁ ପାଇ ନଥିବାବେଳେ ଶନିବାର ସକାଳେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା ।

## ଖାଉଟି ଅଦାଲତରେ କେନ୍ଦ୍ରୀୟ ରେଳବାଇ ଦଣ୍ଡିତ

ବଲାଙ୍ଗିର,(ସବ୍ୟୁ): ଜିଲ୍ଲା ଖାଉଟି ଅଦାଲତରେ କେନ୍ଦ୍ରୀୟ ରେଳବାଇ ଦଣ୍ଡିତ ହୋଇଛି । ଖାଉଟି ଅଦାଲତର ବିଚାରପତି ଦ୍ୱୟ ରବୀନ୍ଦ୍ର ତ୍ରିପାଠୀ ଓ ଜ୍ୟୋସ୍ନା ମିଶ୍ରଙ୍କ ଶୁଣାଣୀ ଦ୍ୱାରା କେନ୍ଦ୍ରୀୟ ରେଳବାଇ ୧ ଲକ୍ଷ ୩ ହଜାର ଟଙ୍କା ଜରିମାନା ଭରିଛନ୍ତି । ଦୀର୍ଘ ସମୟ ଧରି ଟ୍ରେନ୍ ବିଳମ୍ବ ହେବାରୁ ଜଣେ ଯାତ୍ରୀ ଚଣ୍ଡୀ ପ୍ରସାଦ ଖମାରୀ ବିମାନ ଯାତ୍ରାରୁ ବଞ୍ଚିତ ହୋଇଥିବା ଘଟଣାରେ ଜିଲ୍ଲା ଉପଭୋକ୍ତା ଫୋରମ୍‌ରେ ୦୬.୦୪. ୨୦୨୪ ତାରିଖରେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଘଟଣା ଅନୁଯାୟୀ, ୨୦୨୪ ମସିହା ଅଗଷ୍ଟ ମାସରେ ଅଭିଯୋଗକାରୀ ଶ୍ରୀ ଖମାରୀ ଟ୍ରେନ୍ର ଯାତ୍ରା କରୁଥିଲେ। ସେ ନିର୍ଦ୍ଧାରିତ ସମୟରେ ଗନ୍ତବ୍ୟ ସ୍ଥାନକୁ ପହଞ୍ଚି ବିମାନ ଧରିବାକୁ ଯୋଜନା କରିଥିଲେ। କିନ୍ତୁ ଟ୍ରେନ୍ ବହୁ ସମୟ ବିଳମ୍ବ ହେବାରୁ ସେ ବିମାନ ଧରିପାରି ନଥିଲେ। ଫଳରେ ଅଭିଯୋଗକାରୀଙ୍କୁ ଆର୍ଥିକ ଓ ମାନସିକ କ୍ଷତି ଭୋଗିବାକୁ ପଡିଥିଲା। ଏହାକୁ ଗୁରୁତ୍ୱ ଦେଇ ଜିଲ୍ଲା ଉପଭୋକ୍ତା ଫୋରମ୍ ଆର୍ଥିକ କ୍ଷତି ବାବଦକୁ ୫୫ ହଜାର ଟଙ୍କା ଓ ମାମଲା ଶୁଣାଣି ଦିନଠୁଁ ସମାଧାନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୫୦୦ ଟଙ୍କା ସୁଧ ରାଶି ସହ ସର୍ବ ମୋଟ ରେଳବାଇକୁ ୧ ଲକ୍ଷ ୩ ହଜାର ଆର୍ଥିକ ରାଶି ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥଲେ ।

## କନ୍ଧମାଳରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ହାଇସ୍କୁଲ ପଡିଆରେ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । କନ୍ଧମାଳ ବିଡ଼ିଓ ସାମୀ ରେଞ୍ଜୀ ଜୟଶ୍ରୀ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ତହସିଲଦାର ଶ୍ୱେତପଦ୍ମା ଯୋଶୀ,ସିଡିପିଓ ପଙ୍କଜିନୀ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ । ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା , ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାଦେଶ ଓ ବିଭିନ୍ନ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୋଷ୍ଠୀ ନିବେଶ ରାଶି ଓ ବ୍ୟକ୍ତିଗତ ପାଇଖାନା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଓ୍ୱାସିଡ଼ିଏ ର ପୂର୍ଣ୍ଣ ଚନ୍ଦ୍ର ଖଟୁଆ ସଭା ପରିଚାଳନା କରିଥିଲେ । ଏଥିରେ ସରପଞ୍ଚ, ସମିତିସଭ୍ୟ/ସଭ୍ୟା,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ବାଲାଙ୍ଗିରରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ବ୍ଲକ ପିଇଓ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥବାବେଳେ ବିଡ଼ିଓ ଧନ୍ୟବାଦ ଅର୍ପଣ କରିଥିଲେ ।

### ହଜିଯିବକି କୌଳିକ ବୃତ୍ତି

# ଆଉ ଶୁଭୁନି କମାର ଶାଳର ଠକ୍ ଠକ୍ ଶବ୍ଦ



ବୌଦ୍ଧ,(ସବ୍ୟୁ): କମାର ଓ ଲୁହୁରା ସଂପ୍ରଦାୟର ଲୋକଙ୍କୁ ଚାଷୀର ବନ୍ଧୁ ବୋଲି କୁହାଯାଉଥିଲା । ରାତିପାହାନ୍ତିଆରୁ ଠକ ଠକ ଶବ୍ଦ ଶୁଭୁଥିଲା କମାର ଓ ଲୁହୁରା ଶାଳରେ । ଭାଟିର ନିଆଁ ହୁତହୁତ ହୋଇ ଜଳି ଉଠୁଥିଲା । ଆରମ୍ଭ ହୋଇଯାଉଥିଲା ଲୁହାକୁ ନିଆଁରେ ନରମ କରି ଚାଷବାସ ତଥା ଘରକରଣା ଜିନିଷ ତିଆରି କରିବା । ସେତେବେଳେ ଲୁହା ସାମଗ୍ରୀ ପାଇଁ କମାର ଓ ଲୁହୁରାଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଚାଷୀମାନେ ଚାଷ ପୂର୍ବରୁ କମାର ଓ ଲୁହୁରା ଶାଳରେ ସେମାନଙ୍କ ଲଙ୍ଗଳ ଲୁହା,ଶଗଡ ଚକର ଉପର ଅଂଶରେ ଲାଗୁଥିବା ଲୁହାଚକ ଓ ଅଖରେ ଲାଗୁଥିବା ଲୁହାକୁ ତିଆରି କରିନେଉଥିଲେ । ସେହିପରି ଶାବଳ, ଟାଙ୍ଗିଆ, କୁଡି, କୋଦାଳ,ଦାଆ,ପନିଖି, ବଡ କଣ୍ଟା ଆଦି ପ୍ରସ୍ତୁତ କରିନେଉଥିଲେ । ଚାଷୀ ସେମାନଙ୍କ ଚାଷକାମ ପାଇଁ ବ୍ୟବହାର ଲୁହାର ଉପକରଣ ପାଇଁ ଏମାନଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର ଥିଲା । ଯାହାଫଳରେ ସେମାନଙ୍କୁ ଚାଷୀର ବନ୍ଧୁ ବୋଲି କୁହାଯାଉଥିଲା । ସେତେବେଳେ କାମ ଏତେ ପରିମାଣରେ ପଡୁଥିଲା ଯେ ରାତି ଅଧରୁ ନ ଉଠିଲେ ଗ୍ରାହକଙ୍କୁ କାମ ଦେଇହେଉନଥିଲା । ତଥାପି କାମ ସରୁନ ଥିଲା । ଏପରିକି ଗ୍ରାହକଙ୍କୁ ଅପେକ୍ଷା କରିବାକୁ ପଡୁଥିଲା । ଏମାନଙ୍କ ତିଆରି ଜିନିଷ ମଜବୁତ ରହୁଥିଲା । ଭଲ ଦୁଇ ପଇସା ରୋଜଗାର କରି ଗୁଜରାଣ ମେଣ୍ଟାଉଥିଲେ । ଏହି ଦୁଇ ସଂପ୍ରଦାୟର କୌଳିକ ବୃତି ଲୁହାର ଜିନିଷ ତିଆରି କରିବା । ଆଗ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଗୋଟିଏ ଦୁଇଟି କମାରଶାଳ ରହୁଥିଲା । ଏବେ କିନ୍ତୁ ସମୟ ବଦଳି ଯାଇଛି । ଜ୍ଞାନକୌଶଳ ଯୁଗରେ ଆଉ ଆଗଭଳି କମାର ଶାଳରେ ଭିଡ ଦେଖିବାକୁ ମିଳୁନାହିଁ । ଏବେ ସେମାନେ ଜିନିଷ ତିଆରି କରି ଗ୍ରାହକଙ୍କୁ ଅପେକ୍ଷା କରିବାକୁ ପଡୁଛି । ବର୍ତ୍ତମାନ ବଜାରକୁ ବିଭିନ୍ନ କମ୍ପାନୀର ଲୁହା ଜିନିଷ ସବୁ ଆସିଗଲାଣି ଏବଂ ମୂଲ୍ୟ ମଧ କମ ରହୁଛି ଯାହାଫଳରେ ଲୋକେ ଆଉ କମାର ଶାଳକୁ ନ ଯାଇ ଦୋକାନରୁ କିଣି ନେଉଛନ୍ତି । ଏନେଇ ଖରଭୂଇଁ ଠାରେ ଥିବା କମାର ଯୋଗେଶ୍ୱର ଭୋଇ କହନ୍ତି ବର୍ତ୍ତମାନ ଯାହା ରୋଜଗାର ହେଉଛି ତାହା ପରିବାର ଚଳିବା ପାଇଁ କଷ୍ଟକର ହୋଇପଡୁଛି । ଲୁହାଦର ବୃଦ୍ଧି, କୋଇଲାର ଅଭାବ ସହିତ ଖରା ଓ ନିଆଁ ତାତିରେ ପରିଶ୍ରମ ଯେତିକି ହେଉଛି ସେଥିରେ ଜିନିଷ ତିଆରି କରି ବିକ୍ରି କରିବା ପର୍ଯ୍ୟନ୍ତ ଯାହା ମିଳୁଛି ତାହା ପରିବାର ଚଳିବା କଷ୍ଟକର ହୋଇପଡୁଛି । ଏହି କୌଳିକ ବୃତିକୁ ଛାଡି ହେଉନାହିଁ ବୋଲି କହିଛନ୍ତି । ବର୍ତ୍ତମାନ ଆଉ କାମଧନ୍ଦା ଅଭାବ ଯୋଗୁଁ ଅନେକ ସେମାନଙ୍କର କୌଳିକ ବୃତିକୁ ଛାଡି ଅନ୍ୟ କାମଧନ୍ଦା କରି ପରିବାର ପୋଶୁଛନ୍ତି । ଆଗ କୋଇଲା ସୁବିଧାରେ ମିଳୁଯାଉଥିବା ବେଳେ ଏବେ କଟକଣା ଯୋଗୁଁ ବିଭିନ୍ନ ଲୋକଙ୍କ ଠାରୁ ଚଢା ଦରରେ କୋଇଲା କିଣିବାକୁ ପଡୁଛି । କମାର ସଂପ୍ରଦାୟର ଲୋକେ ଜିଲ୍ଲାର ମଣିପୁର, ରାଉତପଡା, ଖରସଙ୍କୁଲେଇ, ଛତ୍ରଙ୍ଗ, ଯାବର, ଖଳିସାହି, ଛିଡିକାବାରି, କୁଟିବାରି, ଠାକୁରମୁଣ୍ଡା, ଲାଣ୍ଡିବନ୍ଧ, ଦେବଗଡ, ଜାମୁପାଲି, ଜାମୁଖୁଲ, କଳାପଥର,ସାହାଜପାଲ ଆଦି ଅଂଚଳରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ନିଜର କୌଳିକ ବୃତ୍ତିକୁ ଆପଣାଇ ପରିବାର ପ୍ରତିପୋଷଣ କରୁଛନ୍ତି । ସରକାର ଏହି ସମାଜ ପ୍ରତି ଦୃଷ୍ଟି ଦେଇ ସେମାନଙ୍କର ଆର୍ଥିକ ବିକାଶ କିପରି ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବା ସହିତ ଏହି ସମାଜର ଲୋକଙ୍କୁ ସ୍ୱତନ୍ତ୍ର ତାମିଲ ଦେଇ ବିଭିନ୍ନ କର୍ମସଂସ୍ଥାରେ ନିୟୋଜିତ କରି ପାରିଲେ ଏମାନଙ୍କର ବିକାଶ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

### ଧର୍ମଗଡ଼ ମହିଳା ଡିଗ୍ରୀ କଲେଜରେ

## ଯୌନ ଉତ୍ପୀଡ଼ନ ଅତ୍ୟାଚାର ଉପରେ ସଚେତନତା




ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଶକ୍ତିଶ୍ରୀ ଏବଂ ଧର୍ମଗଡ କୋର୍ଟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଯୌନ ଉତ୍ପୀଡ଼ନ ଅତ୍ୟାଚାର ଉପରେ ଏକ ସଚେତନାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ୍ ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଗୁଣ୍ଡିଚା ସାମନ୍ତ ସିଂ ଏଡି ଜେ ତଥା ଅଧ୍ୟକ୍ଷ ଟି ମ୍ ଏଲଏସ ସି ଧର୍ମଗଡ, ଅନ୍ୟତମ୍ ଅତିଥି ଇପ୍ସିତା ମହାନ୍ତି ସିନିଅର୍ ସିଭିଲ ଜଜ୍ ଧର୍ମଗଡ, ଶ୍ରୀକାନ୍ତ ପାଢ଼ୀ ଏସ ଡି ଜେ ଏମ୍ ଧର୍ମଗଡ , ସନ୍ତୋଷ ସୈନିକ ଏସ ଆଇ ଧର୍ମଗଡ, ସଂଯୁକ୍ତା ପଣ୍ଡା ରିଟେନର ଫ୍ରଣ୍ଟ ଅଫିସର୍ ଧର୍ମଗଡ ଯୋଗଦେଇ ଛାତ୍ରୀ ମାନଙ୍କୁ ଯୌନ ଉତ୍ପୀଡ଼ନ ଉପରେ ନିଜର ମୁଁହ ଖୋଲିବାକୁ ପରାମର୍ଶ ଦେଇଥିଲେ । ନିଜର ଅଧିକାରକୁ ନିଜେ ଜାଣିଲେ ହିଁ ସମାଜରେ ପ୍ରତିନିଧିତ୍ୱ କରିହୁଏ । ଘରେ ବାହାରେ ସ୍କୁଲ କଲେଜ୍ ବସ୍ ଯେଉଁଠି ହେଲେ ବି ଏହାର ଜବାବ୍ ଦେବାକୁ ହୁଏ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଅଧାପିକା ଜୟନ୍ତୀ କୁମାରୀ ମୁଦୁଲି, ସୁଜାତା ମହାନ୍ତି, ଅଧାପକ ସରୋଜ କୁମାର ମେହେର, ଅର୍ଚ୍ଚନା ଗୁଛି ,ଲୁସି ଗୌଡ଼, ଝରଣା ପ୍ରଧାନୀ, ରୋଜାଲିନ୍ ଚିନାରା ସହକାରୀ ଗ୍ରନ୍ଥାଗାରିକ ଲକ୍ଷପତି ନାଏକ ଉପସ୍ଥିତ ଥିଲେ । କଲେଜର ଶତାଧିକ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

### ଏକକ ବ୍ୟବହୃତ ପ୍ଲାଷ୍ଟିକ ବିରୋଧରେ ଚଢ଼ାଉ

## ୫,୧୦୦ ଟଙ୍କା ଜରିମାନା

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବିରୋଧରେ ଜିଲ୍ଲା ପ୍ରଶାସନଙ୍କ ଅଭିଯାନକୁ ଆହୁରି ସକ୍ରିୟ କରିବା ପାଇଁ କୋମନା ବ୍ଲକର କୁରେଶ୍ୱର ଗ୍ରାମପଞ୍ଚାୟତ ଅଞ୍ଚଳର ବିଭିନ୍ନ ଦୋକାନ, ହାଟବଜାର ଓ ହୋଟେଲଗୁଡ଼ିକରେ ଚଢ଼ାଉ କରାଯାଇଥିଲା । ଚଢ଼ାଉରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ନେତୃତ୍ୱ ନେଇଥିଲେ । ଏଥିରେ ବିଡିଓ ପବିତ୍ର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ, ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି) ଜିଏମ୍ ସମୀର ମୁଦୁଲି, ସ୍ୱଚ୍ଛ ଭାରତ ଅଭିଯାନର ଜିଲ୍ଲା ସଂଯୋଜକ ଅନିଲ କୁମାର ଲେଙ୍କା ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ଜିଲ୍ଲା ମସ୍ୟ ଅଧିକାରୀ ଅରୁଣ ସାହୁ, ସହିତ ସ୍ଥାନୀୟ ସରପଞ୍ଚ ସତ୍ୟବାନ୍ ସାହୁ ଓ ପିଇଓ ଘନେଶ୍ୱର ତାଣ୍ଡି, ଡମ୍ବରୁଧର ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ବଡ଼ ବଡିଆ ପ୍ଲାଷ୍ଟିକ ବ୍ୟବସାୟୀଙ୍କ ଉପରେ ପ୍ରଶାସନ ଚଢ଼ାଉ ନକରି ଛୋଟ ବ୍ୟବସାୟୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଚଢ଼ାଉ ସମୟରେ ବିଭିନ୍ନ ଦୋକାନ ଓ ହୋଟେଲ ରୁ ପଲିଥିନ ବ୍ୟାଗ, ପ୍ଲାଷ୍ଟିକ ପ୍ଲେଟ୍ ଇତ୍ୟାଦି ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିଲା। ମୋଟ ୫,୧୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି।

## ନୃସିଂହନାଥ ପୀଠରେ ରଙ୍ଗୋଲି, ଚିତ୍ରକଳା ଶିବିର



ପଦ୍ମପୁର,(ସବ୍ୟୁ): ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ବୈଶାଖ ମେଳା-୨୦୨୬ ଅବସରରେ ଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ଏକ ଭବ୍ୟ ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅପ୍ରେଲ ୨୬ ରୁ ମେ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମେଳା ପୂର୍ବରୁ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାବାନ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ବରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିଁ ହୁସେନ୍, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏବଂ ଏବିଡ଼ିଓ ଦେବାଶିଷ ସିହ୍ନା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରଖର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଶିବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ 'ଜୟ ଗୋପାଳ ଗ୍ରୁପ' ଶ୍ରେଷ୍ଠ ବିବେଚିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜଖରିଆରର ଦିଗବିଜୟ ସିଂହ ଦ୍ୱିତୀୟ ଏବଂ 'ଲିଟିଲ୍ ଏଞ୍ଜେଲ୍' ଗ୍ରୁପ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହା ସହିତ ଆୟୋଜିତ ଚିତ୍ରକଳା ଶିବିରରେ ମୋଟ ୧୫ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ଭାବଗ୍ରାହୀ ଚିତ୍ରମାନ ଅଙ୍କନ କରିଥିଲେ। ଶିବିର ଶେଷରେ ଅତିଥିମାନେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିବା ସହ ସେମାନଙ୍କର ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଭୁ ନୃସିଂହନାଥଙ୍କ ପବିତ୍ର ବୈଶାଖ ମେଳା ପାଇଁ ଏବେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ଏହିପରି କଳା ଓ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମ ମେଳାର ମାହୋଲକୁ ଆହୁରି ମନୋରମ କରିଛି। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆଲୋକ ଗରିଆ କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ପଞ୍ଚାୟତିରାଜ ଦିବସ ପାଳିତ



ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ପଞ୍ଚାୟତ ସମିତି ପରିସରରେ ଜାତୀୟ ପଂଚାୟତରାଜ ଦିବସ ପାଳିତ ହୋଇଯାଇଛି। ପଂଚାୟତ ସମିତି ଅଧକ୍ଷ ଥବିର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଳାହାଣ୍ଡି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭାପତି ବିଜୟ କୁମାର ଦିଶାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧାପକ ମାନସରଞ୍ଜନ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପଂଚାୟତ ରାଜ ବ୍ୟବସ୍ଥାର ଆରମ୍ଭ, ତାର ବିକାଶ ଓ ବିବର୍ତ୍ତନ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରତିନିଧି ଦିଲ୍ଲୀପ ରାଉତ, ଜୟପାଟଣା ଜିଲ୍ଲାପରିଷଦ ସଦସ୍ୟ ଅଙ୍ଗଦ ମାଝୀ, ଯୁବ ସଂଗଠକ ଅବିନାଶ ନନ୍ଦ, ଯୋଗଦେଇଥିଲେ। ବିଡ଼ିଓ ଧର୍ମରାଜ ମାଝୀ ସଭା କାର୍ଯ୍ୟକୁ ପରିଚାଳନା କରିବା ସହ ପଂଚାୟତରାଜ ବ୍ୟବସ୍ଥାରେ ଗଣତନ୍ତ୍ରର ବିକେନ୍ଦ୍ରିକରଣ ତଥା ହିତାଧିକାରୀ ମାନଙ୍କ ସୁଯୋଗ ଓ ଅଧିକାର ଉପରେ ଆଲୋକପାତ କରିଥିଲେ। ଆୟୋଜିତ ସଭାରେ ବିଭିନ୍ନଗ୍ରାମ ପଂଚାୟତ ରୁ ସରପଞ୍ଚ, ଓ୍ୱାର୍ଡ ସଭ୍ୟ, ପଂଚାୟତ ସମିତି ସଭ୍ୟ, ମାତୃଶକ୍ତି ସଦସ୍ୟା, ବୁଦ୍ଧିଜୀବୀ, ଓ ଗଣ ମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ବଲାଙ୍ଗିରରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରସାରିତ କରାଯାଇ ସରକାରଙ୍କ ଯୋଜନାକୁ ସମସ୍ତଙ୍କ ପାଖରେ ପ୍ରଦର୍ଶିତ କରାଯାଇଥିବା ସହ ଆବାସ ଯୋଜନାରେ ମଙ୍ଗଳପୁର, ଜୟପାଟଣା ଓ ଖଲିଆଭଟା ଗ୍ରାମପଞ୍ଚାୟତର ୩୦ଜଣ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା ।

## ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ



ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ରବିଧାନ ସଂଗ୍ରହ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ୨୦ ତାରିଖରୁ ରବି ଧାନ ସଂଗ୍ରହ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ବୈଠକରେ ଚାଷୀ ଏବଂ ମିଲର୍ସ ମାନଙ୍କର ରହିଥିବା କିଛି ସମସ୍ୟା ଓ ତାର କିପରି ସରଳ ସମାଧାନ କରିଯିବ ସେ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁଚାରୁରୂପେ ପରିଚାଳନା କରାଯିବ ସେ ଦିଗରେ ସମସ୍ତ ମିଲର୍ସ ଚାଷୀଙ୍କର ପୂର୍ଣ୍ଣ ସହଯୋଗ ରହିବା ପାଇଁ ମଧ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଚଳିତ ୨୦୨୫-୨୬ ବର୍ଷରେ ରବି ଧାନ ବିକ୍ରୟ କରିବା ପାଇଁ ୫୬,୬୩୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ଗତ ବର୍ଷ ରବିଧାନ ବିକ୍ରୟ ପାଇଁ ୪୮,୮୧୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ ଫଳରେ ଗତ ବର୍ଷ ଠାରୁ ୭୮୨୧ ଜଣ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ସେହିପରି ଜିଲ୍ଲାରେ ଚଳିତ ବର୍ଷ ୯୩ ଟି ଧାନକ୍ରୟ କେନ୍ଦ୍ର କରାଯାଇଥିବା ବେଳେ ୨୬ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ । ଏହା ସହ ଧାନ ଉଠାଣରେ ଏଥର ୯୭ ରାଇସ ମିଲ୍ସକୁ ନିଯୋଜିତ କରାଯାଇଛି । ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଡି.ଆର୍.ସି.ଏସ୍. ସ୍ୱରୂପ କୁମାର କର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଡି.ଏମ୍. ଏଫ୍.ସି.ଆଇ. ପ୍ରଫୁଲ୍ଲ କୁମାର ସାହୁ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଦୁର୍ଗା କେଶରୀ, ବିଧାୟକଙ୍କ ପ୍ରତିନିଧି, ଚାଷୀଙ୍କ ପ୍ରତିନିଧି, ମିଲର୍ସ, ପ୍ୟାକ୍ସ ଆର୍.ଏମ୍.ସି. ର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଉପଜିଲ୍ଲାପାଳ ଭବାନୀପାଟଣା ଶ୍ରୀ ପରିଡ଼ା ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଲାମୁଣ୍ଡା ମଣ୍ଡଳସ୍ତରୀୟ ମାସିକ ପଦାଧିକାରୀ ବୈଠକ

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ମଣ୍ଡଳସ୍ତରୀୟ ମାସିକ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ସଭାପତି ବୈଶାଖୁ କେତକୀ ସଭାପତିତ୍ୱ କରିଥିଲେ । ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ମନୋଜ କୁମାର ମେହେର, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଗୋଲାମୁଣ୍ଡା ମଣ୍ଡଳ ପ୍ରଭାରୀ ନିରୁପମା ନାଏକ, କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ଆଟିଗାଁ ମଣ୍ଡଳ ସଭାପତି ରୋଶନ ଭାଇ, ସହ ପ୍ରଭାରୀ ପ୍ରଦୀପ ପଣ୍ଡା ଏବଂ ମଣ୍ଡଳ ଉପ ସଭାପତି ଗଙ୍ଗା ବିଷ୍ଣୁ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବିଜେପି ଦଳକୁ ବୁଥ୍‌ସ୍ତରରେ ଅଧିକ ଶକ୍ତିଶାଳୀ କରିବା ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇଛନ୍ତି। ଆଗାମୀ ପଞ୍ଚାୟତସ୍ତରୀୟ ନିର୍ବାଚନକୁ ଦୃଷ୍ଟିରେ ରଖି କଠିନ ପରିଶ୍ରମ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

### ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ନେଇ ଦାବିପତ୍ର ପ୍ରଦାନ



ବଲାଙ୍ଗିର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁକ୍ରବାର ବଲାଙ୍ଗିର ଗସ୍ତ କାର୍ଯ୍ୟକ୍ରମ ବେଳେ ଜିଲ୍ଲା ବିଜେଡି ଦଳ ପକ୍ଷରୁ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ପରାମର୍ଶ କ୍ରମେ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସ୍ଥାନୀୟ ସର୍କିଟ ହାଉସରେ ବିଜେଡିର ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧିଦଳ ନିକଟଅତିତରେ ଟିଏସି(ବୈଷୟିକ ପରାମର୍ଶଦାତା କମିଟି)ର ଅନୁମୋଦନ ଲାଭ କରିଥିବା ସୋନଗଡ ନଦୀରେ ସିକୁଆଁ-ସିଲେଟକାନୀର ୧୨୪ କୋଟି ଟଙ୍କାର ଆଇଏସଏସ ପ୍ରକଳ୍ପକୁ ତୁରନ୍ତ ଆରମ୍ଭ କରାଯିବା ଦାବି କରିଥିଲେ । ଏହି ପ୍ରକଳ୍ପ ଯୋଗୁଁ ଦେଓଗାଁ ବ୍ଲକର ୧୬ ଖଣ୍ଡ ଗ୍ରାମର ଜମିକୁ ଜଳସେଚିତ କରାଯିବା ସହିତ ୨୮ଟି ପାନୀୟଜଳ ପ୍ରକଳ୍ପ ଉପକୃତ ହେବ । ଏହା ସହିତ ସୋନଗଡରେ ଦେଓଗାଁ,ଜରାସିଂହା ଠାରେ ଓ ତେଲନଦୀରେ ବ୍ରାହ୍ମଣୀପଲା ଠାରେ ବ୍ୟାରେଜ କରାଯିବାକୁ ମଧ ଦାବି କରାଯାଇଛି । ସେହିପରି ବଲାଙ୍ଗିର ସହରର ଜଳ ପରିଚାଳନା ,ଡ୍ରେନେଜ ବ୍ୟବସ୍ଥା ପାଇଁ ୧ହଜାର କୋଟି ଟଙ୍କା,ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ଅତିରିକ୍ତ ୧୦୦ଏକର ଜମି ଯୋଗାଇବା ସହ ଭିତ୍ତିଭୂମି ପାଇଁ ୧୫୦ କୋଟି ଟଙ୍କାର ଅନୁଦାନ ଦେବା, ଆବଶ୍ୟକ ପ୍ରଫେସର ପଦବୀ ପୂରଣ କରିବା,ସରକାରୀ ମହିଳା ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା,ଭୀମଭୋଇ ମେଡିକାଲ କଲେଜରେ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା,ବଲାଙ୍ଗିରରେ ସେଣ୍ଟ୍ରାଲ ଲାଇବ୍ରେରୀ ସ୍ଥାପନ କରିବା,ସଦରବ୍ଲକ ଓ ଦେଓଗାଁ ବ୍ଲକ ଅଞ୍ଚଳରେ ଚାଷୀଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରିବା ଓ ତୁଷୁରା ଏୟାରଷ୍ଟ୍ରିପକୁ ଅଧିକ ଅନୁଦାନଦେଇ ପାଇଲଟ ଟ୍ରେନିଂ କେନ୍ଦ୍ରସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ପ୍ରତିନିଧି ଦଳରେ ବରିଷ୍ଠ ନେତା ଶ୍ରୀ ମେହେରଙ୍କ ସମେତ ସୁଶୀଲ ଚାନ୍ଦ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ(ମଣ୍ଟୁ), ସଦରବ୍ଲକ ଅଧ୍ୟକ୍ଷା ସରିତା ବାଗ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଲେଙ୍କା ସାହୁ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତି ବାଗ, କାଉନସିଲର ଶମ୍ଭୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ କଡ଼ା ନିର୍ଦ୍ଦେଶ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସ୍ୱତନ୍ତ୍ର ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କିଛି ସ୍ଥାନରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗ ଓ ଠିକାଦାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଟେଲିଫୋନ୍ ଯୋଗେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାଙ୍କୁ ତୁରନ୍ତ ଚେତାବନୀ ଜାରି କରିବାକୁ ସେ କହିଛନ୍ତି। ସରକାରୀ ଗାଇଡଲାଇନ୍ ଉଲ୍ଲଂଘନ କରି ଯଦି କୌଣସି ଠିକାଦାର ଶ୍ରମିକଙ୍କୁ ଖରାରେ କାମ କରାନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

କୋରାପୁଟ,(ସବ୍ୟୁ): ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଏବଂ କୋରାପୁଟ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ,ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା,କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ,କୋରାପୁଟ ସାଂସଦଙ୍କ ପ୍ରତିନିଧି ବାବୁଲା ବେନିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନର ଅର୍ଥ ଏବେ ସିଧା ପଞ୍ଚାୟତ ବ୍ୟାଙ୍କ ଖାତାକୁ ଯାଉଛି। ଗାଁର ଶିକ୍ଷା,ସ୍ୱାସ୍ଥ୍ୟ,ରାସ୍ତା ,ପରିମଳ ଓ ପରିଚ୍ଛନ୍ନତା ପାଇଁ ବ୍ୟବସ୍ଥା ସୁଦୃଢ କରାଯାଉଛି। ତୃଣମୂଳସ୍ତର ଲୋକଙ୍କ ସହଭାଗିତାରେ ଯୋଜନା ପ୍ରଣୟନ କରାଗଲେ ନିଶ୍ଚିତ ଭାବେ କୋରାପୁଟ ଜିଲ୍ଲା ତଥା ଓଡ଼ିଶା ରାଜ୍ୟର ବିକାଶ ହୋଇପାରିବ। କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗାଁର ମଣିଷଟିଏ ଯୋଜନା ବିଷୟରେ ଅବଗତ ହେବାକୁ ପଡ଼ିବ ଏବଂ ଏହା ସହ ସହଭାଗିତା ରହିଲେ ନିଶ୍ଚିତ ଭାବେ ଗାଁର ବିକାଶ ହୋଇପାରିବ। ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଗାଁର ଲୋକମାନେ ନିଜର ଅଧିକାର ଏବଂ ଦାୟିତ୍ୱ ବିଷୟରେ ଅବଗତ ହେବାକୁ ପଡ଼ିବ । କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।କୋରାପୁଟ ବିଡିଓ ଦେବାଶିଷ ଗୌଡ,ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଗୌରୀ ଶଙ୍କର ସାହୁ ଏବଂ ହିମାଂଶୁ ଶତପଥି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

# ବିଭିନ୍ନ ସମସ୍ୟା ଘେରରେ ଟିମନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର




ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଟିମନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାନା ସମସ୍ୟା ଦେଇ ଗତି କରୁଛି। ଚିକିତ୍ସିତ ହେବାକୁ ଆସୁଥିବା ରୋଗୀମାନେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଜିଲ୍ଲା ସଦର ମହକୁମାଠାରୁ ୧୨୦ କିଲୋମିଟର ଦୂରରେ ଅବସ୍ଥିତ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସୀମାନ୍ତ ଛତିଶଗଡ଼ ସୀମାକୁ ଲାଗିଛି । ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଟିମନପୁର ଠାରେ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନୀଳଜି, ଖରସେଲ, ଟିମନପୁର, ଗୋର୍ଲା, ରାଣିମୁଣ୍ଡା ଆଦି ଗ୍ରାମ ପଞ୍ଚାୟତର ହଜାର ହଜାର ରୋଗୀ ନିଜର ସ୍ୱାସ୍ଥ୍ୟ ଗତ ସମସ୍ୟା ସମାଧାନ ତଥା ଚିକିତ୍ସା ପାଇଁ ଟିମନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି । ହେଲେ ଏହି ଟିମନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଥିବାରୁ ରୋଗୀମାନେ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର ନିୟମିତ ଭାବରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁ ନ ଥିବାରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଚିକିତ୍ସିତ ନ ହୋଇ ନିରାଶ ହୋଇ ଘରକୁ ଫେରି ଯାଇ ଅଯଥା ଖର୍ଚ୍ଚାନ୍ତ ହୋଇ ଗାଁ କ୍ୱାକ କିମ୍ବା ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଫାର୍ମାସିଷ୍ଟ ଦୀର୍ଘ ମାସ ହେବ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁ ନ ଥିବାରୁ ଆବଶ୍ୟକ ଔଷଧ ମିଳୁନଥିବାରୁ ରୋଗୀମାନେ ବାହାରେ ମେଡ଼ିସିନ କିଣି ଅଯଥା ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେଉଛନ୍ତି। ଜରୁରୀକାଳୀନ ଚିକିତ୍ସା ଓ ଔଷଧ ସେବା ଟିମନପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁ ନ ଥିବାରୁ ଘରୋଇ କ୍ଲିନିକ ଉପରେ ରୋଗୀମାନେ ନିର୍ଭର କରିବାକୁ ବାଧ ହେଉଛନ୍ତି । ଫଳରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଅଞ୍ଚଳର ଜନସାଧାରଣ ଆସ୍ଥା ହରାଇ ବସୁଛନ୍ତି। ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ଲୋକଙ୍କୁ ଘର ମୁହଁରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷରେ ବିଭିନ୍ନ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ସ୍ଥାପନ କରି ଡାକ୍ତର ନିଯୁକ୍ତି କରିଛନ୍ତି ରୋଗୀ ଚିକିତ୍ସା କରିବା ପାଇଁ ହେଲେ ଟିମନପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ତାର ଓଲଟା ଦେଖିବାକୁ ମିଳୁଥିବା ଅଞ୍ଚଳ ବାସୀ ତଥା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ବାରମ୍ବାର ଅଭିଯୋଗ କରୁଛନ୍ତି । ଫଳରେ ରୋଗୀମାନେ ଡାକ୍ତରଙ୍କୁ ନ ପାଇ ଘରୋଇ କ୍ଲିନିକରେ ଚିକିତ୍ସା କରାଇ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି ।

ସରକାର ଜନସାଧାରଣଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଟିମନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଉଛି। ଟିମନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଜଣେ ମେଡିକାଲ ଅଫିସର ଓ ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ନର୍ସିଂ ଅଫିସର, ଜଣେ ୱାର୍ଡ ଆଟେନଡେଣ୍ଟ ଏହି ଭଳି ପାଞ୍ଚ ଜଣ ନିୟମିତ କର୍ମଚାରୀ ଓ ପାଞ୍ଚ ଜଣ ଆଉଟ ସୋର୍ସିଂ କର୍ମଚାରୀ ଜଣେ ଲେବୋରୋଟେରୀ ଟେକନିସିଆନ, ଜଣେ ୱାର୍ଡ ଆଟେନଡାଣ୍ଟ, ଜଣେ ସିକ୍ୟୁରିଟି ଗାର୍ଡ ଓ ଦୁଇ ଜଣ ସଫେଇ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ସମସ୍ତ କର୍ମଚାରୀ ନିୟମିତ କାର୍ଯ୍ୟରେ ଯୋଗଦେଉ ଥିବା ବେଳେ ମେଡିକାଲ ଅଫିସର ଓ ଫାର୍ମାସିଷ୍ଟ ନିୟମିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁ ନଥିବା ଅଞ୍ଚଳ ବାସୀ ତରଫରୁ ବାରମ୍ବାର ଅଭିଯୋଗ ହେଉଛି। ସରକାର କେବିକେ ଅଞ୍ଚଳର ଡାକ୍ତରମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଦରମା ସାଙ୍ଗକୁ ମାସିକ ଭତ୍ତା ବ୍ୟବସ୍ଥା ବୃଦ୍ଧି କରିଛନ୍ତି। ଏହାର ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଚିକିତ୍ସା କରିବେ । କିନ୍ତୁ ଏଠାରେ ସେମାନେ ନରହି ମାସିକ ଭତ୍ତା ନେଉଛନ୍ତି । ଏଭଳି ଅବ୍ୟବସ୍ଥାକୁ ପ୍ରଶାସନିକ ଅଧିକାରୀମାନେ ଜାଣିଶୁଣି ଚୁପ ରହୁଥିବାରୁ ଏଠିକାର ଅଞ୍ଚଳବାସୀ ମାନେ ଉଚିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଥି ପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଶୁଣିଲେନି ତହସିଲଦାରଙ୍କ କଥା, ଫେରିଲେ ଜନଗଣନାକାରୀ

ସୁନ୍ଦରଗଡ଼,(ସବ୍ୟୁ): ତାତିଲେ ସୁନ୍ଦରଗଡର ଆଦିବାସୀ । ଆମେ ସମ୍ବିଧାନକୁ ମାନୁନାହୁଁ, ଆମେ ସରକାର କି ପ୍ରଶାସନକୁ ବି ମାନୁନାହୁଁ। ସେଥିପାଇଁ ଆମେ ଜନଗଣନାରେ ସାମିଲ ହେବୁନାହିଁ। ଜଣଗଣନା କର୍ମଚାରୀଙ୍କୁ ଏମିତି ରୋକଠୋକ ଶୁଣାଇ ଦେଇଛନ୍ତି ସୁନ୍ଦରଗଡ ଜିଲ୍ଲା ବାଲିଶଙ୍କରା ବ୍ଲକ ଲୁଲୁକିଡିହି ଅଚଂଳର ଏକ ନିର୍ଦ୍ଦିଷ୍ଟ ଆଦିବାସୀ ସଂସ୍ଥା। ସରକାରଙ୍କୁ ଅଡୁଆ ହୋଇଛି କୁଟୁମ୍ବ ପରିବାର । ତହସିଲଦାରଙ୍କ କଥା ଶୁଣିଲେନି, ଜନଗଣନାକାରୀଙ୍କୁ ଫେରାଇଦେଲେ । ସେମାନେ ପୂର୍ବରୁ ଘୋଷଣା କରିଥିଲେ ଯେ ସେମାନେ ଜନଗଣନାରେ ସାମିଲ ହେବେ ନାହିଁ । ଜନଗଣନା ଅଧିକାରୀ ତାଙ୍କୁ ବୁଝା ସୁଝା ପାଇଁ ଯିବା ସହ ପୁଣି ଘର ନମ୍ବର ପକାଇବା ପାଇଁ ଚେଷ୍ଟା କରିଥିଲେ । ହେଲେ ଗାଁ ର ଏହି କୁଟୁମ୍ବ ପରିବାର ର ଆଦିବାସୀମାନେ ଏକତ୍ରିତ ହୋଇ ଜନଗଣନାରେ ସାମିଲ ହେବା ପାଇଁ ସଂପୂର୍ଣ୍ଣ ଭାବରେ ମନା କରିଦେଇଛନ୍ତି। ଜନଗଣନା ଅଧିକାରୀ ଘର ଗୁଡିକର ନମ୍ବରିଂ କରୁଥିବାବେଳେ ଏମାନେ ଲେଖା ଗୁଡିକୁ ସଂପୂର୍ଣ୍ଣ ଭାବରେ ଲିଭାଇ ଦେଇଛନ୍ତି । ଯାହାକୁ ନେଇ ଭୟଭୀତ ରହିଛନ୍ତି ଜନଗଣନା ଅଧିକାରୀ।

# ସମ୍ବଲ ପକ୍ଷରୁ ମୃତ ଶ୍ରମିକଙ୍କ ଶବ ସତ୍କାର

ସମ୍ବଲପୁର,(ସବ୍ୟୁ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଲ ପକ୍ଷରୁ ଅସହାୟ ମୃତ ଶ୍ରମିକଙ୍କ ଶବ ସତ୍କାର କରାଯାଇଛି। ସ୍ଥାନୀୟ ମନ୍ଦଲିଆ ସ୍ଥିତ ରାଜଘାଟ ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତକଙ୍କ ପୁତୁରା କରନ ଯାଦବ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ବିହାର ରାଜ୍ୟ ସମସ୍ତିପୁର ଜିଲ୍ଲା ସୀମା ଗ୍ରାମର ଓକିଲ ଯାଦବ (୪୮) ଶ୍ରମିକ ଭାବେ ଗତ ୧୦ ବର୍ଷ ହେବ ସମ୍ବଲପୁରରେ ରହି କାମ କରୁଥିଲେ। ତାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ଗତ ୨୩ଏପ୍ରିଲ, ୨୦୨୬ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ଜଣାପଡିବା ପରେ ବିହାରରେ ରହୁଥିବା ତାଙ୍କ ସମ୍ପର୍କୀୟ ମାନଙ୍କୁ ଅଇଁଠାପାଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଆଜି ମୃତ ଓକିଲ ଯାଦବର ଭାଇ ଦିଲ୍ଲୀପ ଯାଦବ, ବବଲୁ ଯାଦବ ଏବଂ ପ୍ରଦୀପ ଯାଦବ ଆସି ସମ୍ବଲପୁରରେ ପହଁଚିଥିଲେ । ପୋଲିସ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ଶବକୁ ତାଙ୍କର ଗ୍ରାମକୁ ନେବାପାଇଁ ସକ୍ଷମ ନଥିଲେ। ତେଣୁ ଅଇଁଠାପାଲି ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ସମ୍ବଲ ଅନୁଷ୍ଠାନର ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ମୃତଙ୍କ ଭାଇ ଦିଲୀପ ଯାଦବଙ୍କ ଲିଖିତ ଅନୁରୋଧ କ୍ରମେ ସମ୍ବଲ ଅନୁଷ୍ଠାନର ସୌରୀ ପାଣିଗ୍ରାହୀ, ପଲଟୁ ଅଗ୍ରୱାଲ ଏବଂ ଆନନ୍ଦ ଅଜାଡ଼ିୱାଲ ଶବ ସତ୍କାରରେ ସହଯୋଗ କରିଥିଲେ।

# ନୂଆପଡ଼ାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ




ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆପଡ଼ା ଜିଲ୍ଲା ଦୁଗ୍ଧ ଉତ୍ପାଦନରେ ଗତ ବର୍ଷ ତୁଳନାରେ ୧୫୦% ବୃଦ୍ଧି ସହ ୧୭.୪୮ ଟିଏମଟିରେ ପହଞ୍ଚିଛି। ମାଂସ ଉତ୍ପାଦନ ରେ ଛେଳି ପାଳନ କ୍ଷେତ୍ରରେ ୧୩୫% ବୃଦ୍ଧି ପରିଲକ୍ଷିତ ହୋଇଛି। କୁକୁଡ଼ା ଚାଷ ରେ ଚଳିତ ବର୍ଷ ମାଂସଳ କୁକୁଡ଼ା ସଂଖ୍ୟା ତିନିଗୁଣ ବୃଦ୍ଧି ପାଇ ୪.୫ ଲକ୍ଷରେ ପହଞ୍ଚିଛି। ଜିଲ୍ଲାର ପ୍ରାୟ ୨୫୩ ଜଣ ଚାଷୀ ଏହି ବିଭାଗ ସହାୟତାରେ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି।

ଏ ଅବସରରେ ସଫଳ ଚାଷୀ ଓ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ରତ୍ନାକର ପଟେଲ (ଖରିଆର)- ଗୋପାଳନ, ଦିଲଚନ ନାଏକ (କୋମନା) – ବତକ ପାଳନ, ଅଙ୍କୁର ହଂସ (କୋମନା) – ଛେଳି ପାଳନ, ରଥୁରାମ ଦୀପ (ନୂଆପଡ଼ା) – ଘୁଷୁରୀ ପାଳନ, ହିମାଞ୍ଚଳ ଭୋଇ (ଖରିଆର) – ଘାସ ଚାଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ଶ୍ରେଷ୍ଠ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଡ଼ା. ସଂଗ୍ରାମ କେଶରୀ ବେହେରା, ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ ଭାବେ ଡ଼ା. ସତ୍ୟବ୍ରତ ପରିଡା ଏବଂ ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ବିମଳ କିଶୋର କୁମ୍ଭାରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କୃଷି ବିଜ୍ଞାନ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ଼ା. ଲବ ସୋରେନ ଏବଂ ଉପ ନିର୍ଦ୍ଦେଶକ ଡ଼ା. କେ. ପାର୍ଥ ସାରଥୀ ଦୋରା ଯୋଗଦେଇ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତି ଆପଣାଇବା କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ଼ା. ସସ୍ମିତା ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଡ଼ା. କିଶୋର କୁମାର ସାହୁ, ଡ଼ା. ସିମ୍ଫୋନି ମହାନ୍ତି ଏବଂ ଡ଼ା. ଶମ୍ଭୁ ପ୍ରସାଦ ସାହୁ ସହଯୋଗ କରିଥିଲେ।

# ଜେକେ କାଗଜ କଳର ବର୍ଜ୍ୟବସ୍ତୁ ପୋଡ଼ା ଯୋଗୁଁ ଅତିଷ୍ଠ ଅଞ୍ଚଳବାସୀ



ରାୟଗଡା,(ସବ୍ୟୁ): ଦେଶର ବୃହତ୍ତମ ଜେକେ କାଗଜକଳର ବର୍ଜ୍ୟବସ୍ତୁ ପୋଡ଼ା ଯୋଗୁଁ ଅତିଷ୍ଠରେ ଅଞ୍ଚଳବାସୀ। ପ୍ରତି ଦିନ କାରଖାନାର ବର୍ଜ୍ୟବସ୍ତୁ ଫୋପାଡି ଏଠାରେ ପାହାଡ଼ ସଦୃଶ୍ୟ ହୋଇ ରହିଛି। ନିଆଁ ଲାଗି ଧୂଆଁରେ ଅତିଷ୍ଠ ଗିଟିପଡା ଗ୍ରାମବାସୀ ଏବଂ ସିଙ୍ଗାପୁର ରେଳଷ୍ଟେସନ ଯାତ୍ରୀ । କାଗଜକଳର ଅବଶିଷ୍ଟ ଅଂଶ ଫିଙ୍ଗି ଅଞ୍ଚଳ ପାଇଁ ବିପଦ ଆଣିଦେଇଛି। ରାସ୍ତା ପାର୍ଶ୍ୱରେ ଏହି ବର୍ଯ୍ୟବସ୍ତୁ ପଡିରହିଥିଲେ ବି କାହାର ନିଘା ନାହିଁ। ଯେଉଁ କାରଖାନା ଏପରି ପ୍ରଦୂଷିତ କାର୍ଯ୍ୟ କରୁଛି ତେଣୁ ଏହା ହିଁ ପାରିପାର୍ଶ୍ୱିକ ବିକାଶର ସଜ୍ଞା ବୋଲି ଲୋକେ କହୁଛନ୍ତି। କାରଖାନା ହେଲେ ବିକାଶ ହେବା କର୍ମ ସଂସ୍ଥାନ ମିଳିପାରିବ । କିନ୍ତୁ ଜେକେ କାଗଜକଳ ଏହାର ବ୍ୟତିକ୍ରମ ହୋଇଯାଇଛି। କିଛି ପରିମାଣ ଏହା ଉପଲବ୍ଧ ହୋଇପାରିଛି କିନ୍ତୁ , ଜୀବନ ଜିବିକା ଦୁର୍ବିସହ ହୋଇପଡିଛି। ନାଗାବଳୀ ନଦୀରେ ବେଆଇନ ଆଡିବନ୍ଧ, ନାଗାବଳୀରେ ବିଷାକ୍ତ ପାଣି ଏବେ ବର୍ଜ୍ୟ ସମାଗ୍ରୀ ପୋଡି ଜନିତ ସମସ୍ୟା ଲୋକଙ୍କୁ ଜୀବନ ମରଣ ଦୋଛକିରେ ଆଣି ଠିଆ କରିଦେଇଛି। କାରଖାନାରୁ ବାହାରୁଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ପଲିଥିନ, ପ୍ୟାକିଙ୍ଗ ରେ ବ୍ୟବହାର ପଲିଥିନ କୋଟେଡ ପେପର, ଏଭଳ କିଛି ଅଦରକାରୀ ସାମଗ୍ରୀ ଆଣି ଫିଙ୍ଗି ଚାଲି ଯାଉଛି। କିନ୍ତୁ ରାସ୍ତା ପାର୍ଶ୍ୱରେ ଆବର୍ଜନା ଠାରୁ ମାତ୍ର କେତେ ମିଟର ଦୂରରେ ଥିବା ଗିଟିପଡା ଗ୍ରାମବାସୀ ସିଙ୍ଗାପୁର ରେଳ ଷ୍ଟେସନ ଯାତ୍ରୀଙ୍କୁ ଏହାର ପରିଣାମ ଭୋଗିବାକୁ ପଡୁଛି। ଏହି ସବୁ ସରଞ୍ଜାମ କେବେ ବି ମାଟିରେ ମିଶିବ ନାହିଁ। ଗୋଟିଏ ପଟେ ମାଟିକୁ କ୍ଷତି ପହଞ୍ଚାଉଥିବା ବେଳେ ଏହି ପଲିଥିନ ଏବଂ ପ୍ଲାଷ୍ଟିକ ଯୁକ୍ତ ବସ୍ତୁରେ ଲାଗିଥିବା ନିଆଁରୁ ବାହାରୁଥିବା ଧୁଁଆ ଏବେ ଲୋକଙ୍କ ପାଇଁ କାଳ ସାଜିଛି। ଯାହା ବିଷାକ୍ତ ଧୂଆଁ ଓ ଗ୍ୟାସ ଫଳରେ ଗିଟିପଡା ବସ୍ତିର ଶିଶୁ, ବୃଦ୍ଧ ଓ ମହିଳାମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଅନେକେ ଶ୍ୱାସକଷ୍ଟ, ଚକ୍ଷୁ ଜ୍ୱାଳା, ଚର୍ମରୋଗ ଓ ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ରହିଛନ୍ତି। ଏଭଳି ଗୁରୁତର ସମସ୍ୟା ନେଇ ଏକ ବର୍ଷ ଧରି ଆମ ପ୍ରତିନିଧି କାରଖାନାର ପରିଚାଳନା ମୁଖ୍ୟଙ୍କ ମତାମତର ସୁଯୋଗ ମିଳୁନାହିଁ । ଏନେଇ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ନୀରବତା ଏହି ଘଟଣାକୁ ଆଚମ୍ବିତ କରିଦେଇଛି। ତେବେ ପ୍ରଦୂଷଣ ବିଭାଗ କାରଖାନାର ଏତେ ବଡ଼ ଆଇନ ଉଲ୍ଲଂଘନ ସତ୍ତ୍ୱେ କୌଣସି କଠୋର ପଦକ୍ଷେପ ନେଉଯାଉନାହିଁ। ଆଇନ ଅନୁସାରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ଗୁରୁତର ଅପରାଧ । ଅଦରକାରୀ ପ୍ଲାଷ୍ଟିକ ପରିଚାଳନା ନିୟମ ୨୦୧୬ ଅନୁଯାୟୀ ପ୍ଲାଷ୍ଟିକ ଆବର୍ଜନାକୁ ଖୋଲା ଜାଗାରେ ପକାଇବା କିମ୍ବା ପୋଡ଼ାଇବା ନିଷିଦ୍ଧ । ତାହା କାରଖାନା ମଧ୍ୟରେ ହିଁ ନଷ୍ଟ କରିବା ସରକାରଙ୍କ ନିୟମ ରହିଛି । ସେପରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁଯାୟୀ ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବା କଡ଼ା ନିୟମ ରହିଛି । କିନ୍ତୁ ଏହି ସମସ୍ତ ନିୟମକୁ ଖୋଲାମେଲା ଭାବେ ଅବହେଳା କରାଯାଉଥିବା ଦେଖିବାକୁ ମିଳୁଛି । ପରିବେଶ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ପୋଲିଥିନ ଓ ପ୍ଲାଷ୍ଟିକ ପୋଡ଼ାରୁ ନିସ୍ସରଣ ହେଉଥିବା ଡାଇଅକ୍ସିନ ଓ ଫ୍ୟୁରାନ ଭଳି ବିଷାକ୍ତ ଗ୍ୟାସ ମାନବ ଶରୀର ପାଇଁ ଧୀରେ ଧୀରେ ନୀରବ ହତ୍ୟାରୀ ଭାବେ କାମ କରେ । ଏହା ଦୀର୍ଘ ସମୟ ଧରି ସଂସ୍ପର୍ଶରେ ରହିଲେ କ୍ୟାନ୍ସର, ହୃଦରୋଗ ଓ ଶ୍ୱାସକୋଷ ରୋଗ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଜେକେ କାଗଜ କଳର ପରିବେଶ ବିରୋଧୀ କାର୍ଯ୍ୟ ପାଇଁ ନୀରବ ପ୍ରଶାସନ ଯୋଗୁଁ ଆତଙ୍କରେ ଅଞ୍ଚଳବାସୀ।

# ହରିଶଙ୍କର ମହୋତ୍ସବ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ର ସଭାଗୃହରେ ଦେବୋତ୍ତର ବିଭାଗ ପକ୍ଷରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ତଥା ହରିଶଙ୍କର ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ପାଟଣାଗଡ଼ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେରଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ , ଦେବୋତ୍ତର ପରିଚାଳନା କମିଟି, ସବ୍ କମିଟି ସଦସ୍ୟଙ୍କ ଉପସ୍ଥିତିରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିମଳ, ସ୍ୱଚ୍ଛତା , ପୂଜା ନୀତି, ପ୍ରଜ୍ଞାପନ ମେଢ଼, ପ୍ରଦର୍ଶନୀ, ହୋମ ଯଜ୍ଞ,ସାଂସ୍କୃତିକ କାର୍ଯ୍ୟକ୍ରମ, ପାହାଡ ଉପରେ ପାନୀୟ ଜଳ ଯୋଗାଣ, ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଟ୍ରାଫିକ ନିୟନ୍ତ୍ରଣ, ଅତିଥି ଓ ସାଂସ୍କୃତିକ ଦଳଙ୍କୁ ଅଭ୍ୟର୍ଥନା ଉପରେ ଆଲୋଚନା ହେବା ସହିତ ପାନୀୟ ଜଳ ଯୋଗାଣ ଓ ଟ୍ରାଫିକ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଥିଲା। ଆଗାମୀ ୨୭ ତାରିଖ ରୁ ମେ ୧ ତାରିଖ ଯାଏଁ ହେବାକୁ ଥିବା ମେଳା ତଥା ମହୋତ୍ସବରେ ଲକ୍ଷାଧିକ ଜନ ସମାଗମ ହେବାକୁ ଆକଳନ କରାଯାଉଛି। ବୈଠକରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବେଲପଡା, ପାଟଣାଗଡ଼ର ତହସିଲଦାର, ଅତିରିକ୍ତ ତହସିଲଦାର,ଦେବୋତ୍ତର କମିଟି ସଦସ୍ୟ ସନ୍ତୋଷ ମେହେର, ଅଭୟ ତ୍ରିପାଠୀ, ଶଶି ପୁଝାରୀ, ରୋହିତ ମେହେର, ସବ୍ କମିଟି ସଭାପତି ବିପ୍ର ବିଶି, ଚିକେଶ୍ୱର ଧରୁଆ, କ୍ଷମା ଭୋଇ, ସୁଶିଲ କୁମାର ଗୁରୁ, ଶତ୍ରୁଘ୍ନ ନାଏକ, ପ୍ରହ୍ଲାଦ ଚାନ୍ଦ , ପଞ୍ଚମ ସାହୁ, ଇନ୍ଦ୍ର ସାହୁ, ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ରୁକ୍ମଣୀ ବାଣୁଆ ହେଲେ କୋକସରା ବ୍ଲକ ବିଜେଡି ମହିଳା ସଭାନେତ୍ରୀ

କୋକସରା,(ସବ୍ୟୁ): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟର ମହିଳା ବିଜୁ ଜନତାଦଳ ମହିଳା ଶାଖାର କର୍ମକର୍ତ୍ତା ନିଯୁକ୍ତି ଘୋଷଣା କରାଯାଇଛି । ଏହି ତାଲିକାରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ଆମପାଣି ଗ୍ରାମ ପଞ୍ଚାୟତର ସରପଞ୍ଚ ରୁକ୍ମଣୀ ବାଣୁଆ ମନୋନୀତ ହୋଇଛନ୍ତି। ଜଣେ ମହିଳା ସରପଞ୍ଚ ଭାବେ ସେ ଆମପାଣି ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ସହ ସମାଜସେବା କ୍ଷେତ୍ରରେ ମଧ୍ୟ ନେତୃତ୍ୱ ନେଇଛନ୍ତ। ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନରୁ ପ୍ରକାଶିତ ମହିଳା ସଭାନେତ୍ରୀ ତାଲିକାରେ ତାଙ୍କ ନାଁ ପ୍ରକାଶିତ ପାଇବା ପରେ ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସମେତ ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ମୌଷଧି ବାଗ, ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତାଙ୍କୁ ଦଳ ପକ୍ଷରୁ ଯେଉଁ କାର୍ଯ୍ୟ ସମ୍ପାଦନ ପାଇଁ ଦିଆଯିବ ସେ ନିଷ୍ଠାର ସହ ଜଣେ ଶୃଙ୍ଖଳିତ କର୍ମକର୍ତ୍ତା ଭାବେ ପାଳନ କରିବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ପଶ୍ଚିମରେ କଳବଳ କରୁଛି ତାତି

ବଲାଙ୍ଗିର/ସମ୍ବଲପୁର/ଝାରସୁଗୁଡ଼ା,(ସବ୍ୟୁ): ରାଜ୍ୟର ପଶ୍ଚିମ ଓଡ଼ିଶାରେ ଲାଗି ରହିଛି ଗ୍ରୀଷ୍ମପ୍ରବାହ । ଅନେକ ସ୍ଥାନରେ ତାପମାତ୍ରା ୪୦ଡିଗ୍ରି ଉପରେ ରହୁଛି । ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ତାତିରୁ ତ୍ରାହି ନେଇ ପାଣିପାଗ ବିଭାଗର ଆକଳନ ବି ଘୁଞ୍ଚି ଚାଲିଛି । ଫଳରେ ଜୀବନ ଜୀବିକା ପ୍ରଭାବିତ ହେଉଛି । ଆଉ ଦିନ କେଇଟା ପରେ ଜ୍ୟେଷ୍ଠ ମାସ ଆସୁଥିବାରୁ ଗରମ କମିବା ସମ୍ଭାବନା ବି କମ୍ ରହିଛି । ଏସବୁ ଭିତରେ ବିଭିନ୍ନ ପାଣିପାଗ ସଂସ୍ଥାର ଆଗୁଆ ମୌସୁମୀ ଆସିବା ଆକଳନକୁ ନେଇ ସବୁଠି ଚର୍ଚ୍ଚା ।

ପ୍ରବଳ ଖରାରେ ଜଳୁଛି ପଶ୍ଚିମ ଓଡ଼ିଶା । ଦେଶର ଉତ୍ତପ୍ତ ସହର ଭାବେ ରେକର୍ଡ କରୁଛି ଝାରସୁଗୁଡ଼ା। ଗତ କିଛି ଦିନ ହେବ ଝାରସୁଗୁଡ଼ା ଜିଲ୍ଲାରେ ତାପମାତ୍ରା ୪୩ ଡିଗ୍ରି ଉପରେ ରହୁଛି । ସମ୍ବଲପୁରର ତାପମାତ୍ରା ୪୨ଡିଗ୍ରି ତଳକୁ ଖସୁନି । ରାଉରକେଲାରେ ୪୨ଡିଗ୍ରି ପାର କରି ତାଉ ଦେଖାଉଛି ତାତି । ବଲାଙ୍ଗିର , ସୋନପୁର ସମେତ ପଶ୍ଚିମ ଓଡ଼ିଶାରେ ଅଧିକାଂଶ ଅଞ୍ଚଳରେ ଟାଇଁ ଟାଇଁ ଖରା କଳବଳ କରୁଛି । ସକାଳ ୮ଟା ପରଠୁ ଘରୁ ବାହାରିବାକୁ ଡର ଲାଗୁଛି ।

ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଶନିବାର ଗରମ ସାମାନ୍ୟ କମିଛି । ଉପକୂଳ ଅଞ୍ଚଳରେ ତାପମାତ୍ରା ୪୦ ତଳକୁ ଖସିଛି । କିନ୍ତୁ ଅତ୍ୟଧିକ ଆଦ୍ରତା ଯୋଗୁଁ ପ୍ରବଳ ଗୁଳୁଗୁଳୁ ଅନୁଭୂତ ହେଉଛି। ଅନ୍ୟପଟେ କାଲିଠୁ ତାତି ଆହୁରି କମିବ ବୋଲି ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି । ତେବେ ୩୦ ପରଠାରୁ ପୁଣି ପାରଦ ଉପରମୁହାଁ ହେବାର ସମ୍ଭାବନା ରହିଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ଝାରସୁଗୁଡ଼ା, ସମ୍ବଲପୁର,ବଲାଙ୍ଗୀର ଅନୁଗୁଳ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, କେନ୍ଦ୍ରାପଡା, ଜଗତସିଂହପୁର, ନୟାଗଡା, କଟକ, ଯାଜପୁର,ଭଦ୍ରକକୁ କାଲି ପର୍ଯ୍ୟନ୍ତ ଏଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏଥିସହ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବା ନେଇ ସୂଚନା ଦେଇଛନ୍ତି ପାଣିପାଗ ବିଜ୍ଞାନୀ । ପ୍ରବଳ ଖରା ଭିତରେ ସଅଳ ମେସୁମୀ ଆସିବା ନେଇ ୟୁରୋପିଅନ୍ ସେଣ୍ଟର ଫର ମିଡିୟମ ରେଞ୍ଜର ୱେଦର ଫୋରକାଷ୍ଟ କରିଥିଲେ ବି ଆଇଏମଡି ସ୍ପଷ୍ଟ କରିନି । ମୌସୁମୀ କେବେ କେରଳ ଛୁଇଁବ ତାହା ମେ’ ପ୍ରଥମ ସପ୍ତାହରେ ସ୍ପଷ୍ଟ ହେବାର ସମ୍ଭାବନା ରହିଛି ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦେଇ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜରପଡ଼ା, ବଇଣ୍ଡା ଏବଂ ରେଢାଖୋଲ ଷ୍ଟେସନ ପରିଦର୍ଶନ କରିଥିଲେ। ଏଠାରେ ଯାତ୍ରୀ ସୁବିଧା, ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ପ୍ରତିଷ୍ଠାନ ଗୁଡ଼ିକର ଯାଞ୍ଚ କରିଥିଲେ। ସେ ରେଳ କର୍ମଚାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ, କାର୍ଯ୍ୟ ପରିସ୍ଥିତି ସମୀକ୍ଷା କରିଥିଲେ ଏବଂ ଦକ୍ଷତା, ସୁରକ୍ଷା ଏବଂ ଯାତ୍ରୀ ସେବାର ଉଚ୍ଚ ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ନିରୀକ୍ଷଣ ବେଳେ ବହୁ ରେଳ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଗୃହ ଗଣନା ପ୍ରକ୍ରିୟାରେ ସମୀକ୍ଷା କଲେ ସହକାରୀ ନିର୍ଦ୍ଦେଶକ



ସମ୍ବଲପୁର,(ସବ୍ୟୁ): ଜନଗଣନା ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖି ସମ୍ବଲପୁର ଗସ୍ତ କରି ଗୃହ ଗଣନା ପ୍ରକ୍ରିୟାର ସମୀକ୍ଷା କରିଥିଲେ। ମହାନଗର ନିଗମ ଅନ୍ତର୍ଗତ ବଡବଜାର, ବରେଇପାଲି, ସିନ୍ଦୂରପଙ୍କ, ଧନକଉଡ଼ା ଆଦି ଅଞ୍ଚଳରେ ତୃଣମୂଳସ୍ତରରେ କାର୍ଯ୍ୟରତ ଗଣନାକାରୀ ଓ ସୁପରଭାଇସର୍ଙ୍କ ସହ ସାମିଲ ହୋଇ ପ୍ରତ୍ୟକ୍ଷ ଭାବେ ଜନଗଣନା କାର୍ଯ୍ୟର ତଦାରଖ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାନଗର ନିଗମ ଆୟୁକ୍ତ ରେହାନ କ୍ଷେତ୍ରି ମଧ୍ୟ ଉପସ୍ଥିତ ଥିଲେ । ଗଣନାକାରୀଙ୍କ ସୁରକ୍ଷା , ଜନ ଗଣନାରେ ଜନ ଭାଗିଦାରୀ, ଡିଜିଟାଲ ଜନଗଣନାରେ ପ୍ରୋଦ୍ୟୋଗିକି ପରିବର୍ତ୍ତନ ଆଦି ପ୍ରସଙ୍ଗରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ମହାନଗର ନିଗମ ଉପ ଆୟୁକ୍ତ ସୀମା ସବିତା କୁଲ୍ଲୁ , ସୀତାଦେବୀ ମାଝୀ , ଭିକ୍ଟର ସୋରେଙ୍ଗ, ସହ ଆୟୁକ୍ତ ଅଶୋକ ମିଶ୍ର , ଶ୍ରୀକାନ୍ତ ପାତ୍ର, ସୁଗମ ମିଶ୍ର ଆଦି ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**AFFIDAVIT**

I, Farzana Khatoon , aged about 42 years, wife of Abdul Gaffar, resident of Sonapali, P.O.: Dhankauda, P.S.: Dhanupali Dist: Sambalpur (Odisha), declare by this affidavit No.271 date 17.01.26 that now onwards I shall be known as Farzana Khatun Ali for all future purposes.

# ‘କନକଲତା’: ସାମାଜିକ ଚିତ୍ରଣ ଓ ସ୍ନିଗ୍ଧ ପ୍ରେମକାହାଣୀ

## ପୁନରାବଲୋକନ–୯



**ଭାସ୍କର ପରିଚ୍ଛା**

କନକଲତା ଓଡ଼ିଆ ସାହିତ୍ୟର ଏକ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ, ଯାହାକି ନନ୍ଦ କିଶୋର ବଳ ରଚନା କରିଥିଲେ । ‘ପଲ୍ଲୀ କବି’ ଭାବେ ପରିଚିତ ବଳ ଗ୍ରାମୀଣ ଜୀବନର ସ୍ପନ୍ଦନ, ସଂଘର୍ଷ ଓ ନୈତିକ ସମସ୍ୟାମାନଙ୍କୁ ଅତ୍ୟନ୍ତ ସ୍ପର୍ଶକାତ୍ମକ ଭାବରେ ଚିତ୍ରଣ କରିଛନ୍ତି ଏହି ଉପନ୍ୟସରେ ।

ଏହି ଉପନ୍ୟାସଟି ପ୍ରଥମେ ୧୯୧୩ ପାଖାପାଖି ‘ଉତ୍କଳ ସାହିତ୍ୟ’ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶିତ ହୋଇଥିଲା ଏବଂ ପରେ ୧୯୨୫ ମସିହାରେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା । ଏହାର କାହାଣୀ ଗ୍ରାମୀଣ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ରହିଥିବା ଅନ୍ୟାୟ, କୁପ୍ରଥା ଓ ଅସମାନତାକୁ ଗଭୀର ଭାବରେ ଚିତ୍ରିତ କରିଛି ।

ଉପନ୍ୟାସର କେନ୍ଦ୍ରବିନ୍ଦୁ ‘କନକଲତା’ । ସେ ଜଣେ ସଂବେଦନଶୀଳ ଯୁବତୀ, ଯାହାଙ୍କର ଜୀବନ ରୂଢ଼ିଗତ ଓ ଅତ୍ୟାଚାରୀ ସାମାଜିକ ପ୍ରଥାମାନଙ୍କ ଦ୍ୱାରା ବାନ୍ଧି ହୋଇଯାଇଛି । ତାଙ୍କ ଜୀବନର ଅନୁଭବ ମାଧ୍ୟମରେ ଲେଖକ ଦେଖାଇଛନ୍ତି–କିପରି ଯୌତୁକ ପ୍ରଥା, ବାଲ୍ୟ ବିଧବାଙ୍କ ଦୁଃଖ ଓ ଜମିଦାରୀ ସମାଜର କଠୋର ନିୟମଗୁଡ଼ିକ ମାନବ ଜୀବନକୁ ଗଭୀର ଭାବରେ ପୀଡ଼ିତ କରିଛି ।

‘କନକଲତା’ ଉପନ୍ୟାସରେ ସାମାଜିକ ଚିତ୍ରଣ ସହ ଏକ ସ୍ନିଗ୍ଧ ପ୍ରେମକାହାଣୀ ମଧ୍ୟ ଗଢ଼ି ଉଠିଛି, ଯାହା କନକଲତା ଓ ପୀତବାସଙ୍କ ସମ୍ପର୍କରେ ପ୍ରସ୍ଫୁଟିତ ହୋଇଛି । ପୀତବାସ ସତ୍ୟନିଷ୍ଠା, ପରିଶ୍ରମ ଓ ଆଶାର ପ୍ରତୀକ କିନ୍ତୁ ତାଙ୍କର ପ୍ରେମ କେବଳ ରୋମାଞ୍ଚକର ଅନୁଭୂତି ନୁହେଁ–ସେଥିରେ ସମାଜର ବର୍ଗଭେଦ, ପ୍ରଥା ଓ ସୀମାବଦ୍ଧତାର ଗଭୀର ପ୍ରଭାବ ମଧ୍ୟ ପଢ଼ିବାକୁ ମିଳେ ।

ଏହି ଉପନ୍ୟାସରେ ବଳଙ୍କ ଗ୍ରାମୀଣ ଜୀବନର ଚିତ୍ରଣ ଅତ୍ୟନ୍ତ ଜୀବନ୍ତ ଓ ସ୍ୱାଭାବିକ ମଧ୍ୟ । ଏଥିରେ ସରଳତା ଓ ସୌନ୍ଦର୍ଯ୍ୟ ସହିତ ଅସମାନତା ଓ ନୀରବ ବ୍ୟଥାକୁ ମଧ୍ୟ ସୂକ୍ଷ୍ମ ଭାବରେ ଅଙ୍କିତ କରିଛନ୍ତି ନନ୍ଦକିଶୋର ବଳ । ଏହି ଉପନ୍ୟାସ କେବଳ ଏକ ସାହିତ୍ୟିକ ସୃଜନ ନୁହେଁ ବରଂ ସେଇ ସମୟର ସାମାଜିକ ଯଥାର୍ଥତାର ଏକ ଦଲିଲ ଭାବେ ମଧ୍ୟ ଗ୍ରହଣୀୟ ହୋଇ ଆସିଛି ।

କନକଲତାର ସୃଷ୍ଟି ଦୁଇଟି ପୃଥକ ପର୍ଯ୍ୟାୟରେ ଘଟିଛି–ପ୍ରଥମ ଅଂଶ ୧୯୧୩ରେ ଏବଂ ଅବଶିଷ୍ଟ ଅଂଶ ୧୯୧୫ରେ । ସାହିତ୍ୟକୋଷ ଲେଖକଙ୍କ ମତରେ ଏହି ସୃଜନାତ୍ମକ ବିଭାଜନ ଉପନ୍ୟାସର ଗଠନରେ ମଧ୍ୟ ପ୍ରଭାବ ପକାଇଛି । ପୂର୍ବାର୍ଦ୍ଧର ସୁନ୍ଦର ଗଠନ ଓ ସଂଗଠନ ଶେଷ ପର୍ଯ୍ୟନ୍ତ ଅବିକୃତ ରହି ପାରିନାହିଁ ।

ସେ ସମୟର ଓଡ଼ିଶାରେ ଗଢ଼ି ଉଠୁଥିବା ଶିକ୍ଷିତ ମଧ୍ୟବିତ୍ତ ସମାଜ କୁସଂସ୍କାର ଓ ଅନ୍ଧବିଶ୍ୱାସରେ ଆବଦ୍ଧ ଥିଲା । ପ୍ରାଚୀନ ପନ୍ଥୀ ଓ ଆଧୁନିକ ଚେତନାର ମଧ୍ୟରେ ମନୋମାଳିନ୍ୟ ଏବଂ ସଂଘର୍ଷ ଦୃଢ଼ ଭାବରେ ପ୍ରକାଶିତ ହେଉଥିଲା ଲେଖାରେ । ଯୌତୁକ ପ୍ରଥାର ସମର୍ଥନ ଓ ବିଧବା ବିବାହର ବିରୋଧ ଏହି ସଂଘର୍ଷର ମୂଳ କେନ୍ଦ୍ର ଥିଲା । ଏହି ପରିପ୍ରେକ୍ଷୀରେ ଚରିତ୍ରମାନେ ଦୁଇଟି ବିରୋଧ ସ୍ଥିତି ଓ ସଂଘର୍ଷର ପ୍ରତୀକ ଭାବେ ସାମନାକୁ ଆସନ୍ତି ।

ତଥାପି, ଉପନ୍ୟାସକାର ସମସ୍ତ ସାମାଜିକ ସମସ୍ୟାର ସୁଦୃଢ଼ ସମାଧାନ ଦେବାରେ ସଫଳ ହୋଇପାରି ନାହାନ୍ତି । କାହାଣୀର ଶେଷ ଭାଗରେ ବିଧବା ବିବାହ ପ୍ରସଙ୍ଗକୁ ରୋଗ ଓ ମୃତ୍ୟୁ ମାଧ୍ୟମରେ ଏଡ଼ାଇ ଯିବା ଦେଖାଯାଏ । ଫଳସ୍ୱରୂପ, ଉମାର ମୃତ୍ୟୁ ଓ ରାଜେନ୍ଦ୍ରଙ୍କ ସଂସାର ତ୍ୟାଗ ଘଟେ, ଯେଉଁଠାରେ ଯୌତୁକ ସମସ୍ୟା ମଧ୍ୟ ଅସମାଧାନ ହୋଇ ରହିଯାଏ । ଏହା କାହାଣୀର ସାମଗ୍ରିକତାକୁ କିଛି ପରିମାଣରେ ଦୁର୍ବଳ କରିଛି ।




ନନ୍ଦକିଶୋରଙ୍କ କବିସୁଲଭ ଶକ୍ତି ନାୟକ–ନାୟିକାଙ୍କ ପୂର୍ବରାଗ ଓ ପଲ୍ଲୀଜୀବନର ଚିତ୍ରଣରେ ସ୍ପଷ୍ଟ । କନକଲତାର ଚରିତ୍ର ଲତାର ନମ୍ରତା ଓ ଚମ୍ପାଫୁଲର ସୁକୁମାର ସୌନ୍ଦର୍ଯ୍ୟର ଏକ ସୁନ୍ଦର ସମନ୍ୱୟ ଘଟିଛି ।

ଉପନ୍ୟାସରେ ସମାଜଚିତ୍ର ସୁସଂଗଠିତ ହୋଇଥିଲେ ମଧ୍ୟ, କେତେକ ସ୍ଥାନରେ ଗଳ୍ପ ଠାରୁ ସମାଜ ସଂସ୍କାରମୂଳକ ଚିନ୍ତାଧାରା ଅଧିକ ପ୍ରବଳ ହୋଇ ଏହାକୁ ପ୍ରବନ୍ଧମୂଳକ ଆକାର ଦେଇଛି । ଭାଷା ସରଳ ଓ ଗ୍ରାମଜୀବନ ସନ୍ନିହିତ, ଯଦିଓ ପ୍ରେମର ବର୍ଣ୍ଣନାରେ କାବ୍ୟମୟ ମାଧୁର୍ଯ୍ୟ ବି ଦେଖାଯାଏ ।

ଏ ସମସ୍ତ ଅସଂପୂର୍ଣ୍ଣତା ସତ୍ତ୍ୱେ, ‘କନକଲତା’ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏକ ମୂଲ୍ୟବାନ ଓ ଐତିହାସିକ ସୃଜନ ଭାବେ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଏଥିରେ ପ୍ରେମ, ସାମାଜିକ ସଚେତନତା ଓ ମାନବୀୟ ମର୍ଯ୍ୟାଦା ପାଇଁ ଅବିରତ ସଂଘର୍ଷର ଗଭୀର ସ୍ୱର ଅନୁରଣିତ ହୋଇଛି । ଏହି ଉପନ୍ୟାସର ଇଂରାଜୀ ଅନୁବାଦ ଏ ପର୍ଯ୍ୟନ୍ତ ହୋଇ ନାହିଁ ।

**ଏ ସମସ୍ତ ଅସଂପୂର୍ଣ୍ଣତା ସତ୍ତ୍ୱେ, ‘କନକଲତା’ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏକ ମୂଲ୍ୟବାନ ଓ ଐତିହାସିକ ସୃଜନ ଭାବେ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଏଥିରେ ପ୍ରେମ, ସାମାଜିକ ସଚେତନତା ଓ ମାନବୀୟ ମର୍ଯ୍ୟାଦା ପାଇଁ ଅବିରତ ସଂଘର୍ଷର ଗଭୀର ସ୍ୱର ଅନୁରଣିତ ହୋଇଛି । ଏହି ଉପନ୍ୟାସର ଇଂରାଜୀ ଅନୁବାଦ ଏ ପର୍ଯ୍ୟନ୍ତ ହୋଇ ନାହିଁ ।**

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ–୯୩୩୭୫୦୮୫୯୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ବିସ୍ମୃତିର ଗହ୍ୱରରେ ଗଜପତି କୃଷ୍ଣଚନ୍ଦ୍ର

## (ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ)



**ରାଜକିଶୋର ପାଣିଗ୍ରାହୀ**

ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖବିନ୍ଧାଣୀ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା ଶ୍ରୀଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ତମ ଜୟନ୍ତୀ ଅବସରରେ ତାଙ୍କର ଅମୃତ ଅମ୍ଳାନ ସ୍ମୃତି ପ୍ରତି କୋଟି ପ୍ରଣାମ । ପୂର୍ବ ସରକାର ଭୁଲି ଯାଇଥିଲେ ତାଙ୍କର ସ୍ମୃତିଚାରଣ ଓ ସ୍ମୃତିରକ୍ଷା କରିବାକୁ, ସୌଭାଗ୍ୟର କଥା ଚଳିତ ସରକାର ଗତ ବର୍ଷଠାରୁ ରାଜ୍ୟସ୍ତରରେ ପୂଣ୍ୟଶ୍ଲୋକ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରୁଥିବାରୁ ଅନେକ ଅଭିନନ୍ଦନର ଏଥିପାଇଁ । ଉଲ୍ଲେଖଯୋଗ୍ୟ ଯେ, ୧୯୨୮ ମସିହାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ୧୯୩୪ରେ ଉତ୍କଳ ଗୌରବ ମଧୁସୂଦନ ଅଧାରାସ୍ତାରେ ଜନାଦୃତ ଜନନେତା ପୂଣ୍ୟଶ୍ଲୋକ ମହାରାଜା ଶ୍ରୀଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଛାଡ଼ିଦେଇ ଇହଧାମ ତ୍ୟାଗ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅଭିଳାଷ, ଏହି ଦୁଇ ମହାପୁରୁଷଙ୍କ ଜୀବନରେ ଏକ ଅବଶୋଷ ହୋଇ ରହିଗଲା । କିନ୍ତୁ ମହାରାଜା ଏବଂ ତାଙ୍କର ମୁଷ୍ଟିମେୟ ମାଟିମନସ୍କ, ସ୍ୱାଧୀନଚେତା, ସହଯୋଗୀମାନେ ସେଇଠି ଅଟକି ନ ଯାଇ ସେହି ଦୁଇ ମହାପୁରୁଷଙ୍କ ରାସ୍ତାରେ ଅବିଶ୍ରାନ୍ତ ଯାତ୍ରା କରି ଲକ୍ଷ୍ୟସ୍ଥଳରେ ପହଞ୍ଚି, ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଣ୍ଡି ମାରିଥିଲେ । ପାରଳା ମହାରାଜା ଭାରତବର୍ଷରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ଓଡ଼ିଶାକୁ ଦେଇଥିଲେ । କ୍ଷୋଭର କଥା ହେଲା ଯେଉଁ ପ୍ରଦେଶ ଏକ ସ୍ୱତନ୍ତ୍ର ଭାଷାକୁ ନେଇ ଗଢ଼ି ଉଠିଲା, ସେଠି ଆଜି ତା’ର ନିଜସ୍ୱ ଭାଷା ବିପର୍ଯ୍ୟସ୍ତ । ଏହି ସ୍ୱତନ୍ତ୍ରତା ଆଣିବାରେ ଯିଏ ପ୍ରକୃତ କର୍ଣ୍ଣଧାର ଥିଲେ, ତାଙ୍କୁ ଓଡ଼ିଶାବାସୀ ପ୍ରକୃତ ସମ୍ମାନ ଏ ଯାଏଁ ଦେଇପାରିଛନ୍ତି ବୋଲି ଗଜପତି ଜିଲ୍ଲା ତଥା ପାରଳାବାସୀ ଅନୁଭବ କରିପାରୁ ନାହାନ୍ତି ବୋଲି ଆମର ଦୃଢ଼ ମତ ।

ଓଡ଼ିଶାର ସ୍ୱତନ୍ତ୍ରତା ଓ ପରବର୍ତ୍ତୀ ସମୟରେ ସ୍ୱାଧୀନତା ପରେ ଉପାନ୍ତ ଅଞ୍ଚଳର ବୈଶିଷ୍ଟ୍ୟ ଉପକୂଳ ଅଞ୍ଚଳ ଅପେକ୍ଷା କାହିଁ କେତେ ମାତ୍ରାରେ ଅଧିକ ଥିବାର ଐତିହାସିକ ପ୍ରମାଣ ଉପଲବ୍ଧ । କିନ୍ତୁ ରାଜନୈତିକ ପଶାପାଲିର ଗୋଟି ଚାଳନା ଏବଂ ଥକି ପଡ଼ିଥିବା ଉପାନ୍ତ ଅଞ୍ଚଳବାସୀଙ୍କ ନିଷ୍କ୍ରିୟତା ଲାଗି ଏହି ଅଞ୍ଚଳ ସବୁ ଆଜି ଅବହେଳିତ ହୋଇ ଆସିଛି । ଶୁଦ୍ଧ ଓଡ଼ିଆ ଭାଷା ଏବଂ ଓଡ଼ିଆ ଭାଷାପ୍ରାଣ ଧୀରେ ଧୀରେ ଏହିସବୁ ଅଞ୍ଚଳରୁ ହଜିବାକୁ ବସିଲାଣି । ଓଡ଼ିଆ ଭାଷାକୁ ସରକାରୀ କାର୍ଯ୍ୟ କ୍ଷେତ୍ରରେ ବ୍ୟବହାର ଲାଗି ଥିବା ନିର୍ଦ୍ଦେଶଟି ନାଲିଫିତା ବନ୍ଧା ଫାଇଲ୍ ଭିତରେ ରହି ତାରି ଉପରେ ଧୂଳିର ଏକ ମୋଟା ଆସ୍ତରଣ ଜମିଯାଇଛି । ଉପାନ୍ତ ଅଞ୍ଚଳ ମହାରାଜାଙ୍କ ଜନ୍ମଭୂମି ଯଦିବା ଥିଲା କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବାର ଦୁର୍ବାର ନିଶା ତାଙ୍କୁ ସମଗ୍ର ଓଡ଼ିଶାରେ କର୍ମ କରିବାର ସୁଯୋଗ ଦେଇଥିଲା । ୧୯୩୬ ମସିହା, ମାର୍ଚ୍ଚ ୩ ତାରିଖରେ ପ୍ରାଚୀନ ଉତ୍କଳର ଏକ ଖଣ୍ଡିତ ଭୂ–ଭାଗକୁ ରେଖାଙ୍କିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଶୀର୍ଷକ ଆଧାରିତ ରାଜପତ୍ର ବ୍ରିଟିଶ୍ ସଂସଦରୁ ପ୍ରକାଶ ପାଇଥିଲା। ୧୯୩୭ ମସିହା ଜାନୁଆରୀ ୨୩ରେ ନିର୍ବାଚନ ଏବଂ ଅପ୍ରେଲ ୧ ତାରିଖରେ ପାରଳା ଗଜପତିଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଠନ ହୋଇଥିଲା ପ୍ରଥମ ସରକାର । ୨୬ ଜୁଲାଇ ୧୯୩୭ରେ ପ୍ରଥମ ବିଧାନସଭା ଅଧିବେଶନରେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରଥମ ଅଭିଭାଷଣ ଉପରେ ଆଲୋକପାତ କଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବାସ୍ତବ ଇତିହାସ ଜଣାପଡ଼େ । ବିସ୍ମୃତିର ଗଭୀର ଗହ୍ୱରକୁ ଅତି ନିର୍ଦ୍ଦୟ ଭାବେ ତଥା ଅପସଂସ୍କୃତି ଆଧାରରେ ନିକ୍ଷେପ କରାଯିବା ଫଳରେ ଗଜପତିଙ୍କ ବ୍ୟକ୍ତିତ୍ୱ, ତ୍ୟାଗ, କୃତି ଓ କୀର୍ତ୍ତିମାନ ପରବର୍ତ୍ତୀ ପିଢ଼ି ଅବଗତ ହୋଇପାରିଲେ ନାହିଁ। ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ, ପ୍ରଜାବତ୍ସଳ ମହାରାଜା ତିଳେ ତିଳେ ହୃଦୟଙ୍ଗମ କରିଥିଲେ ଯେ ପ୍ରଜାହିଁ ଏ ମାଟିର ହର୍ତ୍ତାକର୍ତ୍ତା ଦଇବ ବିଧାତା ।



ବାସ୍ତବ କଥା ହେଲା ଯେଉଁ ଦୁଇ ମହାପୁରୁଷ, ଉତ୍କଳ ଗୌରବ ଓ ଉତ୍କଳମଣି ଆଜି ବି ଏ ରାଇଜରେ ଅଗ୍ରପୂଜ୍ୟ ସେହି ଦୁଇ ମହାପୁରୁଷଙ୍କ ପ୍ରାରମ୍ଭ ସ୍ୱପ୍ନ ଶତଚେଷ୍ଟା ପରେ ବି ମହାରାଜାଙ୍କ ଯୋଗଦାନ ପୂର୍ବରୁ ଲକ୍ଷ୍ୟ ପ୍ରାପ୍ତ କରିବାର କୌଣସି ସମ୍ଭାବନା ନ ଥିଲା। ସେତେବେଳେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅସ୍ତମିତ ହୋଇ ଆସୁଥିବା ପ୍ରଦୀପକୁ ନିଜର ସମ୍ପୂର୍ଣ୍ଣ ତ୍ୟାଗରୂପକ ତେଲରେ ତେଜି ଦେଇଥିଲେ । କେବଳ ତେଜି ନଥିଲେ, ଅଧିକନ୍ତୁ ଅନ୍ଧକାରର କରାଳ ଛାୟା ଭିତରେ ଥିବା ଓଡ଼ିଶା ରାଜ୍ୟର ସମଗ୍ର ରାଜପଥକୁ ଆଲୋକିତ କରି ଦେଇଥିଲେ । ଏହା ନିର୍ବିବାଦୀୟ ସତ୍ୟ ଯେ, ମହାରାଜାଙ୍କ ତ୍ୟାଗ ଏବଂ ସ୍ୱକୀୟ ଅଲୌକିକ ଶକ୍ତି ଆଧାରରେ ଏ ରାଜ୍ୟ ସ୍ୱତନ୍ତ୍ରତା ପାଇଛି । ନଚେତ୍ ଆଜିର ଓଡ଼ିଶାର ଦକ୍ଷିଣଭାଗ ଭାରତବର୍ଷର ଦାକ୍ଷିଣାତ୍ୟରେ, ପୂର୍ବଭାଗ ପଶ୍ଚିମବଙ୍ଗରେ ଏବଂ ପଶ୍ଚିମଭାଗ ମଧ୍ୟପ୍ରଦେଶ, ବିହାର ଆଉ ଆଜିର ଝାଡ଼ଖଣ୍ଡ ଭିତରେ ବିଲୀନ ହୋଇ ଯାଇଥାନ୍ତା । ହୁଏତ ଆଜିର ପିଢ଼ି ମାଗଣାରେ ପାଇ ଯାଇଥିବା ଏଇ ସ୍ୱାଧୀନତାକୁ ବୁଝିବା କଷ୍ଟ ହେଇପାରେ । ତେବେ ଯେଉଁ ସ୍ୱତନ୍ତ୍ରତା ପ୍ରାପ୍ତ କରାଇବାରେ ଜଣେ ପ୍ରଜାନୁରଞ୍ଜକ, ମାଟିମନସ୍କ ବ୍ୟକ୍ତି, ରାଜକୀୟଠାଣି ପରିତ୍ୟାଗ କରି କେବଳ ଏକମାତ୍ର ଲକ୍ଷ୍ୟ ରଖିଥିଲେ, ଯାହା ଉତ୍କଳଗୌରବ ଓ ଉତ୍କଳମଣି ଦେଖିଥିଲେ ତାକୁ ସାକାର କରାଇବା । ସେ ହେଲେ ସ୍ୱତନ୍ତ୍ର ପ୍ରଦେଶର ‘ପ୍ରଥମ ପ୍ରଧାନମନ୍ତ୍ରୀ’। ଅହରହ ସଂଘର୍ଷ କରି ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ଯେଉଁ କୀର୍ତ୍ତି ଓ କୃତିର ସୁଦୀର୍ଘ ତାଲିକା ପ୍ରଲମ୍ବିତ, ତାହା ପ୍ରାୟ ଅନାଲୋଚିତ । ପ୍ରମୁଖ କୀର୍ତ୍ତି ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କଟକଠାରେ ଭେଷଜ ମହାବିଦ୍ୟାଳୟ ସ୍ଥାପନା, ଧାନ ଗବେଷଣା କେନ୍ଦ୍ର, ବିଦ୍ୟାଧରପୁର, କଟକ, ୧୯୧୩ ମସିହାରେ ଉତ୍କଳ ସାହିତ୍ୟ ସମାଜକୁ ୫୦୦/– ଟଙ୍କା ଦାନ, ୧୯୧୩ ମସିହାରେ ସତ୍ୟବାଦୀ ବିଦ୍ୟାଳୟକୁ ୫୦୦/– ଟଙ୍କା ଦାନ, ୫୬ କିଲୋମିଟର ବ୍ୟାପୀ ରେଳ ଚଳାଚଳ ଲାଗି ରେଳମାର୍ଗ (ନିଜସ୍ୱ ଖର୍ଚ୍ଚରେ), ୧୮୯୬ ମସିହାରେ ସ୍ଥାପିତ ହୋଇଥିବା ଶିକ୍ଷା ସୌଧ (Morrison Building)କୁ ୧୯୩୬ ମସିହାରେ ମହାବିଦ୍ୟାଳୟରେ ରୂପାନ୍ତରିତ କରିଥିଲେ, ଯାହା ଓଡ଼ିଶାର ଦ୍ୱିତୀୟ ମହାବିଦ୍ୟାଳୟ ଭାବେ ସମଗ୍ର ଓଡ଼ିଶାର ବିଦ୍ୟାର୍ଥୀଙ୍କ ସମ୍ମୁନ୍ନତ ଜୀବନ ନିର୍ବାହରେ ହୋଇଥିଲା ସହାୟକ । ଆହୁରି ଅନେକ ଅବଦାନର ଲମ୍ବା ତାଲିକା ରହିଛି ଯାହା ଏଠି ଦେବା ସମ୍ଭବ ନୁହଁ । କିନ୍ତୁ ଏହା ଭିତରେ ୧୩୦ ବର୍ଷ ବିତିଯାଇଥିବା ଗୋଟାଏ ମହାବିଦ୍ୟାଳୟକୁ ମାତ୍ର ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଗି ପାରଳାବାସୀ ଏବଂ ପାରଳାରେ ଗଢ଼ି ଉଠିଥିବା ଅନେକ ଆଞ୍ଚଳିକ ଅନୁଷ୍ଠାନମାନଙ୍କର ଦାବି ଏ ଯାବତ୍ ଅନାଲୋଚିତ, ଅପୂରଣୀୟ । ଅପରପକ୍ଷେ ୫୦ ବର୍ଷ ପୂର୍ତ୍ତି ହୋଇନଥିବା ମହାବିଦ୍ୟାଳୟଗୁଡ଼ିକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ଦୁଃଖ ଓ ବିଡ଼ମ୍ବନାର ବିଷୟ । ଅଧିକ ବିଡ଼ମ୍ବନାର କଥା, ବିଗତ ଏହି ୯୧ ବର୍ଷ ଭିତରେ ସରକାରଙ୍କ ଦ୍ୱାରା ହେଉଥିବା ଅନେକ ଯୋଜନାରୁ ଯେକୌଣସି ଏକ ଯୋଜନାର ନାମକରଣ ଯଥା– କୌଣସି ରାସ୍ତାଘାଟର ନାମକରଣ, ଅଥବା ସେ ଯେଉଁସବୁ କ୍ଷେତ୍ରକୁ ଅଗ୍ରାଧିକାର ଦେଇଥିଲେ ମହାରାଜାଙ୍କ ନାମକୁ ନେଇ ଯଦି ନାମକରଣ ହୋଇପାରନ୍ତା ଏ ଜାତି ଅନେକ ମାତ୍ରାରେ କୃତଜ୍ଞ ହୋଇ ପାରିଥାନ୍ତା । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି ବ୍ରହ୍ମପୁରଠାରେ ଯେଉଁ ଏମ୍.କେ.ସି.ଜି. (M.K.C.G. Medical College) ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ଚଳିତ ପିଢ଼ିଙ୍କୁ ପଚରାଗଲା ଏମ୍.କେ.ସି.ଜିରମାନେ କ’ଣ ସେମାନେ କହିଥିଲେ ମୋହନ ଦାସକରମ ଚାନ୍ଦ ଗାନ୍ଧି ମେଡ଼ିକାଲ କଲେଜ ବୋଲି । ଏଥିରୁ ବୁଝାପଡ଼େ ନବଉତ୍କଳର ବିନ୍ଧାଣୀଙ୍କ ପରିଚୟ କେଉଁଠି ବୋଲି । ସତ୍ୟଭାମାପୁରକୁ ଉତ୍କଳଗୌରବ ଏବଂ ସୁଆଣ୍ଡୋକୁ ଉତ୍କଳମଣିଙ୍କ କୀର୍ତ୍ତିରାଜୀ ସ୍ଥଳଭାବେ ପରିଚୟ ଦିଆଗଲା। କିନ୍ତୁ ପାରଳା ମହାରାଜାଙ୍କ ଅନ୍ତୁଡ଼ିଶାଳ, ତାଙ୍କ ରାଜଉଆସ, ବି.ଏନ୍. ପ୍ୟାଲେସ୍ (ଗ୍ରୀଷ୍ମନିବାସ) ଯାହା ଓଡ଼ିଶା ସ୍ୱାଧୀନତାର ମୂକସାକ୍ଷୀ, ପରବର୍ତ୍ତୀ ସମୟରେ ଶିକ୍ଷା ଅନୁଷ୍ଠାନ ଲାଗି ମହାରାଜା ଦାନ କରି ଦେଇଥିଲେ, ଆଜି ତାହା ଭଗ୍ନସ୍ତୁପ ।

କିଏ ସ୍ୱୀକାର କରୁ ଅବା ନ କରୁ ଆଜି ଆମ ପ୍ରିୟ ଓଡ଼ିଶା ଏକ ବୌଦ୍ଧିକ ଦେବାଳିଆର ସମ୍ମୁଖୀନ ହୋଇଛି । ପୂଜ୍ୟ ପୂଜା ସଂସ୍କୃତି ହେଉଛି ଆମ ମାଟିର ପାତାଳଭେଦୀ ସଂସ୍କୃତି । ପୂର୍ବଜ ପଣ୍ଡିତମାନେ ହଜାର ହଜାର ବର୍ଷ ତଳେ ମାର୍ଗଦର୍ଶନ କରିଯାଇଛନ୍ତି । **‘ଅପୂଜ୍ୟ ଯତ୍ର ପୂଜ୍ୟତେ, ପୂଜ୍ୟାନାମ୍ ଚ ବ୍ୟତିକ୍ରମ, ତ୍ରିନିତତ୍ର ପ୍ରଚୋଦ୍ୟନ୍ତେ, ମରଣଂ, ଦୁର୍ଭିକ୍ଷଂଭୟଂ ।’** ଯେଉଁ ରାଜ୍ୟର ଚିର ବନ୍ଦନୀୟମାନେ ଅତି ନିର୍ଦ୍ଦୟ ଭାବରେ ବିସ୍ମୃତିର ଗଭୀର ଗହ୍ୱରକୁ ନିକ୍ଷେପିତ ହୁଅନ୍ତି ସେ ରାଜ୍ୟର ଭାଗ୍ୟ ଓ ଭବିଷ୍ୟତ କ’ଣ? ଶାସ୍ତ୍ର କୁହେ ମଣିଷ ଦ୍ୱାରା ଯେତେ ଜଘନ୍ୟ ପାପ କରାଯାଇଛି ତା’ର ମୁକ୍ତିର ପଥ ନିର୍ମିତ ହୋଇଛି ସତ, ମାତ୍ର କୃତଘ୍ନମାନଙ୍କ ପାଇଁ କୌଣସି ତୀର୍ଥ ନାହିଁ ମୁକ୍ତି ପାଇବା ପାଇଁ । ଅତଏବ ଓଡ଼ିଆ ଅସ୍ମିତାର ମୂର୍ତ୍ତିମନ୍ତ ପ୍ରତୀକ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ କୀର୍ତ୍ତିକୁ ସଂରକ୍ଷିତ କରିବା ତାଙ୍କର ଅମ୍ଳାନ ସ୍ମୃତି ରକ୍ଷା କରିବା ପାଇଁ ସରକାର ଓ ଜନସାଧାରଣ ସେମାନଙ୍କର ମୌଳିକ କର୍ତ୍ତବ୍ୟ ବୋଲି ବିଚାର କରନ୍ତୁ । ଆଜିର ଜନ୍ମଦିନ ଅବସରରେ ଆଶା ଓ ବିଶ୍ୱାସ ଆଗାମୀ ସମୟରେ ମହାରାଜାଙ୍କ ସ୍ମୃତିରକ୍ଷା ଲାଗି ସରକାର ନିଶ୍ଚୟ କିଛି ବଳିଷ୍ଠ ପଦକ୍ଷେପ ନେବେ ।

**ସତ୍ୟଭାମା,ଭକ୍ତମଧୁ ନଗର,**
**ଗଣ୍ଡମୁଣ୍ଡା,ଭୁବନେଶ୍ୱର – ୭୫୧୦୩୦**
**ମୋ–୯୯୩୭୨୩୩୦୬୦**

**ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି ବ୍ରହ୍ମପୁରଠାରେ ଯେଉଁ ଏମ୍.କେ.ସି.ଜି. (M.K.C.G. Medical College) ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ଚଳିତ ପିଢ଼ିଙ୍କୁ ପଚରାଗଲା ଏମ୍.କେ.ସି.ଜିରମାନେ କ’ଣ ସେମାନେ କହିଥିଲେ ମୋହନ ଦାସକରମ ଚାନ୍ଦ ଗାନ୍ଧି ମେଡ଼ିକାଲ କଲେଜ ବୋଲି । ଏଥିରୁ ବୁଝାପଡ଼େ ନବଉତ୍କଳର ବିନ୍ଧାଣୀଙ୍କ ପରିଚୟ କେଉଁଠି ବୋଲି । ସତ୍ୟଭାମାପୁରକୁ ଉତ୍କଳଗୌରବ ଏବଂ ସୁଆଣ୍ଡୋକୁ ଉତ୍କଳମଣିଙ୍କ କୀର୍ତ୍ତିରାଜୀ ସ୍ଥଳଭାବେ ପରିଚୟ ଦିଆଗଲା। କିନ୍ତୁ ପାରଳା ମହାରାଜାଙ୍କ ଅନ୍ତୁଡ଼ିଶାଳ, ତାଙ୍କ ରାଜଉଆସ, ବି.ଏନ୍. ପ୍ୟାଲେସ୍ (ଗ୍ରୀଷ୍ମନିବାସ) ଯାହା ଓଡ଼ିଶା ସ୍ୱାଧୀନତାର ମୂକସାକ୍ଷୀ, ପରବର୍ତ୍ତୀ ସମୟରେ ଶିକ୍ଷା ଅନୁଷ୍ଠାନ ଲାଗି ମହାରାଜା ଦାନ କରି ଦେଇଥିଲେ, ଆଜି ତାହା ଭଗ୍ନସ୍ତୁପ ।**

## ଭିନ୍ନ ସ୍ୱାଦର କବିତା ତିନୋଟି

### ନାରୀ ଜାଗରଣ



**ଇଂ ରଶ୍ମିରଂଜନ ରାୟ**

ଶାବ୍ଦିକ ଭାଷଣ ଉଚ୍ଚା ଉଚ୍ଚାରଣ
ନାରୀ ଜାଗରଣ ବାର୍ତ୍ତା
ବାହାରେ ଗୋଟିଏ ଭିତରେ ଗୋଟିଏ
ଏ ବଡ଼ ଦାରୁଣ ବ୍ୟଥା ।୧।
ମୁଖେ ରାମ୍ ରାମ୍ ମରାମରା
ଯଦି ହୃଦୟରେ କରେ ନାଟ
ମଞ୍ଚରେ ବାଲ୍ମିକୀ ରାମାୟଣ ଲେଖେ
ଦସ୍ୟୁ ରତ୍ନାକର,
କର୍ମ ଦରବାରେ ଛାଡୁଛି ଆଜି କୁହାଟ ।୨।
ନିର୍ବାସିତା ଏ ବୈଦେହୀ କରିଲା
ମର୍ଯ୍ୟାଦା ପୁରୁଷୋତ୍ତମ
ଗାନ୍ଧାରୀ ବାନ୍ଧିଲା ଅନ୍ଧପୁଟୁଳି
ବୁଝିପାରୁନ କି ମର୍ମ?? ।୩।
ଆଉ କେଉଁ ମାଆ ରଖିବନି
ତାର ଝିଅର ନିର୍ଭୟା ନାଆଁ
ଯେତେ ପୁରସ୍କାର ଦାନ କରୁଥାଅ,
ନିଭିବନି ସେଇ ନିଆଁ ।୪।
ଫାଶିଖୁଣ୍ଟ ଆଜି ଦମ୍ଭ ଯେଉଁଠି
ଗଣତନ୍ତ୍ର ଖମ୍ବରୁ
ନାରୀ ଜାଗରଣ ନାରୀ ଉତ୍ତରଣ–
ବହୁଳ ପ୍ରଚାର ବହୁଳ ପ୍ରସାର
ପଢୁ ଖବର ସ୍ତମ୍ଭରୁ ।୫।
ବିଲ୍‌ରେ କେବେ ହୋଇପାରେ ନାହିଁ
ଘରେ ଆଲୋକର ବନ୍ୟା
ପାରବକି ତୁମେ ନାରୀ?
ସବୁନାରୀ ତୁମେ ଏକ୍‌ଜୁଟ୍ ହୋଇ,
ଏକ ମନ ହୃଦେ ଭରି
ନିଜ ଅଧିକାର, ନିଜ ହାତଧରି
ଯେବେ କରିବ ଜାହିରି
ନିଜେ ତ ସ୍ୱାଧୀନ, ସ୍ୱେଚ୍ଛାଧୀନ ନୁହଁ
ନିଜେ ତ ଶୃଙ୍ଖଳ ଉଚ୍ଛୃଙ୍ଖଳ ନୁହଁ
ସମାଜର ହିତ ପାଇଁ
ନାରୀ ଉତ୍ତରଣ ହୋଇବ ଜଗତେ,
ନର ବି ଉଠିବ ଚେଇଁ,
ତେବେ ଯାଇ ବିଶ୍ୱ ବୁଝିବ ଜାଣିବ
ଏଇ ନାରୀ ନର ନାରୀରୁ ଜନମ
ମାନବବାଦ ତ ତାଙ୍କର କରମ
ହସିବ ଏ ଧରା ଲୋଟିବ ଏ କାରା
ମାନବବାଦଟା ଶାନ୍ତି ବାଣ୍ଟିବ
ନାରୀ ନର ଦୁଇ ଡେଣା ଲଗାଇ
ଏଇ ଏ ଦୁନିଆଁ ସାରା
ଏଇ ଏ ଦୁନିଆ ସାରା ॥

ନୀଳାଦ୍ରି ବିହାର, ସେକ୍ଟର – ୧/୭,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,
ପିନ୍–୭୫୧୦୨୧



### ବୈଶାଖର ଆବାହନ



**ବାଦଲ ଭୂୟାଁ**

ବସନ୍ତର ଶେଷ ପ୍ରହର
ବୈଶାଖର ଆବାହନ ବେଳେ
ମାଟିଠୁଁ ଆକାଶ ପର୍ଯ୍ୟନ୍ତ
ବାତାବରଣରେ ଥାଏ ଭୁରୁ ଭୁରୁ
ବାସ୍ନା ଆଉ ସୁଲୁ ସୁଲୁ ପବନର ଗୀତ ।
ପାହାନ୍ତାର ଶୀତୁଆ ସକାଳ
ତା ସାଙ୍ଗରେ ଉଚ୍ଚାଟିତ କୋଇଲିର ଗୀତ
କେତେ ଜାତି ଫୁଲ, ଫୁଲର ମହକ
ଚାରିଆଡ଼େ ଲାଗେ ଯେମିତିକି
ସବୁ ନିର୍ବାକ ଓ ନିଥର
ଏଇ ସବୁ ଅନୁଭବ ମନ ମନ୍ଦିରରେ ଗଢ଼େ
କେତେ କେତେ ଗୀତର ଭୂଗୋଳ ।
ଲାଗେ ସେ ଚେତନା, ସେ ଅନୁଭବ
ସବୁଠାରେ ତୁମରି ଅସ୍ତିତ୍ୱ
ତୁମ ପରିଚୟ ନେଇ ବଞ୍ଚେ / ବଞ୍ଚିଥାଏ
ଏ ଅକିଞ୍ଚନ ମନର ମଣିଷ
ତମେ ମୋ ଚେତନାର ଚୌଦିଗ
ଭାବ ଆଉ ଭବର ସୂକ୍ଷ୍ମ ଉପାଦାନ
ତମ ବିନା ଦୁର୍ବିସହ ଜୀବନ ପ୍ରବାହ
ତମେ ଆଉ ତମ କଥା ଥାଏ ଭିନ୍ନ ଭିନ୍ନ
ସେଥିପାଇଁ ମୁଁ ମଣିଷ
ମୋ ଆତ୍ମାରେ ପ୍ରଭୁ ବିରାଜିତ ।

**ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

### ଅହଂକାର



**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**

ଅହଂକାରର ଶିଖରରେ ଚଢ଼ି
ଆହ୍ୱାନ ଦେଉଛନ୍ତି
ଯୁଦ୍ଧଖୋର ଅହଙ୍କାରୀମାନେ
ପୋଡାଭୂଇଁରେ ନାଚୁଥିବେ ସେମାନେ
କେତେ ଶହ ଘରର ଉଜୁଡା ଭୂଇଁରେ
ପଡିଥିବ ହାହାକାରର ଶବ
ଚୁଲି ସବୁ ଲିଭିଯାଇଥିବ
ଚୁଲି ଉପରେ ତରକାରୀ ବନ୍ଦ ପଡିଥିବ
ବିପର୍ଯ୍ୟସ୍ତ ପଡିଥିବ ବାସନକୁସନ
ରକ୍ତସ୍ନାନ କରୁଥିବ ମାଟି
ମାଟି ଉପରେ କଟା ହାତ ଗୋଡ ଇନ୍ଦ୍ରିୟ
ଜୀଅନ୍ତା ଶିଶୁଟେ କାନ୍ଦି କାନ୍ଦି
ନିସ୍ତେଜ ପଡିଥିବ,ଏକୁଟିଆ ମୃତ୍ୟୁ ଅପେକ୍ଷାରେ
ବୈଧବ୍ୟ ପିନ୍ଧିଥିବ ଶ୍ୱେତବସ୍ତ୍ର
ଏ ନିଖିଳର ମୃତ୍ୟୁ ଲୀଳା ନୁହେଁ
ଲୀଳା ଅହଂକାରର ବିଧ୍ୱଂସର
ସଂହାରର ଚେତାବନୀ ସଂସାରକୁ
ଅମୃତତ୍ୱର ଚେତାବନୀ ମୃତ୍ୟୁକୁ
ଆଲୋକର ଚେତାବନୀ ଅନ୍ଧାରକୁ ।
କି କବିତା ଲେଖୁଛ ହେ କବି !
ସମୟର ଅବିକଳ ଛବି ଆଙ୍କିନାହଁ
ଯୁଦ୍ଧଖୋର ମାନଙ୍କର ମୁଖା ଖୋଲିନାହଁ
ଅହଂକାରର ମୃତ୍ୟୁ ହେଉନାହିଁ
ରାକ୍ଷସମାନେ ଉଠି ଆସିଛନ୍ତି ପାତାଳରୁ
ମୃତାହତ କଠୋରତାର ନିଶାଣରେ
ତ୍ରସ୍ତ ମାନବତା, ଅସହାୟ ମାନବିକତା
ଭୂଲୁଣ୍ଠିତ କରୁଣାର ଧାରା
ହେ ବୁଦ୍ଧ ! ଏ ପୃଥିବୀରେ ଏହିପରି
ଅହଂକାରର ତାଣ୍ଡବ ଚାଲିଥିବ
ତମେ ଯେତେଥର ଆସ ପଛେ
ଶବବାହକମାନେ ଚାଲିଥିବେ
ତମକୁ ଆଡୁଆଳ କରି ।

**ଭୁବନେଶ୍ୱର– ୧୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମେରିକା...

ଅଛନ୍ତି । ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାର୍କୋ ରୁବିଓ ଓ ଜାତୀୟ ସୁରକ୍ଷା ଟିମ୍ ସହ ଯୋଗାଯୋଗ କରୁଛନ୍ତି । ଗତକାଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଇରାନ ଏବେ ଆମେରିକାର ଦାବିକୁ ନେଇ ବୈଠକରେ ଏକ ପ୍ରସ୍ତାବ ଦେବାକୁ ପ୍ରସ୍ତୁତ ହେଉଛି । ତେବେ ହରମୁଜ ପ୍ରଣାଳୀକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି । ବୁଝାମଣା ସମୟରେ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ । ଭବିଷ୍ୟତରେ ଆମେରିକା ଏହି ଅଞ୍ଚଳରେ ଥିବା ଜଳପଥର ସ୍ଥିତିକୁ ନେଇ ଆଲୋଚନା ହେବ ବୋଲି କୁହାଯାଉଛି । ଗତ ସପ୍ତାହରେ ଟ୍ରମ୍ପ ଇରାନର ଜାହାଜ ଉପରେ ପୃଥକ ଭାବେ ପ୍ରତିରୋଧ ଲଗାଇଛନ୍ତି ।

## ଓଡ଼ିଶାରେ...

୯୮%, ଜୁଲାଇରେ ଯଥାକ୍ରମେ ୧୦୪% ଓ ୧୦୫% । ଅଗଷ୍ଟରେ ୧୦୮%-୧୧୦%, ସେପ୍ଟେମ୍ବରରେ ୧୦୫%-୧୦୨% ହେବାର ସମ୍ଭାବନା ରହିଛି । ସ୍ୱାଭାବିକଠୁ ଅଧିକ ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ହେବ । ଅଗଷ୍ଟ ମାସରେ ବର୍ଷାର ପ୍ରକୋପ ଅଧିକ ରହିପାରେ । ଗ୍ଲୋବାଲ ମଡେଲ ଆଉଟ୍‌ଲୁକ୍ ଅନୁଯାୟୀ ମୌସୁମୀର ଦ୍ୱିତୀୟାର୍ଦ୍ଧ ଅଧିକ ବର୍ଷା ପ୍ରଦାନ କରିବ । ଇସିଏମ୍‌ଡବ୍ଲ୍ୟୁଏଫ୍ ଅନୁଯାୟୀ ମୌସୁମୀର ଆଗମନ ସମୟରେ ବର୍ଷା ସ୍ୱାଭାବିକ ରହିବ । କିନ୍ତୁ ଜିଏଫ୍‌ଏସ୍ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭାରତରେ ସାମାନ୍ୟ ଅସ୍ଥିରତା ଦେଖାଦେଇପାରେ । ମୌସୁମୀର ପୂର୍ବାନୁମାନ ଭଲ ଥିବାବେଳେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅବ୍ୟାହତ ରହିଛି । ଏପ୍ରିଲ ୨୭ ପର୍ଯ୍ୟନ୍ତ ପଶ୍ଚିମାଞ୍ଚଳରେ ତାପମାତ୍ରା ଅଧିକ ରହିବ ଓ କାଳବୈଶାଖୀର ସମ୍ଭାବନା ଏପ୍ରିଲ ୨୬ ରାତିରୁ ବୃଦ୍ଧି ପାଇବ । ଯାହା ଚାଷୀମାନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିବ ।

## ୨୪ ଘଣ୍ଟାରେ...

ଶ୍ରୀ ଚଢ଼ାଙ୍କ ସମେତ ଆପର ୬ ରାଜ୍ୟସଭା ସାଂସଦ ଗତକାଲି ବିଜେପିରେ ମିଶିଥିଲେ । ତାଙ୍କୁ ସପ୍ତାହେ ତଳେ ଆପ ରାଜ୍ୟସଭାର ଉପନେତା ପଦବୀରୁ ହଟାଇଥିଲା । ତେବେ ଜେନ ଜେଡ ପକ୍ଷରୁ ତାଙ୍କ ସମର୍ଥନ ଅଧିକ ରହିଥିଲା । ବିଜେପିରେ ମିଶିଲା ପରେ ତାଙ୍କ ଫଲୋଅରଙ୍କ ସଂଖ୍ୟା କମିଯାଇଛି । ୨୪ ଘଣ୍ଟା ମଧ୍ୟରେ ଇନଷ୍ଟାଗ୍ରାମରେ ତାଙ୍କର ୧୦ ଲକ୍ଷ ଫଲୋଅର ଘଟିଛନ୍ତି । ତାଙ୍କର ୧୪.୬ ନିୟୁତ ଫଲୋଅର୍ସ ରହିଥିଲେ । କିନ୍ତୁ ଆଜି ଅପରାହ୍ଣ ୧ଟା ସୁଧା ଏହା ୧୩.୫ ନିୟୁତକୁ ଖସି ଆସିଛି । ରାଜନୈତିକ ସମୀକ୍ଷକମାନେ ଏହାକୁ ଚଢ଼ାଙ୍କ ବିରୋଧରେ ଜେନ ଜେଡଙ୍କ ପ୍ରତିକ୍ରିୟା ବୋଲି କହିଛନ୍ତି । ଇନଷ୍ଟାଗ୍ରାମରେ ଜେନ ଜେଡ ଅଭିଯାନ ଭାଇରାଲ ହେବା ପରେ ଫଲୋଅର୍ସଙ୍କ ସଂଖ୍ୟା ୧୦ ଲକ୍ଷ ହ୍ରାସ ପାଇଛି ବୋଲି ଏନସିପି (ଏସପି) ମୁଖପାତ୍ର ଅନିଶ ଗାୱାଣ୍ଡେ କହିଛନ୍ତି । ରାଘାବ ରାଜ୍ୟସଭାରେ ଯୁବ ପୀଢ଼ୀଙ୍କୁ ପ୍ରଭାବିତ କରିଥିବା ଟ୍ରାଫି ସମସ୍ୟା ପୈତୃକ ଛୁଟି ଟିଲିକମ କମ୍ପାନୀ ଡାଟା ଲୋକପ୍ରିୟ ରହିଥିଲେ । ଏହି ପ୍ରସଙ୍ଗ ଗୁଡିକ ଯୁବ ପୀଢ଼ୀଙ୍କ ବେଶ ଛୁଇଁଥିଲା । ଏହା ଯୁବ ପୀଢ଼ୀର କେନ୍ଦ୍ରୀକ ସମସ୍ୟା ରହି ଆସିଛି । ପାରମ୍ପରିକ ରାଜନୀତି ଓ ଯୁବ ଆକାଂକ୍ଷାଙ୍କ ମଧ୍ୟରେ ଥିବା ଦୂରତା ମଧ୍ୟରେ ଚଢ଼ା ଏକ ଭିନ୍ନ ନେତା ଭାବେ କାର୍ଯ୍ୟ କରୁଥିଲେ । ମାତ୍ର ଚଢ଼ା ବିଜେପିରେ ଯୋଗ ଦେଲା ପରେ ତାଙ୍କ ସମର୍ଥକଙ୍କ ସଂଖ୍ୟା ହ୍ରାସ ପାଇଛି ।

## ନୂତନ...

ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି ।

କାର୍ଯ୍ୟକ୍ରମମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚିକିତ୍ସା କରନ୍ତି । ପ୍ରକୃତରେ ସେମାନେ ମହାନ । ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମ ଭେଟେନାରୀ ଡକ୍ଟର ମାନେ । ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚାଷ ପର୍ଯ୍ୟାପ୍ତ ନୁହେଁ । ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ । ଆମର ଲକ୍ଷ୍ୟ କେବଳ ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ସେ ଉଲ୍ଲେଖ କରିଥିଲେ ।

ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି । ୧,୪୨୩ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ । ଉଚ୍ଚ ଦୁଗ୍ଧ ଉତ୍ପାଦନକାରୀ ଗାଈ ପାଳନ ପାଇଁ ୬୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି ।ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି ।କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ ।

ଚଳିତ ବର୍ଷର ପ୍ରସଙ୍ଗ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି ୱାନ୍ ହେଲ୍ଥ ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ । ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ । ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି ।

ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ ଏ-ହେଲ୍ପ (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣିଚିକିତ୍ସକ, ପ୍ରାଣିପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସେମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ ଓ ଓଡ଼ିଶାକୁ ବିକଶିତ ରାଜ୍ୟ ଗଠନରେ ସମୁହିକ ଭାଗିଦାରି ପାଇଁ ଆହ୍ୱାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବଳୟଭାବେ ପ୍ରାଣିଚିକିତ୍ସକମାନେ ସେବା ପ୍ରଦାନ କରିଥାନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରେମ ଚାନ୍ଦ ଚୌଧାରୀ ଏବଂ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ ।

## ଦଳ ଛାଡ଼ିଥିବା...

ସ୍ୱିକୃତି ମିଳିବ ନାହିଁ । ଏହା ଦୁଇ ତୃତୀୟାଂଶ ସଦସ୍ୟ ହୋଇଥିଲେ ବି ଲାଗି ହେବ ନାହିଁ । ଦଳ ବଦଳ ନିରୋଧ ଆଇନ କିମ୍ବା ସମ୍ବିଧାନର ଦଶକ ଅନୁଚ୍ଛେଦରେ ଏଭଳି କୌଣସି ବିଭାଜନକୁ ରାଜ୍ୟସଭା ଓ ଲୋକସଭାରେ ସ୍ୱିକୃତି ଦିଆଯିବ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି । ୭ ସାଂସଦ ବିଜେପିରେ ଯୋଗଦେବା ଅସାମ୍ବିଧାନିକ ଓ ବେଆଇନ ବୋଲି ସେ ଉଲ୍ଲେଖ କରିଛନ୍ତି । ଏଥିଲାଗି ସେ ଉପରାଷ୍ଟ୍ରପତି ଓ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି ।

## ୫ ବର୍ଷରେ...

ପୋଲିସ କହିଛି । ଏହିପରି ୫ ବର୍ଷ ମଧ୍ୟରେ ରେଳଧାରଣାରୁ ପୋଲିସ ଜବତ କରିଥିବା ୨୭୨ ଶବର ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ । କେତେକ କ୍ଷେତ୍ରରେ ଟ୍ରେନରୁ ଖସିପଡି ରେଳଧାରଣାରୁ ମୃତ୍ୟୁ ହେଉଥିଲେ ମଧ୍ୟ ତାହା ସନ୍ଦେହରେ । କାରଣ ସେହି ମୃତକ ଟ୍ରେନରୁ ଖସିପଡିଛନ୍ତି ନା ତାଙ୍କୁ କେହି ଟ୍ରେନରୁ ଠେଲି ହତ୍ୟା କରିଛି ତାହା ମଧ୍ୟ ଅସ୍ପଷ୍ଟ ।

## ଜରୁରୀ...

ଆଇନଗତ ଗିରଫଦାରୀ କିମ୍ବା ଅନ୍ୟ କୌଣସି ଆବଶ୍ୟକତାବଶତଃ ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥିତିରେ ମାତ୍ର ଏପରି ବ୍ୟବସ୍ଥା ଲାଗୁ ହେବ । କେବଳ ଏହି ସବୁ ପରିସ୍ଥିତି ପରିପ୍ରେକ୍ଷୀରେ ନିବନ୍ଧନ କର୍ମକର୍ତ୍ତାଙ୍କୁ ବ୍ୟକ୍ତିଗତ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ରହିଛି ।

କାର୍ଯ୍ୟାଳୟ ବାହାରେ ନିବନ୍ଧନ କରିବା ଏକ ପୃଥକ୍ ପରିସ୍ଥିତି ଏବଂ ଏହା କେବେ ମଧ୍ୟ ସାଧାରଣ ଭାବେ ପ୍ରଚଳନ ହେବା ଉଚିତ୍ ନୁହେଁ । ଏହିପରି ସମସ୍ତ କାର୍ଯ୍ୟ ଓଡିଶା ନିବନ୍ଧନ ନିୟମ, ୧୯୮୮ର ନିର୍ଦ୍ଦିଷ୍ଟ ପ୍ରକ୍ରିୟା (ଧାରା ୪୮ ରୁ ୫୨) ଅନୁସାରେ ଦୃଢ଼ ଭାବରେ ପାଳନ କରାଯିବା ଆବଶ୍ୟକ ।

ଏହାସହିତ, ଏପରି ଘରୋଇ ନିବନ୍ଧନ ପୂର୍ବରୁ ଉଚିତ୍ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରୁ ପୂର୍ବ ଅନୁମତି ନିଆଯିବା ଅନିବାର୍ଯ୍ୟ । ଜିଲ୍ଲା ମଧ୍ୟରେ ମାତ୍ର ଆଇନଗତ କ୍ଷେତ୍ରାଧିକାର ବାହାର ମାମଲାରେ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାର୍, ଜିଲ୍ଲା ବାହାରେ କିନ୍ତୁ ରାଜ୍ୟ ଭିତରେ ଥିଲେ ଇନ୍ସପେକ୍ଟର୍ ଜେନେରାଲ ଅଫ ରେଜିଷ୍ଟ୍ରେସନ୍ ଏବଂ ରାଜ୍ୟ ବାହାରେ ଥିଲେ ସରକାରଙ୍କ ଅନୁମତି ଆବଶ୍ୟକ ହେବ ।

କେବଳ ପ୍ରକୃତ ଏବଂ ଯୁକ୍ତିସଙ୍ଗତ ମାମଲାରେ ଘରେ ଯାଇ ନିବନ୍ଧନ କରାଯିବ ଏବଂ ସମସ୍ତ କାରଣ ତଥା ଦଲିଲ୍ ସମ୍ବନ୍ଧୀୟ କାଗଜପତ୍ରର ସଠିକ୍ ଯାଞ୍ଚ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି । ଏହି ବ୍ୟବସ୍ଥାର କୌଣସି ଉଲ୍ଲଂଘନ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ସେହିପରି ସମସ୍ତ ଏଡିଏମ୍ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ଏହି ଆଇନର କାର୍ଯ୍ୟକାରିତା ନେଇ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରାଯାଇଛି । ସରକାର ଦଲିଲ ନିବନ୍ଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧ ଓ ଆଇନଗତ ନିୟମାବଳୀର କଡା ଅନୁପାଳନ ପ୍ରତି ନିଜର ପ୍ରତିବଦ୍ଧତା ସ୍ପଷ୍ଟ କରିଛନ୍ତି ।

## ସ୍ୱତନ୍ତ୍ର...

ସହିପାରୁନାହାନ୍ତି ବୋଲି ସେ କହିଛନ୍ତି । ସ୍ୱତନ୍ତ୍ର ଅଧିବେଶନକୁ କଂଗ୍ରେସ ମଧ୍ୟ କଟାକ୍ଷ କରିଛି । କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ବିଧାନସଭା ଅଧିବେଶନ ଡାକିବାକୁ ଦାବି କରିଥିଲେ । ମାତ୍ର ତାହା ହେଲାନାହିଁ । ଏବେ ଡ୍ରାମା କରୁଛନ୍ତି ବୋଲି କଂଗ୍ରେସ ଉଲ୍ଲେଖ କରିଛି ।

### ସରକାରୀ ଅର୍ଥ ହରିଲୁଟ୍ ମାମଲା

# ୨ ପୂର୍ବତନ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକର ୨ଜଣ ପୂର୍ବତନ ଯନ୍ତ୍ରୀ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଶନିବାର ମାମଲାର ବିଚାର କରି ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ୨ ବର୍ଷର ସଶ୍ରମ କାରାଦଣ୍ଡ ଓ ଜରିମାନାରେ ଦଣ୍ଡିତ କରିଛନ୍ତି । ଏହି ଦଣ୍ଡାଦେଶ ପରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନଙ୍କ ପେନସନ ବନ୍ଦ କରିବା ଏବଂ ପୂର୍ବତନ କନିଷ୍ଠ ଯନ୍ତ୍ରୀ ବିରଞ୍ଚି ନାରାୟଣ ଦାଶଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି । ବର୍ତ୍ତମାନ ବିରଞ୍ଚି ନାରାୟଣ ଦାଶ ନୟାଗଡ଼ ଜିଲ୍ଲା ଦଶପଲ୍ଲା ସ୍ଥିତ ବୃତାଙ୍ଗ ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକରେ ୨୦୦୮-୦୯ ମସିହାରେ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ରେ ଏକ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଅଧିକ ମାପ ପୁନଃ କୋଡିଂ କରି ସରକାରୀ ଅର୍ଥ ହରିଲୁଟ୍ କରାଯାଇଥିଲା । ଏହାର ଅଭିଯୋଗ ପରେ ଦୁଇ ଯନ୍ତ୍ରୀଙ୍କ ବିରୋଧରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ଏହାର ବିଚାର କରି କୋର୍ଟ ଏହି ରାୟ ପ୍ରଦାନ କରିଛି ।

# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ ଘଟଣା, ଅଭିଯୁକ୍ତ ଗିରଫ

ରାୟଗଡ଼ା/ଭବାନୀପାଟଣା,(ସବ୍ୟୁ): ଗତ ବୁଧୁବାର ମୁନିଗୁଡା ଥାନା ମୁନିଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନିୟମଗିରି ପର୍ବତ୍ୟାଞ୍ଚଳ ଡ଼ଙ୍ଗରିଆ ଗ୍ରାମ ଗୋରଠାରେ ସାନଭାଇ ନିଜ ବଡ଼ଭାଇ ଗୁଲଟା ଜାକାସିକାକୁ ଟାଙ୍ଗିଆରେ ମାରିଦେଇଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ଏହି ଘଟଣାରେ ବଡ଼ ଭାଇ ଗୁଲଟା ଜାକାସିକା ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିବା ବେଳେ ସାନ ଭାଇ ଆଦୁ ଜାକାସିକା ଘଟଣା ପରେ ଫେରାର ହୋଇଯାଇଥିଲା । ଏନେଇ ଏସଡିପିଓ ସନ୍ତୋଷୀନି ଓରାମଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡା ଥାନା କେଶ ନମ୍ବର ୧୨୬/୨୬ ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତ ସାନ ଭାଇକୁ ପୋଲିସ ଖୋଜୁଥିଲା । ତେବେ ଶୁକ୍ରବାର ଦିନ ନିୟମଗିରି ପର୍ବତ୍ୟାଞ୍ଚଳର କଲ୍ୟାଣସିଂପୁର ଅଞ୍ଚଳରୁ ଗିରଫ କରିଥିବା ବେଳେ ଶନିବାର ଅଭିଯୁକ୍ତ ସାନ ଭାଇ ଆଦୁ ଜାକାସିକାକୁ ଶନିବାର କୋର୍ଟଚାଲାଣ କରାଯାଇଥିବା ନେଇ ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ତଥ୍ୟ ନେବାରେ ଜଣାପଡ଼ିଛି ଯେ ବୁଧବାର ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପାର୍ବତ୍ୟାଞ୍ଚଳର ଗୋରଠା ଗ୍ରାମରେ ଦୁଇ ଭାଇଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ହଠାତ ସାନ ଭାଇ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ବଡଭାଇକୁ ଚୋଟ ମାରିଥିଲା । ଘଟଣା ସ୍ଥଳରେ ହିଁ ବଡ଼ ଭାଇର ମୃତ୍ୟୁ ଘଟିଥିଲା ।

# ଦୁର୍ଦ୍ଦାନ୍ତ ହେମଲା ସହ ୪୭ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି (ସବ୍ୟୁ): ସରକାରଙ୍କ ଶେଷ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଆତ୍ମସମର୍ପଣ କରିପାରିନଥିବା ମାଓବାଦୀ ମାନେ ଏବେ ଧୀରେଧୀରେ ଜଂଗଲରୁ ବାହାରି ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ଶନିବାର ଦୁର୍ଦ୍ଦାନ୍ତ ମାଓ ନେତା ହେମଲା ଓରଫ ଭିଜା ସମେତ ୪୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ହାଇଦ୍ରାବାଦ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏମାନେ ୩୨ଟି ହତିଆର ହସ୍ତାନ୍ତର କରି ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ନାମରେ ସରକାର ୧ କୋଟି ୫୦ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଚିବ ହେମଲା, ଏସିଏମଭି. ଆନ୍ଦେ, ଓଣ୍ଡେ ଭୀମେ, ସୋଡି ଉଙ୍ଗା, ସୋଡି ଦସରୁ, ଉଦମ ବୁଦ୍ରା, ମାଡକମ ସନି, ଉଇକା ଭୀମା, ସୋଡି ସୋମଡି, ମାଡବି କୋସି, ଭାଞ୍ଜାମ ଜିମେ, କୁଞ୍ଜମ ସୋନା ପ୍ରମୁଖ ।

ପୁଲିସ ନିକଟରେ ଗୋଟିଏ ଏଲଏମଜି, ୪ଟି ଏକେ-୪୭, ୩ଟି ଏସଏଲଆର, ୨ଟି ଇନସାସ, ୨ଟି ୪୧୦ ରାଇଫଲ, ଗୋଟିଏ ୮ଏମଏମ ରାଇଫଲ, ଗୋଟିଏ ୯ ଏମଏମ ରାଇଫଲ, ୧୨ ସିଙ୍ଗଲସଟ୍ ଗନ, ବିଜିଏଲ ଗନ ୨ଟା, ଏୟାର ଗନ ୨ଟା ଭଳି ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତ । ପ୍ରଶାସନ ତରଫରୁ ସମସ୍ତ ମାଓବାଦୀଙ୍କୁ ୨୫ ହଜାର ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛ । ଏଥିସହ ସମସ୍ତଙ୍କୁ ଆତ୍ମନିର୍ଭଶୀଳ କରାଯିବ ବୋଲି କୁହାଯାଇଛି । ଗତ ୩ ବର୍ଷରେ ତେଲେଙ୍ଗାନା ପୁଲିସ ନିକଟରେ ୪ଟି ସେଣ୍ଟ୍ରାଲ କମିଟି ମେମ୍ବର, ୨୨ ଜଣ ଷ୍ଟେଟ କମିଟି ମେମ୍ବର, ଜଣେ ଆଞ୍ଚଳିକ କମିଟି ମେମ୍ବର, ୪୪ ଜଣ ଡିଭିସିଏମ,୧୭୩ ଜଣ ଏସିଏମ ଏବଂ ୫୭୪ ଜଣ ପାର୍ଟି ମେମ୍ବର ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

# ଜିଲ୍ଲା ବିଜେପି ପକ୍ଷରୁ ଜନ ଆକ୍ରୋଶ ପଦଯାତ୍ରା ଓ ମହିଳା ସମାବେଶ

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଶନିବାର ଏକ ମହିଳା ସମାବେଶ ଓ ଜନ-ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ "ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସଚେତନତା ସୃଷ୍ଟି କରିବା ମୁଦ୍ଦାକୁ ନେଇ ଆଜି ବୌଦ୍ଧ ଠାରେ ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ମହିଳା କର୍ମୀ ଉପସ୍ଥିତ ହୋଇ ହାତରେ କଳା ପତାକା ଏବଂ ନାରୀ ସଶକ୍ତିକରଣର ପ୍ଲାକାର୍ଡ ଧରି ଏକ ବିଶାଳ ପଦଯାତ୍ରାରେ ବାହାରିଥିଲେ । ବୌଦ୍ଧ ସହରର ଜଗନ୍ନାଥ ମନ୍ଦିର ଠାରୁ ବାହାରି ମୁଖ୍ୟ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବାସହ ଗାନ୍ଧୀଛକ ଠାରେ ରାହୁଲ ଗାନ୍ଧୀ ଏବଂ ନବୀନ ପଟ୍ଟନାୟକ କୁଶ ପୁତ୍ତଳିକା ଦାହ କରିଥିଲେ । ଶେଷରେ ଟାଉନ ହଲଠାରେ ପହଂଚି ସେଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏହି ମହିଳା ସମାବେଶରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବରେ ରାଜ୍ୟ ମହିଳା ନେତ୍ରୀ ଜୟନ୍ତୀ ପଢିଆରି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଯୁକ୍ତା ନାଏକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମିନାରାଣି ମିଶ୍ର ମଂଚାସୀନ ଥିଲେ । ମହିଳା ବିଲକୁ କଂଗ୍ରେସ ଓ ବିଜେଡିର ପ୍ରତ୍ୟାଖ୍ୟାନର ଦୃଢ ନିନ୍ଦା କରିବାସହ ଆଗାମୀ ଦିନରେ ଏମାନଙ୍କୁ ମହିଳା ମାନେ ଉଚିତ ଜବାବ ଦେବାପାଇଁ ଆହ୍ୱାନ ଦେଇଥିଲେ । କନ୍ଧମାଳ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମିନାରାଣି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସେବାଶ୍ରମ ଅନ୍ତେବାସୀଙ୍କୁ ଅସଦାଚରଣ, ମୁଖ୍ୟ ସେବକ ନିଲମ୍ବିତ

ନବରଙ୍ଗପୁର, (ସବ୍ୟୁ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଏକ ସେବାଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ହେଡ ସେବକଙ୍କ ଦ୍ୱାରା ଅସଦାଚରଣ କରାଯାଇଥିବା ଅଭିଯୋଗ ଆଣିଛନ୍ତି ପୀଡିତା ଛାତ୍ରୀ ଓ ତାଙ୍କ ପରିବାର । ଏହି ଅଭିଯୋଗକୁ ନେଇ ନବରଙ୍ଗପୁର ଥାନାରେ ଶୁନ୍ୟ ଏତଲା ହୋଇଛି । ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ମଂଜୁଳା ମାଝୀ, ଅଖିଳ ଭତରା, ସରୋଜପାତ୍ର, ପ୍ରମୋଦ ରଥ, ଲାଲୁ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ଅରୁଣ ମିଶ୍ରଙ୍କ ସହିତ ପରିବାର ସଦସ୍ୟ ନବରଙ୍ଗପୁର ଥାନାରେ ପହଂଚି ଅଭିଯୋଗ କରିଛନ୍ତି । ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା, ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଏତଲା ଗ୍ରହଣ କରିବା ପରେ ଶୁନ୍ୟ ଏତଲାରେ ଫଂଜୀକୃତ କରିଛନ୍ତି । ମାମାଲାଟି ତେନ୍ତୁଳିଖୁଣ୍ଟି ଅଂଚଳରେ ହୋଇଥିବାରୁ ସେଠାରେ ରୁଜୁ ହେବ ବୋଲି କହିଛନ୍ତି ଏସଡିପିଓ । ମାମାଲାର ତଦନ୍ତ ଭାର ଏସପିଙ୍କ କାର୍ଯ୍ୟାଳୟର ଶିଶୁ ଓ ମହିଳା ଚାଳାଣ ବିଭାଗର ଇନିସପେକଫର ସୀମା ପ୍ରଧାନ କରିବେ ବୋଲି କହିଛନ୍ତି ଏସଡିପିଓ । ଇନିସପେକଫର ପ୍ରଧାନ ଘଟଣାର ତଦନ୍ତ ଆରମ୍ଭ କରିଥିବା, ଅଭିଯୋଗରେ ସତ୍ୟତା ରହିଥିବା କହିଛନ୍ତି । ଅନ୍ତେବାସୀ ଛାତ୍ରୀ ଜଣକ ପଢୁଥିବା ସେବାଶ୍ରମକୁ ଯାଇ ଘଟଣାସ୍ଥଳୀର ତଦନ୍ତ କରିବା ସହ ସେବାଶ୍ରମ ଆଡମିସନ୍ ରେଜିଷ୍ଟ୍ରାରକୁ ଜବତ କରିବେ ବୋଲି କହିଛନ୍ତି ଇନସପେକଫର ଶ୍ରୀ ପ୍ରଧାନ । ପିଡ଼ୀତା ଜଣକୁ ସିଡବ୍ଲୁସି ନିକଟରେ ଉପସ୍ଥିତ କରାଇବା ସହ ଡାକ୍ତରୀ ମାଇନା ସହ କୋର୍ଟରେ ୧୬୧ ଓ ୧୬୪ବୟାନ ନିଆଯିବ । ସିଡବ୍ଲୁସିର ନିର୍ଦ୍ଦେଶରେ ବଳକା କାମ ହେବ ବୋଲି ଏସଡିପିଓ କହିଛନ୍ତି । ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖ ରାତି ସ୍କୁଲର ୫ଜଣ ଅନ୍ତୋବସୀଙ୍କୁ ଓଆରଏସ ପିଇବା ପାଇଁ ଡାକିଥିଲେ ପ୍ରଧାନସେବକ ସୁକାନ୍ତ ଷଡଙ୍ଗୀ । ଅନ୍ୟ ଚାରି ଜଣଙ୍କୁ କିଛି କରି ନ ଥିବା ବେଳେ ପୀଡିତା ଛାତ୍ରୀଙ୍କୁ ହାତ ଧରି ଟାଣିଥିଲେ ଏବଂ ରୁମ ଭିତରକୁ ଡାକି ପୀଡିତା ଶରୀରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଛୁଇଁବା ସହିତ ଟଣା ଓଟରା କରିଥିଲେ । ଏ ନେଇ ପିଡ଼ିତା ଓ ତାଙ୍କ ପରିବାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ଡେପୁଟେସନ୍ କରାଯାଇଥିବା ଅଭିଯୋଗ କରିଛନ୍ତି । ଶେଷରେ ବାଧ୍ୟ ହୋଇ ନ୍ୟାୟ ପାଇଁ ନବରଙ୍ଗପୁର ଥାନାରେ ଏତଲା ଦାୟର କରିଥିବା ପ୍ରକାଶ କରିଛନ୍ତି । ପୂର୍ବତନ ସାଂସଦ ଶ୍ରୀ ମାଝୀ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ଏହି ସୂଚନା ଜିଲ୍ଲାମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ରଙ୍କ ନିକଟରୁ ପାଇବା ପରେ ସିଡବ୍ଲୁସିକୁ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ । ଏହା ସହ ଉକ୍ତ ହେଡସେବକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଉମରକୋଟ ବ୍ଲକର ସିଂସାରୀ ସେବାଶ୍ରମକୁ ଡେପୁଟେସନରେ ପଠାଯିବା ସହ ସେ ଉମରକୋଟ ବ୍ଲକ ମଙ୍ଗଳଅଧିକାରୀଙ୍କ ନିକଟରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତା ସହ ଉକ୍ତ ହେଡ ସେବକଙ୍କୁ ନିଲମ୍ବନ କରାଯାଇଛି ବୋଲି କହିଛନ୍ତି ଜିଲ୍ଲାପାଳ । ସିଡବ୍ଲୁସି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବା ପରେ ଘଟଣାର ସତ୍ୟତା ପ୍ରମାଣିତ ହେଲେ ଉକ୍ତ ହେଡସେବକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**AFFIDAVIT**

I, Sabanam khan w/o Nijajuddin Gafrulla Khan R/O QR NO MQ 214 Hill Top colony, Po. Rampur Coliary PS. Brajrajnagar Dist. Jharsuguda Odisha, Pin 768225 have Change my name Sabanam khan to Sabnam Niyaz as per adhar via affidavit No1422 deted. 24/04/2026 Sworn before Executive Magisrate Jharsuguda, Odisha. Both Sabanam khan and Sabnam Niyaz relates to one and the same Person.

**AFFIDAVIT**

By virtue of an affidavit sworn before the Executive Magistrate Nimapada on Dt. 30.03.2026. Sanghamitra Parida, W/o- Sarbeswar Parida resident of Vill-Chadheigaon, Po-Tampalo, PS-Charichhak, Dist.- Puri, Odisha, Pin-752110 declared that, I have changed my minor Son's name from SUVAMJOTY PARIDA to SUBHAMAJOTI PARIDA. Henceforth he shal be known as SUBHAMAJOTI PARIDA for all purposes.

Sd/- Sanghamitra Parida

**WORKS DEPARTMENT**
**OFFICE OF THE SUPERINTENDING ENGINEER.**
**BHADRAK (R&B) DIVISION**
34001/85/2627
e-mail : -bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 2 /2026-27
No. 3839 Dt. 17.4.2026

| | |
|---|---|
| Nature of work | : Civil Works |
| Number of works | : 3(Three) No's |
| Amount put to Tender | : Rs.6.55 to 13.76Lakhs |
| Class of Contractor | : C & D & Original Equipment Manufacturer/ Manufacturer Company. |
| Date & Time of availability of bid document in the portal | : 29.04.2026 at 11.00 AIM |
| Last Date / Time of receipt of bid in the portal | : 07.05.2026up to 05.00 PM |
| Date of opening of bid | : Dt. 08.05.2026. at 11.30 AM |
| Name & address of the Office inviting bid | : Superintending Engineer, Bhadrak (R&B) Division. |

The bidders have to participate in ONLINE bidding only.
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only.

OIPR : 34001/34079/1/26-27/0001
Sd/- Superintending Engineer
Bhadrak (R&B) Division

# ୭ ରାଇସ୍ ମିଲକୁ କାରଣ ଦର୍ଶାଅ ନୋଟିସ୍

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲାର ୭ଟି ରାଇସ୍ ମିଲ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ, ବର୍ଜ୍ୟବସ୍ତୁ ଦ୍ୱାରା ବାୟୁ ପ୍ରଦୂଷଣକୁ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ଏହି କାରଣ ଦର୍ଶାଅ ନୋଟିସ୍‌ରେ ସମ୍ବଲପୁର ସହରର ଧନୁପାଲି ଠାରୁ ୧୫ନମ୍ବର ରାଜ୍ୟ ରାଜପଥର ଧମା ପର୍ଯ୍ୟନ୍ତ ଏହି ୭ଟି ରାଇସ୍ ମିଲ ରହିଛି । ସେଥିମଧ୍ୟରୁ ୨ଟି ରାଇସ୍ ମିଲକୁ ସଟ୍‌ଡାଉନ୍ ପାଇଁ କୁହାଯାଇଥିବା ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ କହିଛନ୍ତି । ଏହି ରାଇସ୍ ମିଲରୁ ବାହାରୁ ଥିବା ରାଖଡ ବା ଖାରଗୁଣ୍ଡକୁ ରାସ୍ତାପାଶ୍ୱର୍ ଓ ଏଣେତେଣେ ପିଙ୍ଗା ଯାଉଥିବା ଜନସାଧାରଣ ଅଭିଯୋଗ କରିଥିଲେ । ୭ଟି ରାଇସ୍ ମିଲ୍ ମଧ୍ୟରୁ ମାଁ ସମଲାଇ ଆଗ୍ରୋ ପ୍ରଡକଫ ଓ ଶାନ୍ତି ରାଇସ୍ ମିଲ୍‌କୁ ଆବର୍ଜନା ବିଶୋଧନ ପ୍ଲାଣ୍ଟ ବ୍ୟବହାର ନକରି ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଥିବା ଅଭିଯୋଗ ଉପରେ ବୋର୍ଡ ପକ୍ଷରୁ ପୂର୍ବରୁ ସତର୍କ ନୋଟିସ୍ ଜାରି କରାଯାଇଥିଲା । ଏମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ବିଶୋଧନ କରିବାକୁ କୁହାଯାଇଥିଲା । ତେବେ ଏମାନେ ଅମାନ୍ୟ ହେବାରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରାସ୍ତା ପାଶ୍ୱର୍ରେ ଥିବା ଅନ୍ୟ ୫ଟି ରାଇସ୍ ମିଲ୍‌ର ଆବର୍ଜନା ପାଣି ବିଶୋଧନ ଛାଡିବା ପାଇଁ ୨୧ଦିନିଆ ନୋଟିସ୍ ଜାରି କରିଥିବା ଜଣାପଡିଛି । ଏଆର ଆଇନର ୨୫,୨୬ ଓ ୨୭ ଅନୁଯାୟୀ ଏହି ୫ଟି ରାଇସ୍ ମିଲ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏଥିରେ ହରିରାମ ରାଇସ୍ ମିଲ୍, କଳିଙ୍ଗ ଆଗ୍ରୋ ଫୁଡ୍ସ, ଶାରଦା ରାଇସ୍ ଇଣ୍ଡଷ୍ଟ୍ରିଜ୍, ଶିବଶକ୍ତି ରାଇସ୍ ମିଲ୍ ଓ ଶ୍ରୀରାମ ଆଗ୍ରୋ ଟେକ୍ ରାଇସ୍ ମିଲ୍ ରହିଛି । ରାଜ୍ୟ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁଯାୟୀ ପ୍ରଥମେ କାରଣ ଦର୍ଶାଅ ନୋଟିସ୍ ପରେ ନିର୍ଦ୍ଦେଶ ଓ ଏହାର ଉଲ୍ଲଂଘନ କ୍ଷେତ୍ରରେ ସଟ୍‌ଡାଉନ ବା ବନ୍ଦ ନୋଟିସ୍ ଜାରି କରାଯାଇଥାଏ ।

Tel.Ph.No: 06815-222542
E-mail I.D: eerbparala@yahoo.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**PARALAKHEMUNDI (R&B) DIVISION, PARALAKHEMUNDI.**
e-Procurement Notice
Bid Identification No. S.E., PKD. R&B DIVN.-01 /2026-27
No. 3125 Date. 21.04.2026
34001/107/2627
**INVITATION FOR BIDS**

| | | |
|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single Cover system to be received in on ONLINE MODE only for the construction of works as detailed in the table below: | |
| 2 | Nature of works | : Electrical Works |
| 3 | No. of works | : 04 [Four] nos. of works |
| 4 | Estimated cost (Approximately) | : Rs.28.99 Lakhs to Rs.15.50 Lakhs |
| 5 | Bid cost | : Rs.6,000/- |
| 6 | Class of contractor | Specialized agency having MoU with associate electrical contractor (MV/HT or Above) having valid license from ELBO. The Court Affidavit should have specific mention of name, address of the two parties, license number, date of validity and issuing authority, name of the work for which the agreement is signed for. (Schedule-H) |
| 7 | Availability of Bid Documents in the website | : 10.00 Hrs of Dt. 29.04.2026 To 17.00 Hrs. of Dt. 11.05.2026. |
| 8 | Date of opening of the Bid | : 12.00 Hrs. of Dt.12.05.2026. |
| 9 | The Bidders have to participate in ONLINE bidding only. Further details can be seen from the website http://tendersorissa.eov.in Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR : 34001/34181/1/26-27/0001
Sd/- Superintending Engineer
Paralakhemundi (R&B) Division

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇଙ୍ଗା ଦ୍ୱାରା କୋଚିଲାନୂଆଗାଁରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

କଟକ, (ସବ୍ୟୁ):ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଆନୁକୂଲ୍ୟରେ ଟାଙ୍ଗି ଚୌଦ୍ୱାର ଅଂଚଳର ମଙ୍ଗରାଜପୁର ଗ୍ରା.ପ




ସ୍ଥିତ କୋଚିଲାନୂଆଗାଁ ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ ସେବା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମଟିକୁ ଇଙ୍ଗାର ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ରନାଥ ପାଣ୍ଡବ ଉଦଘାଟନ କରିବା ସମୟରେ ସମିତି ସଭ୍ୟା ମମତା ସାମାଡ଼, ସମାଜସେବୀ ରବୀନ୍ଦ୍ର ରାଉତ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ପ୍ରଧାନ, ଇଙ୍ଗାର ଅଧିକାରୀ ମଧ୍ୟରେ ନିରଞ୍ଜନ ସାହୁ, ସଂଜୀବ ପୁରୋହିତ, ସୁଦୀପ୍ତ ମହାନ୍ତି, ଅଭିଷେକ ଘୋଷ ଆଦି ଉପସ୍ଥିତ ଥିଲେ। ଅଭିଜ୍ଞ ୬ ଜଣ ଡାକ୍ତର ଯଥା ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୂତୀ, ଦନ୍ତ ଓ ଶିଶୁ ବିଭାଗର ସାହାଯ୍ୟରେ ୨୦୦ରୁ ଉର୍ଦ୍ଧ ରୋଗୀଙ୍କୁ ମାଗଣା ସ୍ୱାସ୍ଥ ପରୀକ୍ଷା କରିବା ସହ ମାଗଣା ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଡାକ୍ତର ମାନଙ୍କ ମଧ୍ୟରେ ଡଃ ସବ୍ୟସାଚୀ ମହାପାତ୍ର, ଡଃ ବରୁଣ ଅଗ୍ରୱାଲା, ଡଃ ସୁବିମଲ ଦାସ, ଡଃ ହିମାଂଶୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଇଙ୍ଗାର ଏହିଭଳି କାର୍ଯ୍ୟକ୍ରମକୁ କୋଚିଲାନୂଆଗାଁ, ମଙ୍ଗରାଜପୁର, ବେରେଣା, ଆମ୍ବିଳିଝାରି ଓ ରାମଚନ୍ଦ୍ରପୁର ଅଂଚଳର ସ୍ଥାନୀୟ ବାସିନ୍ଦା ମାନେ ଖୁବ ପ୍ରଶଂସା କରିଥିଲେ ଓ କାର୍ଯ୍ୟକ୍ରମକୁ ବଜାୟ ରଖିବା ପାଇଁ ମଧ୍ୟ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଙ୍ଗାର ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସହ ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନରୁ ସ୍ଥିତପ୍ରଜ୍ଞ ଦାସ ଓ ବିଶ୍ୱଜିତ ମିଶ୍ର ଏବଂ ଇଙ୍ଗାରୁ ସ୍ୱେଚ୍ଛାକୃତ ଭାବେ ୧୦ ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିବା ବେଳେ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ୩୦-୪୦ ବର୍ଷ ବୟସ୍କ ଗ୍ରାହକମାନେ

## ବର୍ଦ୍ଧିତ କଭର ଥିବା ଟର୍ମ ପ୍ଲାନ ଚୟନ କରିବା ଉଚିତ: ବନ୍ଧନ ଲାଇଫ

ଭୁବନେଶ୍ୱର (ସବ୍ୟୁ): ବନ୍ଧନ ଗ୍ରୁପର ଜୀବନବୀମା ଶାଖା ବନ୍ଧନ ଲାଇଫ ୩୦-୪୦ ବର୍ଷ ବୟସ୍କ ବ୍ୟକ୍ତି ମାନଙ୍କୁ ସେମାନଙ୍କ ପରିବାରର ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ପାଇଁ ଜୀବନ ବୀମା କଭରର ପୁନଃସମୀକ୍ଷା ଏବଂ ଏହା କୁସୁଦୃଢ଼ କରିବାକୁ ପରାମର୍ଶ ଦେଇଛି। ସମୟ ସହିତ ମୁଦ୍ରାସ୍ଫୀତି କିପରି ଆର୍ଥିକ ସୁରକ୍ଷାର ପ୍ରକୃତ ମୂଲ୍ୟକୁ ହ୍ରାସ କରିଥାଏ, ସେବି ଷୟରେ କମ୍ପାନୀ ଆଲୋକପାତ କରିବା ସହ ନିୟମିତ ଭାବେ ବୀମାକ ଭରର ଯାଂଚ କରିବା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଦର୍ଶାଇଛି। ୩୦-୪୦ ବର୍ଷ ବୟସ୍କ ବ୍ୟକ୍ତିମାନେ ସାଧାରଣତଃ ସେମାନଙ୍କର ସର୍ବାଧିକ ରୋଜଗାର ସମୟରେ ଥାଆନ୍ତି, ଯେଉଁଥିରେ ପିଲାମାନଙ୍କର ଶିକ୍ଷା ଏବଂ ଋଣ ପରିଶୋଧ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ରହିଥାଏ।ଏହି ସମୟରେ ଜୀବନ ବୀମା କଭର ବୃଦ୍ଧିକଲେ ବଢୁଥିବା ଖର୍ଚ୍ଚ ଏବଂ ଅନିଶ୍ଚିତତା ବିରୋଧରେ ପରିବାରର ଭବିଷ୍ୟତ ସୁରକ୍ଷିତ ରହିଥାଏ ବୋଲି ଏଭଳି ମତବ୍ୟକ୍ତକରି କହିଛନ୍ତି ସତୀଶ୍ୱର ବି., ଏମଡ଼ି ଏବଂ ସିଇଓ, ବନ୍ଧନ ଲାଇଫ। ବିନିଯୋଗ ଏବଂ ସୁରକ୍ଷାର ସମନ୍ୱୟ ପାଇଁ କମ୍ପାନୀ ବ୍ୟକ୍ତିଗତ ଭାବରେ ୟୁଲିପର ଗ୍ରହଣକାରୀତା ସହିତ ମିଳିତ ଭାବରେ ସୁରକ୍ଷା ଏବଂ ଦୀର୍ଘ-ଅବଧିର ସମ୍ପତ୍ତି ସୃଷ୍ଟିକାରୀତା ପାଇଁଏହାକୁ ଆଗ୍ରହ କରିଥାଏ। ଏଥିପାଇଁ ବନ୍ଧନ ଲାଇଫ ଆଇଇନଭେଷ୍ଟ ଅଲଟିମା ଯାହାଏକ ଉତମ ବିକଳ୍ପ ଅଟେ।

# ବଢୁଛନ୍ତି ରୋଗୀ, ଖାଲି ପଡିଛି ପଦବୀ

ଭୁବନେଶ୍ୱର,(ତଥ୍ୟ) ରାଜ୍ୟର ସରକାରୀ ଡାକ୍ତରଖାନାଗୁଡିକରେ ବର୍ଷକୁ ବର୍ଷ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଡାକ୍ତରଙ୍କ ଠାରୁ ଫର୍ମାସିଷ୍ଟ ଓ ନର୍ସଙ୍କ ପର୍ଯ୍ୟନ୍ତ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ୨୦୨୦-୨୧ ମସିହାରେ ରାଜ୍ୟରେ ସରକାରୀ ଡାକ୍ତରଖାନାର ବର୍ହିଃବିଭାଗରେ ୫କୋଟି ୬୯ଲକ୍ଷ ରୋଗୀ ଚିକିତ୍ସିତ ହୋଇଥିବାବେଳେ ୨୦୨୧-୨୨ବର୍ଷରେ ଏହା ସାଢେ ୬ କୋଟିକୁ ଅତିକ୍ରମ କରିଥିଲା। ୨୦୨୨-୨୩ ବର୍ଷରେ ଏହା ୮କୋଟି ୪୦ଲକ୍ଷକୁ ଟପିଥିବାବେଳେ ୨୦୨୩-୨୪ ରେ ସାଢେ ୯ କୋଟିରେ ପହଞ୍ଚିଥିଲା। ତେବେ ୨୦୨୪-୨୫ ବର୍ଷରେ ଏହା ୧୦କୋଟି ୫୬ଲକ୍ଷ କୁ ଅତିକ୍ରମ କରିଯାଇଛି। କେବଳ ବର୍ହିଃବିଭାଗ ନୁହେଁ, ଏହି ବର୍ଷଗୁଡିକରେ ଡାକ୍ତରଖାନରେ ଭର୍ତ୍ତିହୋଇ ଚିକିତ୍ସିତ ହୋଇଥିବା ଇନ୍‌ଡୋର୍ ରୋଗୀମାନଙ୍କର ସଂଖ୍ୟା ବି ବଢିଛି। ୨୦୨୪-୨୫ ବର୍ଷରେ ଏଭଳି ରୋଗୀଙ୍କ ସଂଖ୍ୟା ୫ କୋଟିକୁ ଟପିଯାଇଛି।

ରୋଗୀମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ଚିକିତ୍ସକ ନାହାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ଅନୁଯାୟୀ ପ୍ରତି ୧୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ନିଯୁକ୍ତି ହେବାକୁ ଥିବାବେଳେ ଓଡିଶାରେ ୧୨୭୫ ଲୋକଙ୍କ ପାଇଁ ରାଜ୍ୟରେ ଜଣେ ଡାକ୍ତର ରହିଛନ୍ତି। ତେବେ ରାଜ୍ୟରେ ପାଖପାଖି ୪ହଜାର ଡାକ୍ତର ପଦବୀ ଖାଲି ପଡିଥିବାରୁ ସ୍ଥିତି କେତେକ ସ୍ଥାନରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବିଶେଷକରି ଜିଲ୍ଲା ସ୍ତରୀୟ ଡାକ୍ତରଖାନାଗୁଡିକରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡୁଥିବାରୁ ରୋଗୀମାନେ ବାଧ୍ୟହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ସାଜ ସରଞ୍ଜାମ ଓ ଶଲ୍ୟ ଚିକିତ୍ସକ ରହୁଥିଲେ ମଧ୍ୟ ଅନେକ ସ୍ଥାନରେ ନିଶ୍ଚେତକ ଡାକ୍ତରଙ୍କ ଅନୁପସ୍ଥିତ ପାଇଁ ଛୋଟକାଟର ଅପରେସନ ବି ହୋଇପାରୁ ନାହିଁ। କେବଳ ଡାକ୍ତର ନୁହନ୍ତି ସରକାରୀ ଡାକ୍ତରଖାନାଗୁଡିକରେ ନର୍ସଙ୍କ ଠାରୁ ଆରମ୍ଭ କରି ଫର୍ମାସିଷ୍ଟଙ୍କ ପର୍ଯ୍ୟନ୍ତ ବହୁ ମଞ୍ଜୁରୀପ୍ରାପ୍ତ ପଦ ପଦବୀ ଖାଲି ପଡିଛି। ରାଜ୍ୟରେ ୨୧,୩୯୪ ମଞ୍ଜୁରୀପ୍ରାପ୍ତ ନର୍ସ ଅଫିସର ପଦବୀ ମଧ୍ୟରୁ ୬୨୩୧ ପଦବୀ ଖାଲି ପଡିଥିବାବେଳେ ୨୭୨୨ଫର୍ମାସିଷ୍ଟ ପଦବୀ ମଧ୍ୟରୁ ୧୩୭୬ ଖାଲି ପଡିଛି। ୧୫୧୧ ଲାବରୋଟାରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ୫୦୫ଟି ଖାଲି ଥିବାବେଳେ ୬୬୩ ରେଡିଓଗ୍ରାଫର ପଦବୀ ମଧ୍ୟରୁ ୨୪୦ଟ ଖାଲି ପଡିଛି।

# ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱପ୍ର) : କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଶନିବାର ଖପୁରିଆସ୍ଥିତ ଓଇଆ ମଣ୍ଡପ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବରିଷ୍ଠ ସର୍ଜରୀ (ଶଲ୍ୟ) ଡାକ୍ତର ଶକ୍ତି ପ୍ରସାଦ ସାହୁ ଉଦ୍‌ଘାଟନ କରି ଆଶୀର୍ବାଦ ଫାଉଣ୍ଡେସନର ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ଭବିଷ୍ୟତରେ ସମସ୍ତ ପ୍ରକାର ସହାୟତା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ବିଶିଷ୍ଟ ସମାଜସେବୀ ଅଭିମନ୍ୟୁ ଦାସ ଯୋଗଦେଇ ଫାଉଣ୍ଡେସନର ଏପରି ମହତ ସ୍ୱାସ୍ଥ୍ୟ ସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିଥିଲେ । ଏହି ସ୍ୱାସ୍ଥ୍ୟ ଶିବରରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତର, ଟେକ୍ନିସିଆନ ମାନଙ୍କ



ଦ୍ୱାରା ଡାଏବେଟିସ, ଥାଇରଏଡ, ଚକ୍ଷୁ, ଫୁସଫୁସ, ବିପି, ଅର୍ଥପେଡ଼ିକ୍, ମେଡ଼ିସିନ, ଆସ୍ଥମା ଆଦି ରୋଗ ସମ୍ବନ୍ଧୀୟ ପରୀକ୍ଷଣ ଓ ପରାମର୍ଶ ଦିଆଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ଦେବଦତ୍ତ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୧୫ ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଦିଆଯାଇଥିଲା । ଏଥିରେ ସଭାପତି ମାଗୁଣୀ ଚରଣ ଦାସ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ବରିଷ୍ଠ ସଭ୍ୟ ବୀରକିଶୋର ସାହୁ, ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ବିନୋଦ ଦାସ, ସଂଯୋଜକ ସମୀର କର, ସରୋଜ କୁମାର ରାଉତ, ପ୍ରଭାକର ମଲ୍ଲିକ, ସୌରଭ ଅଗ୍ରୱାଲ, କେଶଭ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଉକ୍ତ ଶିବିରଟିକୁ ପରିଚାଳନାରେ ସହାୟତା କରିଥିଲେ । ଏହି ଶିବିରରେ କର୍ପୋରେଟର ସୌଭାଗିନୀ ଜେନା, ଅରବିନ୍ଦ ଜେନା, ସୁଭାଶିଷ ପଟ୍ଟନାୟକ, ଇଂ ନଗେନ ମହାନ୍ତି, ନଗେନ ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ଖୁବଶୀଘ୍ର ଅନୁଷ୍ଠାନର ଏକ ଓ୍ୱେବ୍‌ସାଇଟ ଉନ୍ମୋଚନ ହେବା ସହିତ ଏକ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରତିଷ୍ଠାତା ଦେବଦତ୍ତ ଧଳ ସୂଚନା ଦେଇଛନ୍ତି ।

## ଗଡ଼ିଆ ପାଣିରେ ବୁଡି ମୃତ

ଡେଲାଙ୍ଗ,(ସବ୍ୟୁ) ଡେଲାଙ୍ଗ ଥାନା ଅନ୍ତର୍ଗତ ବେରବୋଇ ଗ୍ରାମ ର ଜଣେ ଗଡିଆ ପାଣିରେ ବୁଡିଯାଇ ମୃତ୍ୟୁ ହୋଇଥିବା ଜଣାପଡିଛି ।ବେରବୋଇ ଗ୍ରାମର କେଲୁଚରଣ ବେହେରା ତାଙ୍କର ନାତୁଣୀ ସହ ନିକଟରେ ଥିବା ଏକ ଗଡିଆକୁ ଗାଧୋଇବାକୁ ଯାଇଥିଲେ । ସେ ଗାଧୋଇବା ସମୟରେ ଅସାବଧାନତାବଶତଃ ଗଡିଆରେ ପଡିଯାଇ ପାଣିରେ ବୁଡି ଯାଇଥିଲେ । କୁନି ନାତୁଣୀ ଏହା ଦେଖି ଦୌଡ଼ି ଯାଇ ପରିବାର ଲୋକଙ୍କୁ ଏସମ୍ପର୍କରେ କହିଥିଲା । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗଡିଆ ପାଣିରୁ କେଲୁ ଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ଡେଲାଙ୍ଗ ଗୋଷ୍ଠୀ ସଓ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ନାରୀ ଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରିତାରେ ବିଳମ୍ବକୁ ନେଇ ହତାଶାଭାବ ବ୍ୟକ୍ତ କଲା ଡବ୍ଲ୍ୟୁ୨୦ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ଓମେନ୍ ୨୦ (ଡବ୍ଲ୍ୟୁ୨୦) ଇଣ୍ଡିଆ ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାବରେ ଅଣାଯାଇଥିବା ମହିଳା ସଂରକ୍ଷଣ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଧିବ୍ୟବସ୍ଥାର କାର୍ଯ୍ୟକାରିତାରେ ବିଳମ୍ବକୁ ନେଇ ଗଭୀର ହତାଶାଭାବ ବ୍ୟକ୍ତ କରିଛି। ଏହି ଯୁଗାନ୍ତକାରୀ ଆଇନ ଭାରତୀୟ ସଂସଦରେ ୨୦୨୩ରେ ଗୃହୀତ ହୋଇଥିବାବେଳେ ଏହାର କାର୍ଯ୍ୟକାରିତା ବାକି ରହିଛି, ଏବଂ ଏହାଦ୍ୱାରା ମହିଳାଙ୍କର ରାଜନୀତି କ୍ଷେତ୍ରରେ ପ୍ରତିନିଧିତ୍ୱ ଏବଂ ମଜଭୁତ ଫଳାଫଳ ଦିଗରେ ଦୀର୍ଘକାଳର ପ୍ରତିବଦ୍ଧତାକୁ ସାକାର କରିବାରେ ଏକ ସୁଯୋଗ ହାତଛଡା ହୋଇଛି। ଜି୨୦ର ଏକ ଆନୁଷ୍ଠାନିକ ନିୟୋଜନକାରୀ ଗୋଷ୍ଠ 1 ଭାବରେ ଡବ୍ଲ୍ୟୁ୨୦ ଇଣ୍ଡିଆ ନିରନ୍ତର ଭାବରେ ମହିଳାଙ୍କ ନେତୃତ୍ୱରେ ବିକାଶ ଏବଂ ସମାବେଶୀ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସିଛି। ୨୦୨୩ରେ ଭାରତର ଜି୨୦ ଅଧକ୍ଷତା କାଳରେ ଜି୨୦ ନୂଆଦିଲ୍ଲୀ ନେତୃବୃନ୍ଦଙ୍କ ଘୋଷଣାନାମା ଲିଙ୍ଗଗତ ସମାନତା ଏବଂ ନେତୃତ୍ୱର ସମସ୍ତ ସ୍ତରରେ ମହିଳାମାନଙ୍କର ପୂର୍ଣ୍ଣାଙ୍ଗ, ସମାନ ଓ ଅର୍ଥପୂର୍ଣ୍ଣ ଅଂଶଗ୍ରହଣର ଗୁରୁତ୍ୱକୁ ପୁନଃସୁଦୃଢ଼ୀକରଣ କରିଥିଲା। ଏହି ଯୁଗାନ୍ତକାରୀ ଆଇନର କାର୍ଯ୍ୟକାରିତାରେ ବିଳମ୍ବ ସେହି ସମସ୍ତ ପ୍ରତିବଦ୍ଧତାର ପରିପନ୍ଥୀ ହୋଇଛି। ଡବ୍ଲ୍ୟୁ୨୦ ମଞ୍ଚ ସମେତ ବିଶ୍ୱସ୍ତରରେ ମହିଳାଙ୍କର ନେତୃତ୍ୱ ସପକ୍ଷରେ ଭାରତ ସର୍ବଦା ଏକ ଅଗ୍ରଣୀ ସ୍ୱର ହୋଇ ରହିଆସିଛି। ତେବେ ନାରୀ ଶକ୍ତି ବନ୍ଦନ ଅଧିନିୟମର କାର୍ଯ୍ୟକାରିତାରେ ବିଳମ୍ବ ଆନ୍ତର୍ଜାତିକ ସପକ୍ଷବାଦୀ ଏବଂ ଘରୋଇ ଅଗ୍ରଗତି ମଧ୍ୟରେ ଏକ ଖାଲି ସ୍ଥାନ ସମ୍ପର୍କରେ ଆଲୋକପାତ କରୁଛି। ଡବ୍ଲ୍ୟୁ୨୦ ଇଣ୍ଡିଆ ଏହି ବିଷୟକୁ ଗୁରୁତ୍ୱ ଦେଇ କହୁଛି ଯେ, ଜାତୀୟ ପଦକ୍ଷେପଗୁଡିକରେ ଯେତେବେଳେ ଉଲ୍ଲେଖ କରାଯାଉଥିବା ଅଗ୍ରାଧିକାରତାଗୁଡିକ ପ୍ରତିଫଳିତ ହେବ ସେତେବେଳେ ବୈଶ୍ୱିକ ନେତୃତ୍ୱ ଉପରେ ଭରସା ସୁଦୃଢ଼ ହୋଇପାରିବ।

# ଘରୋଇ ଆଇଟିଆଇ ସଂଘର ସାଧାରଣ ପରିଷଦ ବୈଠକ

କଟକ, (ସବ୍ୟୁ): କଟକ ସହର ସ୍ଥିତ ଏକ ଘରୋଇ ହୋଟେଲ ଠାରେ ଷ୍ଟେଟ ପ୍ରାଇଭେଟ ଆଇ.ଟି.ଆଇ ଆସୋସିଏସନ




(ସ୍ପିଟିଆ) ଓଡିଶା, ର ଏକ ଜରୁରୀ କାଳିନ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ଼. ଅରୁଣ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଥଲା।ସାଧାରଣ ସମ୍ପାଦକ ମିଳନ ମହାପାତ୍ର, ଉପ- ସଭାପତି ତ୍ରିଲୋଚନ ରାୟ, ଦିଲୀପ ମହାଭୋଇ,କୋଷାଧକ୍ଷ ଆତିଶ କୁମାର ରାଉତ ମଞ୍ଚାସିନ ଥିଲେ । ମୁଖ୍ୟତଃ ଏହି ବୈଠକରେ ନିମ୍ସ ଓ ଏସଆଇଡିଏଚ ପୋର୍ଟାଲକୁ ସମ୍ପୂର୍ଣ୍ଣ ଭାବରେ ବିରୋଧ କରାଯାଇ ତୃତୀୟ ସିଫ୍ଟକୁ ଅନୁମୋଦନ କରିବା ପାଇଁ ଦାବି କରାଯାଇଥିଲା । ସଭା ପରେ ସଭାପତିଙ୍କ ନେତୃତ୍ୱରେ ସଂଖ୍ୟାଧିକ ଆଇ. ଟି.ଆଇ. ସଙ୍ଘର ସଦସ୍ୟ ସଦସ୍ୟା କଟକ ସ୍ଥିତ ଡାଇରେକ୍ଟରଙ୍କ କାର୍ଯ୍ୟାଳୟ ଯାଇ ଦାବି ପତ୍ର ପ୍ରଦାନ କରିଥିଲେ । ଆଗାମୀ ଦିନରେ ଦାବି କାର୍ଯ୍ୟକାରୀ ନ ହେଲେ ହାଇକୋର୍ଟଙ୍କର ଦ୍ୱାରସ୍ତ ହେବା ପାଇଁ ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବୈଠକରେ ନିର୍ବାଚନ ଅଧିକାରୀ ଜୟନ୍ତ ବିଶ୍ୱାଳ, ପୂର୍ବତନ ସଭାପତି ତାରା ପ୍ରସନ୍ନ ଶତପଥୀ, ଶ୍ରୀନିବାସ ସୁବୁଦ୍ଧି, ଆଇନ ପରାମର୍ଶ ଦାତା ସଞ୍ଜୟ କୁମାର ଦାଶ, ବଲାଙ୍ଗିର ଜୋନରେ ଜୋନାଲ ସେକ୍ରେଟାରୀ ପ୍ରଦୀପ୍ତ କୁମାର ମିଶ୍ର, ସମ୍ବଲପୁର ଜୋନର ଡ଼. ବିରେନ ପାଢ଼ୀ, ସ୍ୱାଧୀନ ନାୟକ, ବିଶ୍ୱଜିତ ପଣ୍ଡା, ନିଶିକାନ୍ତ ସେଠି, ଆଲୋକ ପତି, ଗଣେଶ ବିଶ୍ୱାଳ, ବିଶ୍ୱନାଥ ଦାଶ, ବିଶ୍ୱଜିତ ବାରିକ ସମସ୍ତ ଜୋନର ଜୋନାଲ ସେକ୍ରେଟାରୀଙ୍କ ସମେତ ଅନେକ ଶତାଧିକ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଆଚାର୍ଯ୍ୟ ଭାବାନନ୍ଦଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର ଶୋକ

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ସମ୍ମିଳନୀର ପୂର୍ବତନ କୋଷାଧକ୍ଷ ଡଃ ଭାବଗ୍ରାହୀ ମିଶ୍ର ଓରଫ୍ ଆଚାର୍ଯ୍ୟ ଭାବାନନ୍ଦଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ଆଚାର୍ଯ୍ୟ ଭାବାନନ୍ଦ ଉତ୍କଳ ସମ୍ମିଳନୀର କୋଷାଧକ୍ଷ ଥିବା ସମୟରେ ଉତ୍କଳ ସମ୍ମିଳନୀର ଗୌରବ ଅକ୍ଷୁର୍ଣ୍ଣ ରଖିବା ପାଇଁ ବହୁ ଚେଷ୍ଟା କରିଥିଲେ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମଚରଣ ନାୟକ, ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ଓ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ପ୍ରମୁଖ ଶୋକ ବ୍ୟକ୍ତ କରି କହିଛନ୍ତି। ଡଃ ଭାବଗ୍ରାହୀ ମିଶ୍ର ୧୯୯୫ ମସିହା ଜାନୁୟାରୀ ମାସରେ ଉତ୍କଳ ସମ୍ମିଳନୀର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇ ୧୯୯୯ ମସିହା ପର୍ଯ୍ୟନ୍ତ ଅନୁଷ୍ଠାନକୁ ସ୍ୱଚ୍ଛ ଓ ନିର୍ମଳ ଭାବରେ ଚଳାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ।

# ଶିଶୁ ସାହିତ୍ୟ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର, (ସବ୍ୟୁ): ୫ ନୀଳଚକ୍ର ପଶ୍ଚିମବଙ୍ଗ ପକ୍ଷରୁ କୋଲକତାସ୍ଥିତ ଇଣ୍ଡିଆନ୍ ଏସୋସିଏଟ୍ ଠାରେ ଓଡ଼ିଆ ଏବଂ ବଙ୍ଗଳା ଶିଶୁ ସାହିତ୍ୟ ଆଲୋଚନାଚକ୍ରରେ କବି ତଥା ଶିଶୁ ସାହିତ୍ୟିକ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ ଏବଂ ଭାରତୀ ନନ୍ଦୀଙ୍କ ଦ୍ୱାରା ଅନୁଦିତ 'ଧଉଳି ପାହାଡ଼େ ଦୀକ୍ଷା' ଓ 'ଠାକୁମା ଓ ଚାନ୍ଦିପୁର ଭ୍ରମଣ' ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ 'ନୀଳଚକ୍ର' ପଶ୍ଚିମବଙ୍ଗର ସଭାପତି ଲକ୍ଷ୍ମୀନାରାୟଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ କବି ଡ. ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି, 'ସନ୍ଦେଶ'ର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ରୂପକ ଚାଟାର୍ଜୀ ଓ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତାର ସହଯୋଗୀ ସଂପାଦକ କ୍ଷେତ୍ରବାସୀ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବଙ୍ଗଳା ଓ ଓଡ଼ିଆ ଶିଶୁ ସାହିତ୍ୟର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ନୀଳଚକ୍ରର ଉପଦେଷ୍ଟା ସାଫଲ୍ୟ କୁମାର ନନ୍ଦୀ ପ୍ରାରମ୍ଭିକ ସୂଚନା ଓ ଅନୁବାଦିକା ଭାରତୀ ନନ୍ଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳଚକ୍ରର ସଂପାଦକ ଶେଷଦେବ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍‌କୋ- ସିମ୍‌କୋ ସ୍ମାରକୀ ରାଜଧାନୀରେ ହେଉ

ଭୁବନେଶ୍ୱର, (ତଥ୍ୟ) ଇଂରେଜଙ୍କ ପୃଷ୍ଠପୋଷକତାରେ ଚାଲୁଥିବା ରାଜା ରାଜୁଡା ଶାସନ ସମୟରେ ପ୍ରଶାସନର ନରସଂହାରରେ ସର୍ବାଧିକ ଲୋକ ଆମ୍‌କୋ-ସିମ୍‌କୋ ରେ ନିହତ ହୋଇଥିବାବେଳେ ଇତିହାସର ଏହି ସ୍ମୃତିକୁ ଉଜ୍ଜିବୀତ ରଖିବାଲାଗି ରାଜଧାନୀ ଦିଲ୍ଲୀ ଓ ଭୁବନେଶ୍ୱରରେ ଦୁଇଟି ଭବ୍ୟ ସ୍ମାରକୀ ନିର୍ମାଣ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏଥି ସହିତ ଆମ୍‌କୋ-ସିମ୍‌କୋ ନରସିଂହାର ଦିବସକୁ ଜାତୀୟ ଓ ରାଜ୍ୟ ସ୍ତରରେ ପୂର୍ଣ୍ଣ ମର୍ଯ୍ୟାଦାର ସହ ପାଳନ କରିବାଲାଗି ମଧ୍ୟ ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି।

୧୯୩୯ ମସିହା ଏପ୍ରିଲ ୨୫ ଅପରାହ୍ନରେ ରାଜଶକ୍ତି ଚରମ ବିଶ୍ୱାସ ଘାତକତା କରି ବର୍ତ୍ତମାନର ସୁନ୍ଦରଗଡ ଜିଲ୍ଲା ଅର୍ନ୍ତଭୁକ୍ତ ଆମ୍‌କୋ-ସିମ୍‌କୋ ପଡିଆରେ ଆଖିବୁଜା ଗୁଳିଚାଳନା କରିବା ଫଳରେ ଘଟଣା ସ୍ଥଳରେ ଅନ୍ୟୁନ ୪୦ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। ଏହି ନରସଂହାରରେ ୮୦ରୁ ଅଧିକ ଆହତ ହୋଇଥିଲେ ଏବଂ ଆହତ ବ୍ୟକ୍ତିମାନଙ୍କ ଭିତରୁ ଅନ୍ୟୁନ ୩୦ଜଣଙ୍କର କିଛିଦିନ ମଧ୍ୟରେ ମୃତ୍ୟୁ ହୋଇଥିବାବେଳେ ଆଉ ପ୍ରାୟ ୫୦ଜଣ ଅର୍କମଣ୍ୟ ହୋଇ ଅବଶିଷ୍ଟ ଜୀବନ ବହୁ କଷ୍ଟରେ କାଟିଥିଲେ। ସେ ସମୟର ପ୍ରତ୍ୟକ୍ଷଦର୍ଶୀମାନେ କୁହନ୍ତି ଯେ ଶତାଧିକ ଲୋକ ସେଦିନ ନିଖୋଜ ହୋଇଯାଇଥିଲେ ମଧ୍ୟ ସେମାନଙ୍କ ଭିତରୁ କେତେକଙ୍କୁ ମାରି ସେମାନଙ୍କ ମୃତ ଶରୀରକୁ ଇଂରେଜ ଅନୁଗତ ରାଜାଙ୍କ ବାହିନୀ ଘଟିରେ ଜାଳି ଦେଇଥିଲେ।

ଆମକୋ-ସିମକୋ ଠାରେ ଏକ ଶହୀଦ ସ୍ମାରକୀ ରହିଛି ଏବଂ ପ୍ରତିବର୍ଷ ସ୍ଥାନୀୟ ପ୍ରଶାସନ ଏବଂ ସାଧାରଣ ଲୋକେ ବଳିଦାନ ଦିବସରେ ଶହୀଦମାନଙ୍କୁ କୃତଜ୍ଞତା ସହ ଶ୍ରଦ୍ଧାଞ୍ଜଳି ଜଣାଇଥାନ୍ତି। ଓଡିଶାର ଅନ୍ୟ କୌଣସି ସ୍ଥାନରେ ସେ ସମୟରେ ଏତେ ସଂଖ୍ୟକ ଲୋକ ଶହୀଦ ହେଇନାହାନ୍ତି। ଇରମ୍, ଡୁଡିଗଡିଆ, ଖଇରାଡିହି, ଲୁଚିଆ, ପକାଇପଡା, କଳାମାଟିଆ, ନିମାପଡା, ମାଥିଲି, ପାପଡାହାଣ୍ଡି, ନୀଳକଣ୍ଠପୁର, ଭୁବନ, ନୟାଗଡ, ତାଳଚେର, ନିଳଗିରି, ସୁବର୍ଣ୍ଣପୁର ଆଦି ସ୍ୱାଧୀନା ସଂଗ୍ରାମ ସମୟର ରକ୍ତତୀର୍ଥଗୁଡିକୁ ଯେଭଳି ଗୁରୁତ୍ୱ ଦିଆଯାଉଛି ସେହି ତୁଳନାରେ ସର୍ବାଧିକ ବଳିଦାନ ଦେଇଥିବା ଆମ୍‌କୋ-ସିମ୍‌କୋକୁ କିନ୍ତୁ ସେହିଭଳି ଗୁରୁତ୍ୱ ଦିଆଯାଉନଥିବା କୁହାଯାଉଛି। ରାଜଧାନୀରେ ଥିବା ଜନଜାତି ସଂଗ୍ରାହଳରେ ଆମ୍‌କୋ-ସିମ୍‌କୋର କିଛି ଝଲକ ରହିଛି। କିନ୍ତୁ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଆମ୍‌କୋ-ସିମ୍‌କୋ ବଳିଦାନ ସେଭଳି ଗୁରୁତ୍ୱର ସହ ଏଯାବତ୍ ଉପସ୍ଥାପନ କରାଯାଇ ନାହିଁ। ଏଠାରେ ଉଲ୍ଲେଖନୀୟ ଯେ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ରାଉରକେଲା ଗସ୍ତ ଅବସରରେ ଦେଇଥିବା ଭାଷଣରେ ଆମ୍‌କୋ-ସିମ୍‌କୋର ଶହୀଦମାନଙ୍କ ପ୍ରତି କୃତଜ୍ଞତା ଅର୍ପଣ କରିଥିଲେ।

ଏଠାରେ ଉଲ୍ଲେଖନୀୟ ଯେ ବେଠି, ଗୋତି, ବର୍ଦ୍ଧିତ କଜଣା ଆଦିର ପ୍ରତିବାଦରେ ସେତେବେଳର ଗାଙ୍ଗପୁର ଗଡଜାତ ଅଞ୍ଚଳରେ ବିପ୍ଳବୀ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଆଦିବାସୀ ମେଳି ଜୋର ଧରିଥିଲା।

### ରଣନୈତିକ ସହରୀ ରୂପାନ୍ତରଣ ପ୍ରକ୍ରିୟା ଗତିଶୀଳ

# ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଉପରେ ଜାତୀୟ ପରାମର୍ଶ ବୈଠକ

ଭୁବନେଶ୍ୱର (ସବ୍ୟୁ): ଭାରତର ସହରୀ ବିକାଶର ରୂପରେଖ ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଉପରେ ଏକ ଉଚ୍ଚସ୍ତରୀୟ ରଣନୈତିକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଏପ୍ରିଲ ୧୫, ୨୦୨୬ରେ ଏହି ପାଣ୍ଠିର ପରିଚାଳନା ନିର୍ଦ୍ଦେଶାବଳୀ ପ୍ରକାଶ ପାଇବା ପରେ ଏହି ବୈଠକ ଆୟୋଜିତ ହୋଇଥିଲା। କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଏହି ଯୁଗାନ୍ତକାରୀ ପଦକ୍ଷେପର କାର୍ଯ୍ୟକାରିତା ରଣନୀତି ଉପରେ ଆଲୋଚନା କରିଥିଲେ।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ୟୁସିଏଫ୍ କୁ



ଭାରତର ସହରୀ ରୂପାନ୍ତରଣ କ୍ଷେତ୍ରରେ ଏକ 'ନୂତନ ପ୍ରାରମ୍ଭ' ଭାବେ ବର୍ଣ୍ଣନା କରିଛନ୍ତି, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ଅ ୨୦୪୭' ଦୂରଦୃଷ୍ଟି ସହିତ ସମାନ୍ତରାଳ। ସେ କହିଛନ୍ତି ଯେ, ଏହି ପାଣ୍ଠି ବଜାର-ଭିତ୍ତିକ ବ୍ୟବସ୍ଥା ଏବଂ ଘରୋଇ ପୁଞ୍ଜି ବିନିଯୋଗକୁ ବିନିଯୋଗ କରି ଆତ୍ମନିର୍ଭରଶୀଳ ତଥା ଅଭିବୃଦ୍ଧି-ମୁଖୀ ସହର ଗଠନରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ମହାପାତ୍ର ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଅର୍ଥନୈତିକ କରିଡରକୁ ବିକାଶର ପ୍ରମୁଖ ଇଞ୍ଜିନ ଭାବେ ଚିହ୍ନିତ କରିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇବା, ଜଳବାୟୁ ସହନଶୀଳତା ବୃଦ୍ଧି କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟରେ ଏକାଧିକ "ପୁଞ୍ଜିନିବେଶ-ଉପଯୋଗୀ" ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଏକ ରଣନୈତିକ ଦୃଷ୍ଟିକୋଣ ଉପସ୍ଥାପନ କରି 'ବିକଶିତ ଓଡ଼ିଶା ଅ ୨୦୩୬' ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ବାବଦରେ ସୂଚନା ଦେଇଥିଲେ। ସହରୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ସହିତ ଏହି ବୈଠକରେ ପ୍ରକଳ୍ପର ପ୍ରାଥମିକତା, ତ୍ୱରିତ ଅନୁମୋଦନ ଏବଂ ପାଣ୍ଠିର ଦକ୍ଷ ବିନିଯୋଗ ଉପରେ ଧ୍ୟାନ ଦିଆଯାଇଥିଲା। ଏଥିରେ ମୁଖ୍ୟତଃ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର, ପୌର ପରିଚାଳନାର ଡିଜିଟାଇଜେସନ୍, ଡ୍ରୋନ୍-ଭିତ୍ତିକ ଜମି ପରିଚାଳନା, ଟ୍ରାଞ୍ଜିଟ୍-ଓରିଏଣ୍ଟେଡ୍ ଡେଭଲପମେଣ୍ଟ , ଡମ୍ପସାଇଟ୍ ସଂସ୍କାର ଏବଂ ମୌଳିକ ସହରୀ ଭିତ୍ତିଭୂମିର ସୁଦୃଢ଼ିକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର , ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶ୍ରୀମତୀ ଶିଖା ବିଶ୍ୱାଳ ,ବି ଏମ୍ ସି କମିଶନର ଚଞ୍ଚଳ ରାଣା, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଶୋକ ଲାହିରି ନିତି ଆୟୋଗର ନୂଆ ଉପାଧ୍ୟକ୍ଷ



**ନୂଆଦିଲ୍ଲୀ:** ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ତଥା ବର୍ତ୍ତମାନର ବିଜେପି ବିଧାୟକ ଅଶୋକ ଲାହିରିଙ୍କୁ ନିତି ଆୟୋଗର ନୂଆ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସୁମନ ବେରିଙ୍କ ସ୍ଥାନରେ ଶ୍ରୀ ଲାହିରି କାର୍ଯ୍ୟ କରିବେ। କ୍ୟାବିନେଟ୍ ସଚିବାଳୟ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମାରେ କେବଳ ଜଣେ ପୂର୍ଣ୍ଣକାଳୀନ ସଦସ୍ୟ ରାଜୀବ ଗୌବାଙ୍କୁ ଛାଡ଼ି ଅନ୍ୟମାନଙ୍କୁ ବଦଳାଇ ଦିଆଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ଅଭୟ କରାଣ୍ଡିକର, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ପାର୍ଟଟାଇମ ମେମ୍ବର କେଭି ରାଜୁ, ଖ୍ୟାତନାମା ମଲିକ୍ୟୁଲାର ସାଇଣ୍ଟିଷ୍ଟ ତଥା ଆଇଜରର ଭୋପାଳର ନିର୍ଦ୍ଦେଶକ ଡ. ଗୋବର୍ଦ୍ଧନ ଦାସ, ଏମ୍ସ ନୂଆଦିଲ୍ଲୀର ନିର୍ଦ୍ଦେଶକ ଡା. ଏମ୍ ଶ୍ରୀନିବାସଙ୍କୁ ନିତି ଆୟୋଗର ନୂଆ ପୂର୍ଣ୍ଣକାଳୀନ ସଦସ୍ୟଭାବେ ନିଯୁକ୍ତ କରାଯାଇଛି। ନୂଆ ସଦସ୍ୟମାନେ ଅର୍ଥନୀତିଜ୍ଞ ରମେଶ ଚାନ୍ଦ, ଅର୍ଥନୀତିଜ୍ଞ ଅରବିନ୍ଦ ଭିରମାନି, ଭି କେ ସାରସ୍ୱତ ଏବଂ ଡା, ଭି କେ ପଲଙ୍କ ସ୍ଥାନ ନେବେ। ନିତି ଆୟୋଗର ନବନିଯୁକ୍ତ ଉପାଧ୍ୟକ୍ଷ ଅଶୋକ ଲାହିରି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଲାହିରି ସଂପ୍ରତି ପଶ୍ଚିମବଙ୍ଗର ବାଲୁରଘାଟରୁ ବିଜେପି ବିଧାୟକ ଅଛନ୍ତି। ତେବେ ୨୦୨୬ ବିଧାନସଭା ନିର୍ବାଚନ ସେ ଲଢୁନାହାନ୍ତି। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଥିଲେ। ଉଭୟ ଅଟଳ ବିହାରୀ ବାଜପେୟୀ ଓ ଡ ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ ସେ ଏହି ଦାୟିତ୍ୱ ତୁଲାଇଥିଲେ। ଏଥିସହିତ ସେ ପଞ୍ଚଦଶ ଅର୍ଥ ଆୟୋଗର ସଦସ୍ୟ ମଧ୍ୟ ଥିଲେ। ସେହିଭଳି ଡ. ଗୋବର୍ଦ୍ଧନ ଦାସ ୨୦୨୧ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ପାର୍ଥୀଭାବେ ପୂର୍ବସ୍ଥଳୀ ଉତ୍ତର ନିର୍ବାଚନ ମଣ୍ଡଳୀରୁ ବିଜେପି ଟିକେଟରେ ଲଢ଼ିଥିଲେ।

# ତେହେରାନ ଏୟାରପୋର୍ଟରୁ ଆରମ୍ଭ ହେଲା କମର୍ସିଆଲ ଫ୍ଲାଇଟ୍ ଉଡାଣ

**ତେହେରାନ:** ଇରାନ ଉପରେ ଲଗାତାର ଆକ୍ରମଣ ଓ ଉତ୍ତେଜନା ପରେ ପରିସ୍ଥିତି ଏବେ ଧିରେ ଧିରେ ସ୍ୱାଭାବିକ ହେଉଥିବା ଦେଖା ଯାଉଛି। ଇରାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୁଣି ଥରେ କମର୍ସିଆଲ ଉଡାଣ ଆରମ୍ଭ କରିଛି। ଏହି ନିଷ୍ପତ୍ତି ଏପରି ସମୟରେ ନିଆଯାଇଛି ଯେତେବେଳେ ନିକଟରେ ହୋଇଥିବା ଯୁଦ୍ଧବିରାମ ଯୋଗୁ ପରିସ୍ଥିତିରେ ସାମାନ୍ୟ ସ୍ଥିରତା ଦେଖିବାକୁ ମିଳିଛି। ଦୀର୍ଘ ସମୟ ବନ୍ଦ ରହିବା ପରେ ଏବେ ବିମାନ ସେବା ଆରମ୍ଭ ହେବା ବଡ଼ ପରିବର୍ତ୍ତନ ରୂପେ ଦେଖାଯାଉଛି।

ଏହି ପଦକ୍ଷେପ ସେହି ଯୁଦ୍ଧବିରାମ ପରେ ନିଆଯାଇଛି ଯେଉଁଥିରେ ଆମେରିକା ଓ ଇସ୍ରାଏଲ ସହିତ ଜାରି ସକ୍ରିୟ ଯୁଦ୍ଧକୁ ରୋକି ଦିଆଯାଇଛି। ଯଦିଓ ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ନାହିଁ ହେଲେ ଏହି ନିଷ୍ପତ୍ତି ଇରାନ ଧିରେ ଧିରେ ସ୍ୱାଭାବିକ ପରିସ୍ଥିତି ଆଡକୁ ଫେରୁଥିବାର ସଂକେତ ଦେଉଛି। ଏଥି ମଧ୍ୟରେ ଇରାନ ବିଦେଶ ମନ୍ତ୍ରୀ ଆବାସ ଅରାଘଚୀ ଶନିବାର ଇସ୍ଲାମାବାଦ ପହଞ୍ଚିଛନ୍ତି। ସେଠାରେ ଶୀର୍ଷ



ନେତୃତ୍ୱଙ୍କ ସହିତ ତାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କୁହାଯାଉଛି ଏହି ଆଲୋଚନା କ୍ଷେତ୍ରର ଉତ୍ତେଜନା କମ କରିବା ଓ ପରବର୍ତ୍ତି ରଣନୀତି ନିର୍ଦ୍ଧାରଣ ନିମନ୍ତେ କରାଯାଉଛି।

ହ୍ୱାଇଟହାଉସ୍ ପୁଷ୍ଟି କରିଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରତିନିଧିମାନଙ୍କୁ ପାକିସ୍ତାନ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଅର୍ଥ ଇରାନ ସହିତ ଆରମ୍ଭ ହୋଇଥବା କଥାବାର୍ତ୍ତାକୁ ଆଗକୁ ବଢେଇବା ଓ ଯୁଦ୍ଧବିରାମକୁ ସ୍ଥାୟୀ କରିବା। ତେବେ ଇରାନ ସ୍ପଷ୍ଟ କରିଦେଇଛି ଯେ ଆମେରିକା ସହ ଆଉ ପ୍ରତ୍ୟକ୍ଷ ଆଲୋଚନା କରିବ ନାହିଁ। ତେବେ ଏହି ଆଲୋଚନା ଏବେ ଅପ୍ରତ୍ୟକ୍ଷ ରୂପେ ଜାରି ରହିବ। ଏଥିରେ ପାକିସ୍ତାନ ମଧ୍ୟସ୍ଥ ଭୂମିକା ନିର୍ବାହ କରିବ ଓ ଦୁଇ ପକ୍ଷଙ୍କ ମଧ୍ୟରେ ବାର୍ତ୍ତାବିନିମୟ କରିବ। ସଂଘର୍ଷ ବିରାମ ହୋଇଥିଲେ ମଧ୍ୟ ଆର୍ଥିକ ପ୍ରଭାବ ଦେଖା ଦେଇଛି। ଖାସ କରି ହର୍ମୁଜ ପ୍ରଣାଳୀ ବାଧିତ ରହିବା ଯୋଗୁ ବୈଶ୍ୱିକ ଇନ୍ଧନ ଯୋଗାଣ ଉପରେ ପ୍ରଭାବ ପଡୁଛି।

# ନକଲି ଚେକ୍ ବନାଉଛି ଏଆଇ

**ନୂଆଦିଲ୍ଲୀ:** ଦେଶ ଏବଂ ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା (AI)ର ବ୍ୟବହାର ବୃଦ୍ଧି ପାଉଛି। AI ଏବେ ଏତେ ଉନ୍ନତ ହୋଇଯାଇଛି ଯେ ଅସଲି ଏବଂ ନକଲି ମଧ୍ୟରେ ପାର୍ଥକ୍ୟ କରିବା କଷ୍ଟକର। ChatGPT Images 2.0 ବ୍ୟବହାର କରି ତିଆରି ହୋଇଥିବା ଏକ ବ୍ୟାଙ୍କ ଚେକ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହା ସମ୍ପୂର୍ଣ୍ଣ ଅସଲି ଦେଖାଯାଉଥିଲା। UCO ବ୍ୟାଙ୍କ ନାମରେ ତିଆରି ହୋଇଥିବା ଏହି ଚେକ୍ ଲୋକଙ୍କୁ ଚକିତ କରିଦେଇଛି। ଅନେକ ୟୁଜର୍ସ ଅସଲି ଏବଂ ନକଲି ମଧ୍ୟରେ ପାର୍ଥକ୍ୟ ନେଇ ଚିନ୍ତା ପ୍ରକାଶ କରିଥିଲେ।

ସୋସିଆଲ ମିଡିଆରେ ଏକ ପୋଷ୍ଟ ଦ୍ରୁତ ଗତିରେ ଭାଇରାଲ ହେଉଛି। ଏହି ପୋଷ୍ଟକୁ ଶିରିଶ ନାମକ ଜଣେ ୟୁଜର୍ସ X ରେ ସେୟାର କରିଛନ୍ତି। ଶିରିଶ ଦାବି କରିଛନ୍ତି ଯେ ଏହି ବ୍ୟାଙ୍କ ଚେକ୍ ChatGPT Images 2.0 ବ୍ୟବହାର କରି ତିଆରି କରାଯାଇଛି। ଚେକଟିଟ UCO ବ୍ୟାଙ୍କର ବୋଲି ଦାବି କରାଯାଉଥିଲା ବେଳେ ଏଥିରେ ୬୯,୦୦୦ ଟଙ୍କା ଥିଲା। ଚେକର ତଳେ ଆକାଉଣ୍ଟ ନମ୍ବର, ଶାଖା ବିବରଣୀ, ସିଗ୍ନେଚର ଲାଇନ ଏବଂ MICR କୋଡ୍ ସମେତ ସମସ୍ତ ଆବଶ୍ୟକୀୟ ବୈଶିଷ୍ଟ୍ୟ ରହିଛି, ଯାହା ଫଳରେ ଏହା ସମ୍ପୂର୍ଣ୍ଣ ଅସଲି ଭଳି ଦେଖାଯାଉଥିଲା।

# ବିଇଏମଏଲ୍ ବେଙ୍ଗାଲୁରୁରେ 'ଆଦିତ୍ୟ' କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ ଅଶ୍ୱିନୀ ବୈଷ୍ଣବ

**ବେଙ୍ଗାଲୁରୁ:** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁର ବିଇଏମଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନ କରି ହାଇ-ସ୍ପିଡ୍ ରେଳ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ, ଆଦିତ୍ୟକୁ ଉଦଘାଟନ କରିଛନ୍ତି। ଏହି ଗସ୍ତ ସମୟରେ, ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହାଇ-ସ୍ପିଡ୍ ରେଳ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଜଟିଳ। ଆମ ଦେଶ ମଧ୍ୟରେ ଏହାର ବିକାଶ ସ୍ୱଦେଶୀ ଇଞ୍ଜିନିୟରିଂ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନୂତନ ଭାବରେ ଉଦ୍ଘାଟିତ ଆଦିତ୍ୟ କମ୍ପ୍ଲେକ୍ସ B-28 କୋଚ୍ ବିକାଶ ପାଇଁ ଡିଜାଇନ୍ କରାଯାଇଛି। ହାଇ-ସ୍ପିଡ୍ ଟ୍ରେନର ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଟ୍ରେନ୍ଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଦୂରତ୍ୱ ହ୍ରାସ ପାଇ ପରସ୍ପରର ଏକ ସଂପ୍ରସାରିତ ଅଂଶଭାବେ ମନେହେବ । ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇଥିଲେ ଯାହା ମାତ୍ର ୭୩ ମିନିଟ୍କୁ ହ୍ରାସ ପାଇବ। ଏହା ଫଳରେ ଦୁଇ ସହର ଏକ ଏକକ ସମନ୍ୱିତ ହବ୍ର ଅଂଶ ହୋଇଯିବେ। ମୁମ୍ବାଇ ଏବଂ ବେଙ୍ଗାଲୁରୁ : ମନ୍ତ୍ରୀ କହିଛନ୍ତି ଯେ ଦୁଇଟି ନୂତନ ସେବା ପ୍ରଚଳନ ଦ୍ୱାରା ସଂଯୋଗୀକରଣ ବୃଦ୍ଧି ପାଇବ। ହୁବଲି ଦେଇ ଏଲଏଚବି କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ପ୍ରଚଳନ କରାଯିବ, ଏବଂ ଏକ ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ଖୁବ୍ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାର ଯୋଜନା ରହିଛି। ଆଞ୍ଚଳିକ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା ଦେଇଥିଲେ ଯେ ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ। ସେ କହିଥିଲେ ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡଗାଓଁ ଏବଂ କର୍ଣ୍ଣାଟକର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ବିଚାର କରାଯାଇଛି। ସେ କହିଥିଲେ ଯେ ଏ ନେଇ ବୈଷୟିକ ପ୍ରତିବନ୍ଧକ ଦୂର କରାଯାଇଛି, ବିଶେଷକରି ହାସାନ-ମାଙ୍ଗାଲୁରୁ ସେକ୍ସନର ବିଦ୍ୟୁତୀକରଣ




ସଂପୂର୍ଣ୍ଣ ହୋଇଛି ଓ ଉପକୂଳର ତୀକ୍ଷଣ ଢାଲୁ ଅଂଚଳରେ ସୁରକ୍ଷା ପାଇଁ ଅଟୋମେଟେଡ୍ ଏମର୍ଜେନ୍ସି ବ୍ରେକିଂ (ଏଇବି) ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ ଟିପ୍ପାସାନ୍ଦ୍ରା କେନ୍ଦ୍ରରେ ଥିବା ଇଞ୍ଜିନିୟରିଂ ପ୍ରତିଭାଙ୍କୁ ପ୍ରଶଂସା କରି ନିଜର ଗସ୍ତ ଶେଷ କରିଥିଲେ। ସେ କହିଥିଲେ ଯେ ପରବର୍ତ୍ତୀ ପିଢ଼ିର ରୋଲିଂ ଷ୍ଟକ୍ ଉପରେ ସେମାନଙ୍କର କାର୍ଯ୍ୟ ଏକ ବିକଶିତ ଭାରତର ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ ହେବ। ସେ ପରିବେଶଗତ ସୁରକ୍ଷା ଏବଂ ଜନସଚେତନତା ସହିତ ବିଶାଳ ଭିତ୍ତିଭୂମି ଅଭିବୃଦ୍ଧିକୁ ସନ୍ତୁଳିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ଆତଙ୍କବାଦୀ ଆକ୍ରମଣ ନେଇ ବାଂଲାଦେଶରେ ହାଇ ଆଲର୍ଟ

ଢାକା: ବାଂଲାଦେଶର ସୁରକ୍ଷା ବାହିନୀ ଏକ ବଡ଼ ଆତଙ୍କବାଦୀ ଯୋଜନାକୁ ପଣ୍ଡ କରିଛନ୍ତି । ବାଂଲାଦେଶ ପୋଲିସ ମୁଖ୍ୟାଳୟ ଦ୍ୱାରା ଜାରି ଏକ ଗୁପ୍ତଚର ସର୍କୁଲାର ଏହି ବିବରଣୀ ପ୍ରକାଶ କରିଛି । ଏହି ଯୋଜନା ସଂସଦ, ସାମରିକ ଏବଂ ପୋଲିସ ପ୍ରତିଷ୍ଠାନ, ଧାର୍ମିକ ସ୍ଥଳ, ମନୋରଞ୍ଜନ କେନ୍ଦ୍ର ଏବଂ ଢାକାର ପ୍ରସିଦ୍ଧ ଶାହବାଗ ଅଞ୍ଚଳ ସମେତ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟରେ ଥିଲା ।

ଏହା ପରେ ଦେଶରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ନେଇ ଶନିବାର ଅର୍ଥାତ୍ ଆଜି ଦେଶବ୍ୟାପୀ ସୁରକ୍ଷା ସତର୍କତା ଜାରି କରାଯାଇଛି । ସଂସଦ ଭବନ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ରିପୋର୍ଟଗୁଡ଼ିକ ଚିନ୍ତା ପ୍ରକଟ କରିଛି । ଜଣେ ପୋଲିସ ମୁଖ୍ୟାଳୟ (PHQ) ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଗୁଇନ୍ଦା ରିପୋର୍ଟ ଆଧାରରେ ଏହି ସତର୍କତା ଜାରି କରାଯାଇଛି । ସେ ଏହି ସତର୍କତାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଗୋପନୀୟ ବୋଲି କହିଛନ୍ତି । ଅସ୍ତ୍ରାଗାରଗୁଡ଼ିକୁ ମଧ୍ୟ ସମ୍ଭାବ୍ୟ ଟାର୍ଗେଟ ଭାବରେ ତାଲିକାଭୁକ୍ତ କରାଯାଇଛି । ଡେଲି ଷ୍ଟାର ଏବଂ ଅନ୍ୟାନ୍ୟ ଖବରକାଗଜ ରିପୋର୍ଟ କରିଛନ୍ତି ଯେ, ଏକ ନିଷିଦ୍ଧ ଆତଙ୍କବାଦୀ ସଂଗଠନର କାର୍ଯ୍ୟକର୍ତ୍ତା ଇସ୍ତିଆକ୍ ଅହମ୍ମଦ ସାମି ଓରଫ ଆବୁ ବକ୍କରଙ୍କୁ ସମ୍ପ୍ରତି ଗିରଫ କରାଯିବା ପରେ ଏହି ସତର୍କତା ଜାରି କରାଯାଇଛି । ତାଙ୍କର ଦୁଇ ଜଣ ବହିଷ୍କୃତ ସେନା କର୍ମଚାରୀଙ୍କ ସହ ସମ୍ପର୍କ ଥିବା ଅଭିଯୋଗ ହୋଇଛି । ରିପୋର୍ଟ ଅନୁଯାୟୀ, ଚିଠିରେ ସମ୍ଭାବ୍ୟ ଆକ୍ରମଣ ପଛରେ ଥିବା ଦୁଇଜଣ ପ୍ରମୁଖ ଯୋଜନାକାରୀଙ୍କ ପ୍ରୋଫାଇଲ୍ ମଧ୍ୟ ଅନ୍ତର୍ଭୁକ୍ତ, ଯଦିଓ କୌଣସି ସଂଗଠନର ନାମ ପ୍ରକାଶ କରାଯାଇ ନାହିଁ ।

# ୩ ବର୍ଷ ପାଇଁ ଏଚ୍-୧ବି ଭିସା ନିଷେଧ କରିବ ଆମେରିକା

**ୱାଶିଂଟନ:** ଆମେରିକାର H-1B ଭିସା ଦରକାର କରୁଥିବା ଲୋକଙ୍କ ପାଇଁ ଟ୍ରମ୍ପ ପ୍ରଶାସନ ଏକ ବଡ଼ ଝଟକା ଦେବାକୁ ଯାଉଛନ୍ତି । ଆମେରିକା କଂଗ୍ରେସରେ ରିପବ୍ଲିକାନ ସାଂସଦଙ୍କ ଏକ ଗୋଷ୍ଠୀ H-1B ଭିସା କାର୍ଯ୍ୟକ୍ରମ ଉପରେ ୩ ବର୍ଷର ସ୍ଥଗିତ ଲଗାଇବା ପାଇଁ ଏକ ବିଲ୍ ଆଗତ କରିଛନ୍ତି । ଯଦି ଏହି ବିଲ୍ ପାରିତ ହୁଏ, ତେବେ H-1B ଦରକାର କରୁଥିବା ଲୋକଙ୍କ ଅସୁବିଧାକୁ ଆହୁରି ବଢ଼ାଇଦେବ, ଏବଂ ଆମେରିକାକୁ ଯାଇ ସେଠାରେ କାମ କରିବାର ସ୍ୱପ୍ନ ଦେଖୁଥିବା ବିଦେଶୀମାନେ ଆଗାମୀ ୩ ବର୍ଷ ପାଇଁ H-1B ଭିସା ପାଇପାରିବେ ନାହିଁ । ଏହା ଭାରତୀୟଙ୍କ ଉପରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ରିପବ୍ଲିକାନ ସାଂସଦମାନେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମକୁ ଅପହୃତ କରାଯାଇଛି । ଆମେରିକୀୟ ଶ୍ରମିକଙ୍କୁ ଶସ୍ତା ବିଦେଶୀ ଶ୍ରମିକ ସହିତ ବଦଳାଇବା ପାଇଁ ଆରିଜୋନାର କଂଗ୍ରେସମ୍ୟାନ୍ ଏଲି କ୍ରେନ୍ ବିଲ୍, ଏଣ୍ଡ H-1B ଭିସା ଅପବ୍ୟବହାର ଆଇନ୍ ୨୦୨୬ ଉପସ୍ଥାପନ କରିଥିଲେ, ଯାହାକୁ ଅନ୍ୟ ୭ ଜଣ ରିପବ୍ଲିକାନ ସାଂସଦଙ୍କ ସହ-ପ୍ରାୟୋଜିତ କରାଯାଇଥିଲା ।

# ସର୍ବଦା ନିର୍ଭରଯୋଗ୍ୟ ସହଯୋଗୀ ନୁହେଁ ୟୁଏସ

**ଏଥେନ୍ସ :** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମ୍ୟାକ୍ରନ କହିଛନ୍ତି ଯେ ଯୁକ୍ତରାଷ୍ଟ୍ର ଆମେରିକାକୁ ଏବେ ଆଉ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ସହଯୋଗୀ ଭାବେ ଦେଖା ଯାଇ ନପାରେ। କାରଣ ସେ ୟୁରୋପରୁ ଦ୍ରୁତ ଅସ୍ଥିର ହେଉଥିବା ବୈଶ୍ୱିକ ବ୍ୟବସ୍ଥାରେ ଆଗକୁ ବଢିବାକୁ ଆହ୍ୱାନ ଦେଇଛନ୍ତି। ଗ୍ରୀସ ପ୍ରଧାନମନ୍ତ୍ରୀ କ୍ୟାରିୟାକୋସ ମିତସୋଟାକିସ୍ଙ୍କ ସହ ଏଥେନ୍ସରେ ସମ୍ବୋଧିତ କରି ମ୍ୟାକ୍ରନ କହିଛନ୍ତି ଯେ ପାରମ୍ପରିକ ମେଣ୍ଟ ଆଖପାଖରେ ବଢୁଥିବା ଅନିଶ୍ଚିତତା ମଜଭୁତ ୟୁରୋପୀୟ ସ୍ୱାୟତ୍ତତାର ଆବଶ୍ୟକତାକୁ ରେଖାଙ୍କିତ କରୁଛି। ମ୍ୟାକ୍ରନ କହିଛନ୍ତି ଯେ ପ୍ରାୟ ସମସ୍ତେ ଦେଖୁଛନ୍ତି ଯେ ବିଶ୍ୱର ୧ ନମ୍ବର ଶକ୍ତି ଆମେରିକା କିଛି ଦେଶଙ୍କ ଲାଗି ହୁଏତ ସହଯୋଗୀ ହୋଇ ପାରେ। କିନ୍ତୁ ଏହି ସହଯୋଗୀ ସମ୍ପୂର୍ଣ୍ଣ ନିଶ୍ଚିତ ନୁହେଁ କି କେହିବି ସମ୍ପୂର୍ଣ୍ଣ ଆଶ୍ୱସ୍ତ ନୁହନ୍ତି ଏହି ସହଯୋଗୀ ନିର୍ଭରଯୋଗ୍ୟ କି ନା। ସେ ବର୍ତ୍ତମାନର ଭୂ-ରାଜନୈତିକ ବାତାବରଣକୁ 'ଅବ୍ୟବସ୍ଥାର ଦୁନିଆ' ଭାବେ ବର୍ଣ୍ଣନା କରିଛନ୍ତି ଓ ତର୍କ ଦେଇଛନ୍ତି ଯେ ବଦଳୁଥିବା ଶକ୍ତି ଗତିଶୀଳତା ଓ ଜାରି ସଂଘର୍ଷ ଦୀର୍ଘସମୟରୁ ଚାଲି ଆସୁଥିବା ସୁରକ୍ଷା ବ୍ୟବସ୍ଥାମାନଙ୍କରେ ଦୁର୍ବଳତାକୁ ଉଜାଗର କରିଛି। ମ୍ୟାକ୍ରନ ପ୍ରତିରକ୍ଷା ଓ ରଣନୈତିକ ନିଷ୍ପତ୍ତି ନେବା ପାଇଁ କ୍ଷେତ୍ରରେ ଅଧିକ ଆତ୍ମନିର୍ଭର ୟୁରୋପୀୟ ସଂଘ ଲାଗି ନିଜର ଦୀର୍ଘ ସମୟରୁ ଚଳି ଆସୁଥିବା ପ୍ରୟାସକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସମୟ ୟୁରୋପକୁ ବୈଶ୍ୱିକ ମଞ୍ଚରେ ନିଜର ଉପସ୍ଥିତି ଜାହିର କରିବାକୁ ଅବସର ଦେଉଛି।

# ଭାରତର ସୋଲାର୍ ସେଲ୍ ଉପରେ ୧୨୩% ଶୁଳ୍କ



**ନୂଆଦିଲ୍ଲୀ:** ଭାରତର ସୋଲାର୍ ସେଲ୍ ଓ ମଡ୍ୟୁଲ୍ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ୧୨୩.୦୪ ପ୍ରତିଶତର ପ୍ରାରମ୍ଭିକ ଆଣ୍ଟି ଡମ୍ପିଂ ଡ୍ୟୁଟି ବା ପ୍ରତିସ୍ଥାପୀକରଣ ଶୁଳ୍କ ଲଗାଇଛି। ମୁନ୍ଦ୍ରା ସୋଲାର୍ ଏନର୍ଜି, ମୁନ୍ଦ୍ରା ସୋଲାର୍ ପିଭି, କୋୱା ଏବଂ ପ୍ରିମିୟର ଏନର୍ଜିଜ୍ ଭଳି କମ୍ପାନିର ସାମଗ୍ରୀ ଯାଞ୍ଚ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଷୟ ସାମନାକୁ ଆସିଛି ବୋଲି ଆମେରିକା ବାଣିଜ୍ୟ ବିଭାଗ କହିଛି। ଭାରତ ସୌର ଶକ୍ତି ସଂଘ ଆମେରିକାର ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି। ନ୍ୟାସନାଲ ସୋଲାର୍ ଏନର୍ଜି ଫେଡେରେସନ୍ ଅଫ୍ ଇଣ୍ଡିଆର ସିଇଓ ସୁବ୍ରମଣ୍ୟମ ପୁଲିପକା କହିଛନ୍ତି ଯେ ତଦନ୍ତ ତ୍ରୁଟିପୂର୍ଣ୍ଣ ଏବଂ ଏଥିରେ ସେଭଳି କୌଣସି ବଳିଷ୍ଠ ଯୁକ୍ତି ନାହିଁ। ଏହି ନିର୍ଦ୍ଦେଶକୁ ସଂଘ ପ୍ରତିବାଦ କରିବ ବୋଲି ସେ କହିଛନ୍ତି। ସେହିଭଳି ଇଣ୍ଡିଆନ୍ ସୋଲାର୍ ମ୍ୟାନୁଫାକଚର୍ସ ଆସୋସିଏସନ୍ର ସେକ୍ରେଟାରି ଜେନେରାଲ ଅମିତ ମନୋହର ଏଭଳି ନିଷ୍ପତ୍ତିକୁ ଚାଲେଞ୍ଜ କରାଯିବ ବୋଲି କହିଛନ୍ତି।

ନୂଆ ଶୁଳ୍କ ଲାଗୁ ହେବା ଫଳରେ ଆମେରିକାରେ ଭାରତୀୟ ସୋଲାର୍ ପ୍ୟାନେଲ ନିର୍ମାତାଙ୍କ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିବ। କାରଣ ନୂଆ ଶୁଳ୍କ ପୂର୍ବରୁ ଆମେରିକା ୧୨୫ ପ୍ରତିଶତ ଶୁଳ୍କ ଲଗାଇଛି। ଏଥିଯୋଗୁ ମୋଟ ଟିକସ ୨୦୦ ପ୍ରତିଶତରୁ ଅଧିକ ହୋଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେରିକାକୁ ରପ୍ତାନି ସମ୍ଭବ ନୁହେଁ ବୋଲି କୁହାଯାଉଛି। ନିକଟରେ ଆମେରିକା ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ନେଇ ୱାସିଂଟନଠାରେ ୩ ଦିନିଆ ଆଲୋଚନା ଶେଷ ହୋଇଛି। ଏଭଳି ସମୟରେ ଭାରତ ଉପରେ ଆମେରିକା ଏହି ଶୁଳ୍କ ଲଗାଇଛି। ଆମେରିକାର ଚଢ଼ା ଶୁଳ୍କ ପରିପ୍ରେକ୍ଷୀରେ ଭାରତର ରପ୍ତାନିକାରୀମାନେ ୟୁରୋପ, ପଶ୍ଚିମ ଏସିଆ ଭଳି ବିକଳ୍ପ ବଜାରର ସନ୍ଧାନ କରିବେ।

# ରାସାୟନିକ, ଫାର୍ମା ଶିଳ୍ପକୁ ୭୦୦୦ ଏମଟିରୁ ଅଧିକ ପ୍ରୋପିଲିନ୍ ବିକ୍ରି

**ନୂଆଦିଲ୍ଲୀ:** ପଶ୍ଚିମ ଏସିଆର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ସରକାର ସମନ୍ୱିତ ପ୍ରତିକ୍ରିୟା ପଦକ୍ଷେପ ମାଧ୍ୟମରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତରତା ସୁନିଶ୍ଚିତ କରିବାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସମର୍ଥନ ସମ୍ପର୍କରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ସୂଚୀତ କରେ।

ହର୍ମୁଜ୍ ପ୍ରଣାଳୀ ସହିତ ଜଡିତ ଜାରି ରହିଥିବା ପରିସ୍ଥିତି ପରିପ୍ରେକ୍ଷୀରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଉଛି। ପ୍ରୋଟୋଲ୍, ଡିଜେଲ ଏବଂ ଏଲପିଜିର ଆତଙ୍କିତ କ୍ରୟ ଏଡାଇବାକୁ ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି କାରଣ ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି। ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକମାନଙ୍କୁ ଯିବାରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି। ନାଗରିକମାନଙ୍କୁ ପିଏନଜି ଏବଂ ବୈଦ୍ୟୁତିକ କିମ୍ବା ଇଣ୍ଡକ୍ସନ୍ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନର ପରିସ୍ଥିତିରେ ସମସ୍ତ ନାଗରିକଙ୍କୁ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ କରିବାକୁ ଅନୁରୋଧ କରାଯାଉଛି।

ବାଣିଜ୍ୟିକ ଏଲପିଜି ପାଇଁ, ହସ୍ପିଟାଲ, ଶିକ୍ଷାନୁଷ୍ଠାନକୁ ପ୍ରାଥମିକତା ଦିଆଯାଇଛି। ଏହା ବ୍ୟତୀତ, ଔଷଧ, ଇସ୍ପାତ, ଅଟୋମୋବାଇଲ, ବିହନ, କୃଷି ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଏହା ସହିତ, ପ୍ରବାସୀ ଶ୍ରମିକଙ୍କୁ ୫ କିଲୋଗ୍ରାମ ଏଫଟିଏଲ ଯୋଗାଣ ମଧ୍ୟ ୨ ଏବଂ ୩ ମାର୍ଚ୍ଚ ୨୦୨୬ ରେ ଦୈନିକ ହାରାହାରି ଯୋଗାଣ ଆଧାରରେ ଦ୍ୱିଗୁଣିତ କରାଯାଇଛି। ସରକାର ପୂର୍ବରୁ ଯୋଗାଣ ଏବଂ ଚାହିଦା ଉଭୟ ଦିଗରେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ରିଫାଇନାରୀ ଉତ୍ପାଦନ ବୃଦ୍ଧି କରିବା, ସହରାଞ୍ଚଳରେ ବୁକିଂ ବ୍ୟବଧାନକୁ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ଯୋଗାଣ ପାଇଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଅନ୍ତର୍ଭୁକ୍ତ।

ଏଲପିଜି ଚାହିଦା ଉପରେ ଚାପ କମ କରିବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଇନ୍ଧନ ଉପଲବ୍ଧ କରାଯାଇଛି। କୋଇଲା ମନ୍ତ୍ରଣାଳୟ କ୍ଷୁଦ୍ର ଏବଂ ମଧ୍ୟମ ଗ୍ରାହକଙ୍କୁ ବଣ୍ଟନ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଆବଣ୍ଟନ କରିବାକୁ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କୋଲିଆରିଜ୍ କୁ ନିର୍ଦ୍ଦେଶ ଦେଇଛି। ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକଙ୍କ ପାଇଁ ନୂତନ ପିଏନଜି ସଂଯୋଗକୁ ସହଜ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି।

ରାଜ୍ୟ ସରକାରଗୁଡ଼ିକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ, ୧୯୫୫ ଏବଂ ଏଲପିଜି ନିୟନ୍ତ୍ରଣ ଅର୍ଡର, ୨୦୦୦ ଅନୁଯାୟୀ ଯୋଗାଣ ତଦାରଖ ଏବଂ ମହଜୁଦ ତଥା କଳାବଜାରୀ ବିରୁଦ୍ଧରେ କାର୍ଯ୍ୟ କରିବାକୁ କ୍ଷମତା ଦିଆଯାଇଛି। ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଯୋଗାଣ ସ୍ଥିତି ତଦାରଖ ଏବଂ ନିୟନ୍ତ୍ରଣ କରିବାରେ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କୁ ପ୍ରାଥମିକ ଭୂମିକା ଗ୍ରହଣ କରିବାକୁ ପଡିବ। ଭାରତ ସରକାର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶକୁ ବହୁ ଚିଠି ଏବଂ ଭିସି ମାଧ୍ୟମରେ ଏହା ପୁନରାବୃତ୍ତି କରିଛନ୍ତି।

ଭାରତ ସରକାର ୨୭.୦୩.୨୦୨୬ ଏବଂ ୦୨.୦୪.୨୦୨୬ ତାରିଖର ପତ୍ର ମାଧ୍ୟମରେ ନାଗରିକମାନଙ୍କୁ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧତା ସମ୍ପର୍କରେ ଆଶ୍ୱସ୍ତ କରିବା ପାଇଁ ସକ୍ରିୟ ସାର୍ବଜନୀନ ଯୋଗାଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସହିତ ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ, ୦୨.୦୪.୨୦୨୬ ଏବଂ ୦୬.୦୪.୨୦୨୬ ବୈଠକ ଡକାଯାଇଥିଲା।




ଏଲପିଜିର ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ସାରା ଦେଶରେ ପ୍ରବର୍ତ୍ତନ କାର୍ଯ୍ୟ ଜାରି ରହିଛି। ସାରା ଦେଶରେ ୨୪୦୦ ରୁ ଅଧିକ ଚଢାଉ କରାଯାଇଥିଲା। ପିଏସୟୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଅଚାନକ ଯାଞ୍ଚକୁ ସୁଦୃଢ଼ କରିଛନ୍ତି ଏବଂ ଗତକାଲି ପର୍ଯ୍ୟନ୍ତ ୩୦୯ ଟି ଏଲପିଜି ବିତରକ ଉପରେ ଦଣ୍ଡ ଲାଗୁ କରିଛନ୍ତି ଏବଂ ୭୦ ଟି ଏଲପିଜି ବିତରକଙ୍କୁ ନିଲମ୍ବିତ କରିଛନ୍ତି।

ପ୍ରଚଳିତ ଭୂରାଜନୈତିକ ପରିସ୍ଥିତି ଦ୍ୱାରା ଏଲପିଜି ଯୋଗାଣ ପ୍ରଭାବିତ ହେଉଛି। ଘରୋଇ ପରିବାରକୁ ଏଲପିଜି ଯୋଗାଣକୁ ପ୍ରାଥମିକତା ଦିଆଯାଇଛି। ଏଲପିଜି ବିତରକରେ କୌଣସି ଡ୍ରାଏ-ଆଉଟ୍ ରିପୋର୍ଟ କରାଯାଇ ନାହିଁ।

ବାଣିଜ୍ୟିକ ଏଲପିଜି ଯୋଗାଣ ଏବଂ ଆବଣ୍ଟନ ପଦକ୍ଷେପ:

ଭାରତ ସରକାର ତାରିଖର ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କୁ ବଣ୍ଟନ ପାଇଁ ଉପଲବ୍ଧ ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡରର ଦୈନିକ ପରିମାଣକୁ ପତ୍ରରେ ଉଲ୍ଲେଖ କରାଯାଇଥିବା ୨୦% ସୀମା ବ୍ୟତୀତ ୨-୩ ମାର୍ଚ୍ଚ ୨୦୨୬ ମଧ୍ୟରେ ପ୍ରବାସୀ ଶ୍ରମିକଙ୍କୁ ପ୍ରଦାନ କରାଯାଇଥିବା ହାରାହାରି ଦୈନିକ ଯୋଗାଣ (ସିଲିଣ୍ଡର ସଂଖ୍ୟା) ଉପରେ ଆଧାର କରି ଦ୍ୱିଗୁଣିତ କରାଯାଉଛି। ୧ ଏପ୍ରିଲ ୨୦୨୬ ଠାରୁ, ୧୮.୭୩ ଲକ୍ଷ - ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡର ବିକ୍ରି ହୋଇଛି। ଗତକାଲି, ସାରା ଦେଶରେ ପ୍ରାୟ ୮୦,୦୦୦ - ୫ କିଲୋଗ୍ରାମ ଏଫଟିଏଲ ସିଲିଣ୍ଡର ବିକ୍ରି ହୋଇଥିଲା।

୩ ଏପ୍ରିଲ ୨୦୨୬ ଠାରୁ, ପିଏସୟୁ ଓଏମସି ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ପାଇଁ ୮୭୭୦ ରୁ ଅଧିକ ସଚେତନତା ଶିବିର ଆୟୋଜନ କରିଛି, ଯେଉଁଥିରେ ୧,୩୮,୦୦୦ - ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ମଧ୍ୟ ବିକ୍ରି ହୋଇଥିଲା। ଆଇଓସିଏଲ୍, ଏଚପିସିଏଲ୍, ଏବଂ ବିପିସିଏଲ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ବାଣିଜ୍ୟିକ ଏଲପିଜି ବଣ୍ଟନ ଯୋଜନା କରିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ସ୍ଥାପନ କରୁଛି। ଏପ୍ରିଲ-୨୬ ମାସ ମଧ୍ୟରେ (୨୪.୦୪.୨୬ ପର୍ଯ୍ୟନ୍ତ), ମୋଟ ୧,୫୫,୫୨୪ ମେଟ୍ରିକ ଟନ୍ (୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ୮୧.୮୫ ଲକ୍ଷରୁ ଅଧିକ) ବାଣିଜ୍ୟିକ ଏଲପିଜି ବିକ୍ରି ହୋଇଛି।

ସମୟ

# ରାହୁଲଙ୍କ ଶତକ ଫିକା: ପଞ୍ଜାବ କିଙ୍ଗ୍ସର ବିସ୍ଫୋରକ ବିଜୟ




## ଆଇପିଏଲ ମହାସମର

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଆଇପିଏଲର ୩୫ତମ ମ୍ୟାଚରେ ଜମାଣିଆ ଲଢ଼େଇ ଦେଖିବାକୁ ମିଳିଛି । ଦିଲ୍ଲୀ କ୍ୟାପିଟାଲ୍ସ ଲୋକେଶ ରାହୁଲଙ୍କ ୧୫୨ ରନର ଶତକୀୟ ଇନିଂସ ବଳରେ ୨୬୪/୨ ରନର ବଡ଼ ସ୍କୋର କରିଥିଲା । ତଥାପି ଏହି ରନ ପଞ୍ଜାବକିଙ୍ଗ୍ସ ଆଗରେ ଛୋଟ ପଡ଼ିଯାଇଛି । କାରଣ ପଞ୍ଜାବ ୭ଟି ବଲ ବାକିଥାଇ ଅର୍ଥାତ୍ ୧୮.୫ ଓଭରରେ ୨୬୫/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଛି । ଆଇପିଏଲରେ ରନକୁ ପିଛା କରି ବଡ଼ ଟାର୍ଗେଟକୁ ପିଛା କରି ପଞ୍ଜାବ ରେକର୍ଡ କରିଛି । ୬ ୱିକେଟରେ ବିଜୟ ସହ ପଞ୍ଜାବ କିଙ୍ଗ୍ସ ୭ ମ୍ୟାଚରୁ ଷଷ୍ଠ ବିଜୟ ସହ ୧୩ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷ ସ୍ଥାନରେ ରହିବା ସହ ଚଳିତ ଆଇପିଏଲରେ ଏପର୍ଯ୍ୟନ୍ତ ଅପରାଜେୟ ରହିଛି । ପରାଜିତ ଦିଲ୍ଲୀ କ୍ୟାପିଟାଲ୍ସ ୭ ମ୍ୟାଚରୁ ୬ ପଏଣ୍ଟ ସହ ଟେବୁଲର ଷଷ୍ଠ ସ୍ଥାନକୁ ଖସିଛି । ଚଳିତ ଆଇପିଏଲରେ କ୍ୟାରିୟରର ଷଷ୍ଠ ଶତକ ହାସଲ କରିଥିବା ଲୋକେଶ ରାହୁଲଙ୍କ ଏହି ଲଢ଼ୁଆ ଇନିଂସ ପଞ୍ଜାବ ଆଗରେ ଫିକା ପଡିଯାଇଛି ।



ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟରଙ୍କୁ ସୁହାଉଥିବା ଏହି ପିଚରେ ଦିଲ୍ଲୀ ବିଶାଳ ସ୍କୋର କରିଥିଲା । ଲୋକେଶ ରାହୁଲ ମଧ୍ୟ କ୍ୟାରିୟରର ଐତିହାସିକ ଇନିଂସ ଖେଳିଥିଲେ । ପାଥୁମ ନିଶାଙ୍କ ସହ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ । ୨.୪ ଓଭର ବେଳେ ଦଳୀୟ ସ୍କୋର ୨୮ ରନ୍ ଥିବା ବେଳେ ପାଥୁମ ନିଶାଙ୍କ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ଶିକାର ହୋଇଥିଲେ । ପ୍ରଥମ ୱିକେଟ୍ ଯୋଡି ଭାଙ୍ଗିବା ସହ ନିଶାଙ୍କ ୧୧ ରନ କରି ପାଭିଲିୟନ୍ ଫେରିଥିଲେ । ତାଙ୍କ ସ୍ଥାନ ନେଇଥିଲେ ନୀତିଶ ରାଣା । ଦ୍ୱିତୀୟ ୱିକେଟ୍ ପାଇଁ ନୀତିଶ ଓ ରାହୁଲଙ୍କ ମଧ୍ୟରେ ୨୨୦ ରନର ପାର୍ଟନରସିପ ହୋଇଥିଲା । ରାହୁଲ ୪୭ ବଲରୁ ଶତକ ମାରି ଇତିହାସ ରଚିଥିଲେ । ଚଳିତ ଆଇପିଏଲରେ ଏହା ରାହୁଲଙ୍କ ଷଷ୍ଠ ଶତକ । ଏଥିସହ ସେ ଶତକ ମାରିବାରେ ତୃତୀୟ ସ୍ଥାନରେ ରହିବା ସହ କ୍ରିସ ଗେଲଙ୍କ ଶତକର ସମକକ୍ଷ ହୋଇଛନ୍ତି । ଏହାବାଦ ସେ ଆଇପିଏଲରେ ୫୦୦୦ରୁ ଅଧିକ ରନ୍ କରିବା ସହ ୩ଟି ରେକର୍ଡ ଭାଙ୍ଗଛନ୍ତି । ରାହୁଲ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୬୭ ବଲରୁ ୧୬ ଚୌକା ଓ ୯ ଛକା ସହାୟତାରେ ୧୫୨ ରନ୍ ସଂଗ୍ରହ କରିଥିଲେ । ନୀତିଶ ରାଣାଙ୍କ ବ୍ୟାଟରୁ ମଧ୍ୟ ବଡ଼ ଇନିଂସ ଦେଖିବାକୁ ମିଳିଥିଲା । ନୀତିଶ ୪୪ ବଲରୁ ୧୧ ଚୌକା ଓ ୪ ଛକା ସହାୟତାରେ ୯୧ ରନ୍ କରିଥିଲେ । ଡେଭିଡ ମିଲର ୩ ବଲରୁ ୩ ରନ୍ କରିଥିଲେ । ପଞ୍ଜାବ କିଙ୍ଗ୍ସର ଅର୍ଶଦୀପ ସିଂ ଓ ଜାଭିୟର ବାଟଲେଟ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ ।

ପଞ୍ଜାବ ୨୬୫ ରନକୁ ପିଛା କରିଥିଲା । ଏତେ ବଡ଼ ରନ ପାହାଡକୁ ପଞ୍ଜାବକିଙ୍ଗ୍ସ ସହଜରେ ଅତିକ୍ରମ କରିବ ବୋଲି କେହି କେବେ ବିଶ୍ୱାସ କରିନଥିଲେ । କିନ୍ତୁ ଶେଷରେ ଫଳା ଫଳ ଯାହା ଆସିଲା ଦିଲ୍ଲୀକୁ ଦୋହଲାଇ ଦେଲା ପଞ୍ଜାବ । ୧୮.୫ ଓଭରରେ ପଞ୍ଜାବ ୪ ୱିକେଟ୍ ହରାଇ ୨୬୫ ରନ୍ କରି ଲକ୍ଷ୍ୟ ହାସଲ କରିନେଇଛି । ଓପନର ପ୍ରିୟଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୬.୫ ଓଭରରେ ୧୨୬ ରନର ପାର୍ଟନରସିପ୍ ହୋଇଥିଲା । ପ୍ରିୟଂଶ ୧୭ ବଲରୁ ୨ ଟି ଚୌକା ଓ ୫ଟି ଛକା ସହାୟତାରେ ୪୩ ରନ୍ କରିଥିଲେ । ପ୍ରଭସିମରନ ୨୬ ବଲରୁ ୯ ଚୌକା ଓ ୫ ଛକା ସହାୟତାରେ ୭୬ ରନ୍ କରିଥିଲେ । ବଡ଼ ମୁଳଦୁଆ କାରଣରୁ ପଞ୍ଜାବ ସହଜ ବିଜୟ ଆଡେ ମୁହାଁଥିଲା । କୁପର କୋନୋଲି ୧୭ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ଶ୍ରେୟାସ ଆୟର ୩୬ ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୭ ଛକା ସହାୟତାରେ ୭୧ ରନ୍ କରିଥିଲେ । ନେହାଲ ୱାଧେରା ୨୫ ରନ୍ ତଥା ଶଶାଙ୍କ ସିଂ ଅପରାଜିତ ୧୦ ବଲରୁ ୧୯ ରନ୍ କରି ମ୍ୟାଚ ଶେଷ କରିଥିଲେ । ଦିଲ୍ଲୀର କୁଲଦୀପ ଯାଦବ ଦୁଇଟି, ଅକ୍ଷର ପଟେଲ ବିପ୍ରଜ ନିଗମ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ । ଏହି ମ୍ୟାଚରେ ଅଘଟଣ ଘଟିଥିଲା । ଦିଲ୍ଲୀର ପ୍ରମୁଖ ଦ୍ରୁତ ବୋଲର ଲୁଙ୍ଗିଏନଗିଡି ଆହତ ହେବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ସେ ମ୍ୟାଚର ତୃତୀୟ ଓଭରରେ ପ୍ରିୟନ୍ସ ଆର୍ଯ୍ୟଙ୍କ ବଲକୁ କ୍ୟାଚ କରିବାକୁ ଯାଇ ଆହତ ହୋଇଥିଲେ । ଭାରସାମ୍ୟ ହରାଇ ତଳେ ପଡିଯାଇଥିବାରୁ ତାଙ୍କ ବେକ ମୋଡି ହୋଇଯାଇଥିଲା । ସେ ଏହି ମ୍ୟାଚରେ ଗୋଟିଏ ଓଭର ବୋଲିଂ କରିନାହାନ୍ତି । ତେଣୁ ପଞ୍ଜାବର ରନ ସଂଗ୍ରହରେ ଦିଲ୍ଲୀ ଅଙ୍କୁଶ ଲଗାଇବାକୁ ସକ୍ଷମ ହୋଇପାରିନଥିଲା ।

## ଆଜିର ମ୍ୟାଚ

- ▸▸ ଚେନ୍ନାଇ - ଗୁଜରାଟ
- ▸▸ ସ୍ଥାନ- ଚେନ୍ନାଇ
- ▸▸ ସମୟ- ଅପରାହ୍ନ ୩.୩୦
- * ଲକ୍ଷ୍ନୌ - କୋଲକାତା
- * ସ୍ଥାନ - ଲକ୍ଷ୍ନୌ
- * ସମୟ - ରାତି ୭.୩୦
- ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୧୦ |
| ସନରାଇଜର୍ସ | ୮ | ୫ | ୩ | ୧୦ |
| ରାଜସ୍ଥାନ | ୮ | ୫ | ୩ | ୧୦ |
| ଚେନ୍ନାଇ | ୭ | ୩ | ୪ | ୬ |
| ଦିଲ୍ଲୀ | ୭ | ୩ | ୪ | ୬ |
| ଗୁଜରାଟ | ୭ | ୩ | ୪ | ୬ |
| ମୁମ୍ବାଇ | ୭ | ୨ | ୫ | ୪ |
| ଲକ୍ଷ୍ନୌ | ୭ | ୨ | ୫ | ୪ |
| କୋଲକାତା | ୭ | ୧ | ୫ | ୩ |

# ଆଇପିଏଲରେ ୧୮ ବର୍ଷ ତଳର ବିବାଦ ମୁଣ୍ଡ ଟେକିଲା

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଆଇପିଏଲର ୧୯ତମ ସଂସ୍କରଣ ଜାରି ରହିଥିବା ବେଳେ ୧୮ ବର୍ଷ ତଳର ବିବାଦ ମୁଣ୍ଡ ଟେକିଛି । ୨୦୦୮ ଆଇପିଏଲ ସମୟରେ ହୋଇଥିବା ବିବାଦକୁ ନେଇ ଦୁଇ ପୂର୍ବତନ ଖେଳାଳି ମୁହାଁମୁହିଁ ହୋଇଛନ୍ତି । ଏପରିକି ଗୁରୁତର ଅଭିଯୋଗ ଲଗାଇଛନ୍ତି । ପରସ୍ପରକୁ ବ୍ଲକ ମଧ୍ୟ କରିଛନ୍ତି । ଭାରତୀୟ ଦଳର ପୂର୍ବତନ ଦ୍ରୁତ ବୋଲର ଏସ ଶ୍ରୀସନ୍ଥ କହିଛନ୍ତି ଯେ, ୨୦୦୮ ଆଇପିଏଲର ସ୍ଲାପ ଗେଟ୍ ମାମଲାକୁ ନେଇ ଏକ ବିଜ୍ଞାପନରେ ହରଭଜନ ସିଂ ଏକ କୋଟି ଟଙ୍କା ରୋଜଗାର କରିଛନ୍ତି । ଶ୍ରୀସନ୍ଥଙ୍କ ଏହି ଦାବି ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ଫଳରେ ୨୦୦୮ ସିଜନରେ ଅପବାଦ ମୁଣ୍ଡାଇଥିବା ସ୍ଲାପ ଗେଟ ମାମଲା ପୁଣି ଚର୍ଚ୍ଚାକୁ ଆସିଛି । ଶ୍ରୀସନ୍ଥ କହିଛନ୍ତି ହରଭଜନ ସ୍ଲାପ ଗେଟ ଉପରେ ଆଧାରିତ ଏକ ବିଜ୍ଞାପନରେ କାମ କରିଛନ୍ତି । ଏହି ବିଜ୍ଞାପନ ଜରିଆରେ କୋଟିଏରୁ ଅଧିକ ଟଙ୍କା ଆୟ କରିଛନ୍ତି । ଏପରିକି ସେହି ବିଜ୍ଞାପନକୁ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିବାକୁ କହିଥିଲେ । ଯାହା ଶ୍ରୀସନ୍ଥକୁ ଭଲ ଲାଗି ନଥିଲା । ସେ ନିଜେ କୌଣସି ସାକ୍ଷାତକାରରେ ହରଭଜନକୁ ପୂର୍ବରୁ କିଛି କହିନାହାନ୍ତି । କିନ୍ତୁ ଏବେ ସେ ପ୍ରଥମଥର ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି । ହରଭଜନ କିଛି ଠିକ୍ କରୁନଥିବା ଅଭିଯୋଗ କରିଛନ୍ତି । ପଡ଼ିଆରେ ଚାପୁଡା ମାରିବା ଘଟଣାରେ ସେ ହରଭଜନଙ୍କୁ କ୍ଷମା କରିଦେଇଥିଲେ । ହେଲେ କେବେ ଘଟଣାକୁ ଭୁଲିବେ ନାହିଁ ବୋଲି କହିଥିଲେ । କେହି କିଛି ଭୁଲ କଲେ କ୍ଷମା କରିବା ଉଚିତ । କିନ୍ତୁ ଭୁଲିବା କଥା ନୁହେଁ । ଯଦି ଘଟଣାକୁ ସେ ଭୁଲି ଯିବେ ହରଭଜନ ପୁଣି ସମାନ କଥା ଦୋହରାଇବେ । ଏବେ ହରଭଜନଙ୍କ ସହ ତାଙ୍କର କିଛି ସମ୍ପର୍କ ନାହିଁ । ବିଜ୍ଞାପନରେ ଅପମାନିତ କରିବା ପରେ ସେ ହରଭଜନଙ୍କୁ ଇନଷ୍ଟାଗ୍ରାମରେ ବ୍ଲକ କରିଦେଇଛନ୍ତି ।



# ମ୍ୟାଚ ଛଡାଇ ନେଲା ସନରାଇଜର୍ସ

ଜୟପୁର,୨୫।୪(ଏଜେନ୍ସି): ଶକ୍ତିଶାଳୀ ରାଜସ୍ଥାନ ରୟାଲ୍ସକୁ ୫ ୱିକେଟରେ ପରାଜିତ କରିଛି ସନରାଇଜର୍ସ ହାଇଦ୍ରାବାଦ । ଚଳିତ ଆଇପିଏଲରେ ଏହା ସନରାଇଜର୍ସର ପଞ୍ଚମ ବିଜୟ । ରାଜସ୍ଥାନ ରୟାଲ୍ସ ବୈଭବ ସୂର୍ଯ୍ୟବଂଶୀଙ୍କ ଶତକ ଓ ଧ୍ରୁବ ଜୁରେଲଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ୱିକେଟ୍ ହରାଇ ୨୨୮ ରନ୍ କରିଥିଲା । ଜବାବରେ ସନରାଇଜର୍ସ ୧୮.୩ ଓଭରରେ ୨୨୯/୫ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ତେଣୁ ରାଜସ୍ଥାନର କୁନି ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ବଡ଼ ଇନିଂସ ବିଫଳ ହୋଇଛି ।

ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲଙ୍କ ସହ ବୈଭବ ପାଳି ଆରମ୍ଭ କରିଥିଲେ । ଦଳୀୟ ସ୍କୋର ୨.୨ ଓଭରରେ ୪୦ ରନରେ ପହଞ୍ଚିଥିଲା । ୧୦ ରନ୍ କରି ଜୟସ୍ୱାଲ ପାଭିଲିୟନ୍ ଫେରିଥିଲେ । ଏହାପରେ ଧ୍ରୁବ ଜୁରେଲଙ୍କ ସହ ବୈଭବ ଦ୍ରୁତ ରନ ସଂଗ୍ରହ କରିଥିଲେ । ବୈଭବ ୩୭ ବଲରୁ ୫ ଚୌକା ଓ ୧୨ ଛକା ସହାୟତାରେ ୧୦୩ ରନ୍ କରିଥିଲେ । ଧ୍ରୁବ ୩୫ ବଲରୁ ୫୧ ରନ କରିଥିଲେ । ଅଧିନାୟକ ରିଆନ ପରାଗ ୭, ଡୋନୋଭାନ ଫେରେଇରା ୩୩ ରନ୍ ସିମରନ ହେଟମେୟାର ୧୧ ରନ କରିଥିଲେ । ସନରାଇଜର୍ସର ଏହସାନ ମାଲିଙ୍ଗାଙ୍କୁ ସର୍ବାଧିକ ୨ ୱିକେଟ୍ ସଫଳତା ମିଳିଥିଲା ।

୨୩୮ ରନର ବିଜୟଲକ୍ଷ୍ୟକୁ ସନରାଇଜର୍ସ ହାଇଦ୍ରାବାଦ ପିଛା କରି ଆରମ୍ଭରୁ ଓପନର ଟ୍ରେଭିସ ହେଡଙ୍କୁ ହରାଇଥିଲା । ହେଡ ୬ ରନ୍ କରି ଆର୍ଚରଙ୍କ ଶିକାର ହୋଇଥିଲେ । ଅଭିଷେକ ଶର୍ମା ୫୭ ଓ ଇଶାନ କିଷାନ ୭୪ ରନର ଇନିଂସ ଖେଳିବାରୁ ହାଇଦ୍ରାବାଦର ବିଜୟ ସହଜ ହୋଇଥିଲା । ଅଭିଷେକ ୨୯ ବଲରୁ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ୫୭ ରନ୍ କରିଥିଲେ । ଇଶାନ ୩୧ ବଲରୁ ୩ଟି ଛକା ଓ ୧୧ଟି ଚୌକା ମାରି ୭୪ କରିଥିଲେ । ନୀତିଶ କୁମାର ରେଡ୍ଡୀ ୧୮ ବଲରୁ ୩୬ ରନ କରିଥିଲେ । କ୍ଲାସେନ ୨୯ ରନ କରି ଆଉଟ୍ ହୋଇଥିଲେ । ସଲିଲ ଅରୋରା ୬ ମାରି ମ୍ୟାଚ ଶେଷ କରିଥିଲେ । ବିଜୟ ସହ ସନରାଇଜର୍ସ ୮ ମ୍ୟାଚରୁ ୧୦ ପଏଣ୍ଟ ଲାଭ କରି ଟେବୁଲର ତୃତୀୟକୁ ଉଠିଛି ।

# ଶତକ ମାରି ରେକର୍ଡ ଭାଙ୍ଗିଲେ ରାହୁଲ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଲୋକେଶ ରାହୁଲ ପଞ୍ଜାବକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଧୂଆଁଧାର ବ୍ୟାଟିଂ କରିଛନ୍ତି । ସେ ୪୭ ବଲରୁ ଶତକ ମାରି ରେକର୍ଡ କରିଛନ୍ତି । ଆଇପିଏଲରେ ସର୍ବାଧିକ ଶତକ ମାରିବା ତାଲିକାରେ ଲୋକେଶ ରାହୁଲ ତୃତୀୟକୁ ଉଠିଛନ୍ତି । ଏହି ଶତକୀୟ ଇନିଂସ ସହ ରାହୁଲ ୨୦୨୬ର ଅରେଞ୍ଜ କ୍ୟାପ ହାସଲ କରିଛନ୍ତି । ଆଇପିଏଲ କ୍ୟାରିୟରରେ ୫୦୦୦ରୁ ଅଧିକ ରନ୍ କରିଥିବା ରାହୁଲ ପଞ୍ଜାବ ବିପକ୍ଷରେ ଶତକୀୟ ଇନିଂସ ଖେଳି ୩ଟି ରେକର୍ଡ ଭାଙ୍ଗିଛନ୍ତି । ଆଇପିଏଲରେ ଏହା ରାହୁଲଙ୍କ ଷଷ୍ଠ ଶତକ । ଲିଗରେ ସର୍ବାଧିକ ଶତକ ମାରିବାରେ ସେ କ୍ରିସ ଗେଲଙ୍କ ସମକକ୍ଷ ହୋଇଛନ୍ତି । ଏହି ତାଲିକାରେ ତାଙ୍କ ଆଗରେ ବିରାଟ କୋହଲି ୮ ଶତକ ଓ ଯୋଶ ବଟ୍ଲର ୭ ଶତକ ମାରିଛନ୍ତି ।

ରାହୁଲ ୪୭ ବଲରେ ଶତକ ପୂରଣ କରିଛନ୍ତି । ସେ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଦ୍ରୁତତମ ଶତକ ହାସଲ କରିଛନ୍ତି । ଏହି ଇନିଂସ ଜରିଆରେ ସେ ବୀରେନ୍ଦ୍ର ସେହ୍ୱାଗ ଓ କ୍ୱିଣ୍ଟନ ଡିକକଙ୍କ ରେକର୍ଡ ଭାଙ୍ଗିଛନ୍ତି । ସେହ୍ୱାଗ ଓ ଡିକକ୍ ଦିଲ୍ଲୀ ପାଇଁ ୪୮ ବଲରେ ଶତକ ପୂରଣ କରିଥିଲେ । ରାହୁଲ ଆଇପିଏଲରେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ୧୫୦ କିମ୍ବା ତା'ଠୁ ଅଧିକ କରିଛନ୍ତି । ମୋଟ୍ ଉପରେ ଆଇପିଏଲରେ ରାହୁଲଙ୍କ ୧୫୨ ରନ୍ ତୃତୀୟ ସର୍ବୋଚ୍ଚ ସ୍କୋର ତାଙ୍କ ଆଗରେ କ୍ରିସ ଗେଲ ୧୭୫ ରନ୍ ସହ ପ୍ରଥମ ଓ ବ୍ରେଣ୍ଡନ ମ୍ୟାକକୁଲନ୍ ୧୫୮ ରନ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।




# ଏନଗିଡି ଆହତ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଆଇପିଏଲରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚରେ ବଡ଼ ଅଘଟଣ ଘଟିଛି । ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଲୁଙ୍ଗି ଏନଗିଡି ଆହତ ହୋଇଛନ୍ତି । କ୍ୟାଚ ଧରିବା ସମୟରେ ବେକ ମୋଡି ହୋଇଯିବାରୁ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରି ଲୋକେଶ ରାହୁଲଙ୍କ ବିସ୍ଫୋରକ ୧୫୨ ରନ୍ ସହାୟତାରେ ୨୬୪ ରନ୍ କରିଥିଲା । ୨୬୫ ରନର ଲକ୍ଷ୍ୟକୁ ପିଛା କରିଥିଲା ପଞ୍ଜାବ । ମ୍ୟାଚର ତୃତୀୟ ଓଭରରେ ପଞ୍ଜାବର ପ୍ରିୟନ୍ସ ଆର୍ଯ୍ୟଙ୍କ ଏକ ସଟକୁ କ୍ୟାଚ ଧରିବା ପାଇଁ ମିଡ଼ଅଫ୍ ଅଞ୍ଚଳରୁ ଏନଗିଡି ପଞ୍ଚୁଆ ଦୌଡ଼ିଥିଲେ । ନିଜ ଉପରେ ନିୟନ୍ତ୍ରଣ ହରାଇ ସେ ତଳେ ପଡିଯାଇଥିଲେ । ତାଙ୍କ ବେକ ମୋଡି ହୋଇଯାଇଥିଲା । ପ୍ରାୟ ୧ ମିନିଟ ପର୍ଯ୍ୟନ୍ତ ମୁହଁ ମାଡି ପଡିରହିଥିଲେ । ସାଙ୍ଗେ ସାଙ୍ଗେ ପଡିଆକୁ ଆସି କଥା ହୋଇଥିଲେ । ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଆବଶ୍ୟକ ପରୀକ୍ଷା କରାଯାଇଛି । ଡାକ୍ତର ତାଙ୍କ ଉପରେ କଡ଼ା ନଜର ରଖିଛନ୍ତି । ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ଥିତି ସ୍ପଷ୍ଟ ହେବ ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକୃତି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ଥୋମାସ ଉବେର କପ୍: ଜିତିଲେ ପୁରୁଷ, ହାରିଲେ ମହିଳା

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ପୂର୍ବତନ ଚାମ୍ପିଅନ ଭାରତ ଥୋମସ କପର ଗ୍ରୁପ୍ ପର୍ଯ୍ୟାୟରେ କାନାଡାକୁ ହରାଇଛି । ଭାରତୀୟ ପୁରୁଷ ଟିମ୍ ୪-୧ ଗେମରେ କାନାଡାକୁ ଧରାଶାୟୀ କରିଥିଲା । ତେଣୁ ଭାରତୀୟଙ୍କ ପାଇଁ ସେମିଫାଇନାଲରେ ପ୍ରବେଶ କରିବାର ସୁବର୍ଣ୍ଣ ସୁଯୋଗ ରହିଛି । ସେହିଭଳି ଉବେର କପରେ ଭାରତୀୟ ମହିଳା ଦଳ ଗ୍ରୁପ ଏ' ପର୍ଯ୍ୟାୟ ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଛି । ଭାରତୀୟ ମହିଳା ଦଳ ୧-୩ ବ୍ୟବଧାନରେ ଡେନମାର୍କ ନିକଟରୁ ହାରି ଯାଇଛି ।

ଉବେର କପ ମ୍ୟାଚରେ ଲକ୍ଷ୍ୟ ସେନଙ୍କୁ ଛାଡି ଦେଲେ ଅନ୍ୟ ସମସ୍ତେ ବିଜୟୀ ହୋଇଥିଲେ । ପ୍ରଥମ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ୨୧-୧୮, ୧୯-୨୧, ୧୦-୨୧ ଗେମରେ କାନାଡାର ଭିକ୍ଟର ଲାଇନଙ୍କ ନିକଟରୁ ହାରି ଯାଇଥିଲେ । ଦ୍ୱିତୀୟ ମ୍ୟାଚରେ ସାତ୍ତ୍ୱିକ ସାଇରାଜ ରଣକୀ ରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡି ୨୧-୧୦, ୨୧-୧୧ ଗେମରେ ଜୋନାଥନ ବିଙ୍ଗ ତାସାନଲାଇ ଓ କେଭିନ ଲିଙ୍କୁ ହରାଇଥିଲେ । ତେଣୁ ଭାରତ ଓ କାନାଡା ମଧ୍ୟରେ ସ୍ଥିତି ୧-୧ରେ ବରାବର ହୋଇଥିଲା । ତୃତୀୟ ମ୍ୟାଚରେ ଏସିଆନ୍ ଚାମ୍ପିଅନସିପ ରୌପ୍ୟ ପଦକ ବିଜୟୀ ଆୟୁଷ ସେଠୀ ୨୧-୧୩, ୨୧-୧୭ ଗେମରେ ବ୍ରିଆନୟଙ୍ଗଙ୍କୁ ପରାଜିତ କରି ଭାରତକୁ ୨-୧ରେ ଅଗ୍ରଣୀ କରିଥିଲେ । ଡବଲ୍ସରେ ହରିହରଣ ଓ ଏମଆର ଅର୍ଜୁନଙ୍କ ଯୋଡି ୨୧-୭, ୨୧-୧୫ ଗେମରେ ଆଲେକ୍ସଜାଣ୍ଡର ଲିଣ୍ଡେମ୍ୟାନ ଓ ନାଇଲି ୟାକୁରାଙ୍କୁ ପରାଜିତ କରିବାରୁ ଭାରତ ୩-୧ରେ ଆଗୁଆ ରହିଥିଲା । ଶେଷ ମ୍ୟାଚରେ କିଦାମ୍ବୀ ଶ୍ରୀକାନ୍ତ ୨୧-୧୭, ୨୧-୧୨ ଗେମରେ ଜୋ ସାଉ ନାଗୁଏନଙ୍କୁ ହରାଇଥିଲେ । ଉବେର କପରେ ଭାରତୀୟ ମହିଳା ଦଳ ହାରିଯାଇଛି । ଡେନମାର୍କ ନିକଟରୁ ଭାରତ ୩-୧ ବ୍ୟବଧାନରେ ହାରିଛି । ପିଭି ସିନ୍ଧୁ ମହିଳା ସିଙ୍ଗଲ୍ସରେ ବିଜୟ ହେବା ସହ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ଡବଲ୍ସ ଓ ସିଙ୍ଗଲ୍ସରେ ବିଫଳତା ମିଳିଥିଲା ।



### ରାଜ୍ୟ କ୍ୟାଡେଟ ଜୁନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ

# ଲଢ଼ିଲେ ୨୮୪ କରାଟେକା

ଭୁବନେଶ୍ୱର,୨୫।୪(ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଚାଲିଥିବା ୩୭ତମ ରାଜ୍ୟ କାଡେଟ ଜୁନିୟର ଏବଂ ୩୮ତମ ସବଜୁନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ ୧୦, ୧୧ ଓ ୧୨ ବର୍ଷରୁ କମ ବାଳକ ଓ ବାଳିକାଙ୍କ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଜିଲ୍ଲାରୁ ମୋଟ୍ ୨୮୪ ଜଣ କରାଟେକା ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ବିଚାରପତି ଓ ରେଫରୀ ସର୍ବେସ ଅଗ୍ରୱାଲ, ଦେବବ୍ରତ ସମାଦର ଅରବିନ୍ଦ ବାରିକ, ଆଦିତ୍ୟ ମିଶ୍ର, ସନକ କୁମାର ଦେଓ, ହୃଦୟ ଶବର, ଗୋପାଳ କଅଁର, ସୁରେଶ ଜାଲ, ଦେବେନ୍ଦ୍ର ରାଣା, ପ୍ରଦୀପ ଦେ, ମହେଶ ବରାଳ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ରାଜ୍ୟ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି, ସହସମ୍ପାଦକ କାଳୀ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି